
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୬ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 16 April 2026
Vol.No. 36 ■ No.100 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ପ୍ରଥମ ଆଲୋଚନା ବିଫଳ ପରେ ପୁଣି ଆଲୋଚନା ପାଇଁ ପ୍ରସ୍ତୁତ: ଏଥର ଦୁଇ ସର୍ତ୍ତ ରଖିଲା ଆମେରିକା



ନୂଆଦିଲ୍ଲୀ,୧୫/୪ : ଆମେରିକା-ଇରାନ ମଧ୍ୟରେ ଇସଲାମାବାଦରେ ହୋଇଥିବା ପ୍ରଥମ ଶାନ୍ତି ଚୁକ୍ତି ବୈଠକ ଫେଲ ମାରିବା ପରେ ପୁଣି ଆଲୋଚନା ପାଇଁ ପ୍ରସ୍ତୁତି ଚାଲିଛି। ଦ୍ୱିତିୟ ପର୍ଯ୍ୟାୟ ଆଲୋଚନା ପାକିସ୍ତାନରେ ହେବାକୁ ଥିବା ବେଳେ ଏହା ପୂର୍ବରୁ ଯୁକ୍ତରାଷ୍ଟ୍ର ଆମେରିକା ଦୁଇଟି ନୂଆ ସର୍ତ୍ତ ରଖିଛି । ସେପଟେ ପରମାଣୁ କାର୍ଯ୍ୟକ୍ରମ ଉପରେ ଅଟକିଛି ଦୁଇ ଦେଶ ମଧ୍ୟରେ ହେବାକୁ ଥିବା ଶାନ୍ତି ଚୁକ୍ତି। ଯୁକ୍ତରାଷ୍ଟ୍ର ଏବଂ ଇରାନ୍ ମଧ୍ୟରେ ଯୁଦ୍ଧବିରାମ ପାଇଁ କୂଟନୀତିକ ପ୍ରୟାସ ଜାରି ରହିଛି। ପ୍ରଥମ ଶାନ୍ତି ଚୁକ୍ତି ବୈଠକ ଫେଲ ମାରିବା ମାରିବା ପରେ ଯୁଦ୍ଧକୁ ନେଇ ଅନିଶ୍ଚିତତା ବଢିବାରେ ଲାଗିଛି। ସପ୍ତାହ ମଧ୍ୟରେ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହେବାର ଅଛି। ଯୁକ୍ତରାଷ୍ଟ୍ର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ତେହରାନ୍ ସହିତ ନୂଆ ଆଲୋଚନା ଦୁଇ ଦିନ ମଧ୍ୟରେ ପୁନଃଆରମ୍ଭ ହୋଇପାରେ। ଠିକ୍ ଲୋକଙ୍କ ସହ ଏବେ ଆମେରିକା କଥାବାର୍ତ୍ତା ଚଳାଇଛି। ତେବେ ଏହି ଆଲୋଚନା ପୂର୍ବରୁ ଆମେରିକା ଦୁଇଟି ନୂଆ ସର୍ତ୍ତ ରଖିଛି। ହର୍ମୁଜ୍ ପ୍ରଣାଳୀ ସମ୍ପୂର୍ଣ୍ଣ ମୁକ୍ତ ଏବଂ ଇରାନର ଶାନ୍ତି ପ୍ରତିନିଧି ଦଳରେ ଇରାନ ସେନାର ଅଧିକାରୀ ରହିବେ। ଯେଉଁମାନେ କୌଣସି ଚୁକ୍ତି ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରିବେ। ଆମେରିକାର ଏଭଳି ସର୍ତ୍ତ ପଛରେ ଇରାନ ସେନା ଓ ରାଜନୈତିକ ନେତୃତ୍ୱ ମଧ୍ୟରେ ଥିବା ବିବାଦ କୁହାଯାଇଛି। ଇସ୍ରାଏଲର ଏକ ରିପୋର୍ଟରେ ଦାବି କରାଯାଇଛି ଯେ ଇରାନର ରାଷ୍ଟ୍ରପତି, ବୈଦେଶିକ ମନ୍ତ୍ରୀ ଏବଂ ଇସ୍‌ଲାମିକ୍

◆◆ପୃଷ୍ଠା ୭

# ଏଣିକି ସ୍ଲଟ୍ ବୁକିଂରେ ହେବ କାଳିଆ ଦର୍ଶନ

## ମୋବାଇଲ୍ ବ୍ୟବହାର ଜାଣିନଥିବା ଶ୍ରଦ୍ଧାଳୁ କରିବେ କ'ଣ ?



ପୁରୀ, ୧୫/୪ (ନି.ପ୍ର): ଶ୍ରୀମନ୍ଦିରରେ ହେବ ସ୍ଲଟ୍ ବୁକିଂ ଦର୍ଶନ ବ୍ୟବସ୍ଥା । ଏଭଳି କିଛି ଚିନ୍ତା କରୁଛନ୍ତି ରାଜ୍ୟ ସରକାର। ସ୍ଲଟ୍ ବୁକିଂ ଦର୍ଶନ ସହ ଧାଡ଼ି ଦର୍ଶନ ବ୍ୟବସ୍ଥା ମଧ ଏକକାଳୀନ ଚାଲିବ । ଆଇନ ମନ୍ତ୍ରୀଙ୍କ ଏଭଳି ସୂଚନା ପରେ ସ୍ଲଟ ବୁକିଂ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବଢୁଛି ଶ୍ରଦ୍ଧାଳୁଙ୍କ ଭିଡ଼ । ପର୍ବପର୍ବାଣୀରେ ଏହି ସଂଖ୍ୟା ଆହୁରି ଅଧିକ । ଏବେ ଶ୍ରଦ୍ଧାଳୁ ବ୍ୟାରିକେଡରେ ଯାଇ ଶୃଙ୍ଖଳିତ ଦର୍ଶନ କରୁଛନ୍ତି । ଏଭଳି କ୍ଷେତ୍ରରେ ଶ୍ରୀମନ୍ଦିରରେ ସ୍ଲଟ ବୁକିଂ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ଏହି ସମୟରେ ଧାଡ଼ି ଦର୍ଶନ ବ୍ୟବସ୍ଥା ମଧ ରହିବ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି ଚାଲିଥିବା ବେଳେ ତାକୁ ଦୃଷ୍ଟିରେ ରଖି ସ୍ଲଟ ବୁକିଂ ବ୍ୟବସ୍ଥା ହେବ । ଏଥିପାଇଁ ଶ୍ରୀମନ୍ଦିରରେ ହୋଲ୍ଡିଂ ଏରିଆ କରାଯିବ । ଦେଶରେ ଅନ୍ୟ ତୀର୍ଥ ସ୍ଥାନରେ ସ୍ଲଟ ବୁକିଂ ବ୍ୟବସ୍ଥା ଥିବା ବେଳେ ପୁରୀରେ ଏହି ବ୍ୟବସ୍ଥାକୁ ଅନେକ ସ୍ୱାଗତ କରୁଛନ୍ତି । ରାଜ୍ୟରେ ଅନେକ ଲୋକ ମୋବାଇଲ ଜାଣି ନାହାନ୍ତି। ସେମାନେ ସ୍ଲଟ ବୁକିଂ କରିବାକୁ ଚାହୁଁଥିଲେ କରିବେ କଣ ? ଧାଡ଼ି ଦର୍ଶନ ବ୍ୟତୀତ ସେମାନଙ୍କ ପାଖରେ ବିକଳ୍ପ ବ୍ୟବସ୍ଥା କ'ଣ ? ବୋଲି ପ୍ରଶ୍ନ ଉଠିଛି । ତେବେ ସ୍ଲଟ୍ ବୁକିଂ ବ୍ୟବସ୍ଥା ଶୃଙ୍ଖଳିତ ହେବା ସହ ଗଳାବାଟ ଦର୍ଶନ ବ୍ୟବସ୍ଥା ବନ୍ଦ ହେବା ଦରକାର ବୋଲି ଶ୍ରଦ୍ଧାଳୁ କହିଛନ୍ତି । ଛତିଶା ନିଯୋଗ, ଶ୍ରୀମନ୍ଦିର ପରିଚାଳନା କମିଟି, ଗଜପତିଙ୍କ ସହ ଆଲୋଚନା ହେବା ଆବଶ୍ୟକ ବୋଲି ସେବାୟତ କହିଛନ୍ତି । ଶ୍ରୀମନ୍ଦିରରେ ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ପାଇଁ ମଧ ବିଚାରବିମର୍ଶ ଚାଲିଥିବା କହିଛନ୍ତି ମନ୍ତ୍ରୀ ।

## ଛତିଶଗଡ଼ ପାୱାର ପ୍ଲାଂଟ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୭କୁ ବୃଦ୍ଧି

ନୂଆଦିଲ୍ଲୀ,୧୫/୪ : ଛତିଶଗଡ଼ର ଶକ୍ତି ଜିଲ୍ଲାରେ ବେଦାନ୍ତ ପାୱାର ପ୍ଲାଂଟ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୭କୁ ବୃଦ୍ଧି ପାଇଛି। ଜିଲ୍ଲା ପୋଲିସ ଅଧୀକ୍ଷକ ପ୍ରଫୁଲ ଠାକୁର ଏହି ସୂଚନା ପ୍ରଦାନ କରିଛନ୍ତି। ପୋଲିସ ଅଧୀକ୍ଷକ କହିଛନ୍ତି ଯେ ମଙ୍ଗଳବାରର ଭୟଙ୍କର ଦୁର୍ଘଟଣାରେ ମୋଟ ୩୬ ଜଣ ଶ୍ରମିକ ପୋଡ଼ିଯାଇଛନ୍ତି। ଏଥିମଧ୍ୟରୁ ୧୭ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୯ ଜଣ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। କଲେକ୍ଟର ଅମୃତ ବିକାଶ ଟପ୍ପୋ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଇଙ୍କ ନିର୍ଦ୍ଦେଶ ଅନୁଯାୟୀ, ଆହତମାନଙ୍କୁ ସର୍ବୋତମ ଚିକିତ୍ସା ଯୋଗାଇବା ପାଇଁ ଯଥାସମ୍ଭବ ପ୍ରୟାସ କରାଯାଉଛି। ସେ କହିଛନ୍ତି ଯେ ମୃତକମାନଙ୍କୁ ଚିହ୍ନଟ କରାଯାଉଛି ଏବଂ ସେମାନଙ୍କ ପରିବାର ସହିତ ଯୋଗାଯୋଗ କରାଯାଉଛି। ପୋଷ୍ଟମର୍ଟମ ପରେ ମୃତଦେହଗୁଡ଼ିକୁ ଆମ୍ବୁଲାନ୍ସ ମାଧ୍ୟମରେ ସେମାନଙ୍କ ଜନ୍ମଭୂମି ଗ୍ରାମକୁ ପଠାଇବା ଏବଂ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। କଲେକ୍ଟର କହିଛନ୍ତି ଯେ ଘଟଣାର ମାଜିଷ୍ଟ୍ରେଟ୍ ତଦନ୍ତ ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି, ଏବଂ ତଦନ୍ତ ଦଳ ଶୀଘ୍ର ଘଟଣାସ୍ଥଳ ଯାଂଚ କରିବେ। ରିଲିଫ୍ ରାଶି ଘୋଷଣା ବେଦାନ୍ତ ପରିଚାଳନା ପକ୍ଷରୁ ମୃତକଙ୍କ ପରିବାରକୁ ୩୫ ଲକ୍ଷ କ୍ଷତିପୂରଣ ଏବଂ ଜଣେ ସଦସ୍ୟଙ୍କୁ ଚାକିରି ଘୋଷଣା କରାଯାଇଛି।

## ମହିଳା ପ୍ରତିନିଧିତ୍ୱରେ ଓଡିଶା ରୋଲ ମଡେଲ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫/୪ (ନି.ପ୍ର): ନାରୀ ଶକ୍ତି ବନ୍ଦନ ନେଇ ପ୍ରତିକ୍ରିୟା ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ସେ କହିଛନ୍ତି ଏବେ ଭାଗିଦାରୀ ନୁହେଁ ପ୍ରତିନିଧିତ୍ୱ ଦରକାର। ୨୭ ବର୍ଷର ଅପେକ୍ଷାର ଅନ୍ତ ପରେ ସଂସଦ ଓ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ଆଣିବାକୁ ଯାଉଛନ୍ତି କେନ୍ଦ୍ର ସରକାର। ୨୦୨୯ରେ ଏକ ତୃତୀୟାଂଶ ମହିଳା ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବା ପାଇଁ ଏହି ସଂରକ୍ଷଣ ବିଲ ଆସୁଛି। ଓଡିଶା ହେଉଛି ମହିଳା ପ୍ରତିନିଧିତ୍ୱରେ ବେଷ୍ଟ ଓ ରୋଲ ମଡେଲ ଏବଂ ରାଜ୍ୟର ବଡ଼ ପଦ ପଦବୀରେ ମହିଳାମାନେ ହିଁ ଅଛନ୍ତି। ମୁଖ୍ୟ ଶାସନ ସଚିବଙ୍କଠୁ ଆରମ୍ଭ କରି ଉପ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ମହିଳା। ଏହାସହ ଓଡିଶାର ଜଣେ ଝିଅ ଆଜି ଭାରତ ବର୍ଷର ରାଷ୍ଟ୍ରପତି।

# ଜନ୍ମ ନେଲା 'ଓଡ଼ିଶା ଜନତା କଂଗ୍ରେସ': ଭୁବନେଶ୍ୱରରୁ ମୋକିମଙ୍କ ରଣହୁଙ୍କାର




ଭୁବନେଶ୍ୱର, ୧୫/୪ (ନି.ପ୍ର): ଓଡ଼ିଶାରେ ଆଜି ଆଉ ଏକ ଆଞ୍ଚଳିକ ଦଳର ମୂଳଦୂଆ ପଡ଼ିଛି। ବିଶାଳ ସମାବେଶ କରି ଓଡ଼ିଶା ଜନତା କଂଗ୍ରେସ ଦଳର ଶୁଭାରମ୍ଭ କରିଛନ୍ତି ପ୍ରତିଷ୍ଠାତା ମହମ୍ମଦ ମୋକିମ । ଉଭୟ ଶାସକ ଓ ବିରୋଧୀ ଦଳଙ୍କୁ ଟାର୍ଗେଟ କରିବା ସହ ପୌର ଓ ପଞ୍ଚାୟତ ନିର୍ବାଚନ ଲଢ଼ିବାକୁ ଘୋଷଣା କରିଛନ୍ତି । ଆଜିର ସମାବେଶରେ ଯୋଗ ଦେଇ ପୁଣି ଚର୍ଚ୍ଚା ବଢ଼ାଇଛନ୍ତି କଂଗ୍ରେସରୁ ନିଲମ୍ବିତ ବିଧାୟିକ ସୋଫିଆ ଫର୍ଦୋଷ । ଦୀର୍ଘ ବର୍ଷ ପରେ ଓଡ଼ିଶାରେ ପୁଣି ଜନ୍ମ ନେଇଛି ଆଉ ଏକ ଆଞ୍ଚଳିକ ଦଳ । କଂଗ୍ରେସରୁ ବହିଷ୍କୃତ ହେବା ପରେ ବିଭିନ୍ନ ଅଞ୍ଚଳ ବୁଲି ବଳ ଗୋଟାଇବା ପରେ ଆଜି ବିଧିବଦ୍ଧ ଭାବେ ନୂଆ ଦଳ ଓଡ଼ିଶା ଜନତା କଂଗ୍ରେସ ଜନ୍ମ ନେଇଛି । ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ବିଶାଳ ସମାବେଶର ଆୟୋଜନ କରି ଓଡ଼ିଆଙ୍କ ପାଇଁ ଓଡ଼ିଶା ନାରା ଦେଇ ଅଭିଯାନ ଆରମ୍ଭ କରିଛନ୍ତି। ବହୁ ସମାଜସେବୀ, ସୂଚନା ଅଧିକାର କର୍ମୀ, ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ହଜାର ହଜାର ଯୁବବର୍ଗ ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସଭାମଞ୍ଚରୁ ରଣହୁଙ୍କାର ଦେଇ ମୋକିମ କହିଛନ୍ତି ଓଡ଼ିଆଙ୍କ ହକ୍ ପାଇଁ ଲଢ଼ିବ 'ଓଡ଼ିଶା ଜନତା କଂଗ୍ରେସ' । ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନ ଲଢ଼ିବାକୁ ଘୋଷଣା କରିଛନ୍ତି । ଉଭୟ ଶାସକ ଓ ବିରୋଧୀ ଦଳ ଉପରେ ବର୍ଷିଛନ୍ତି। ଓଡ଼ିଶା ଜନତା କଂଗ୍ରେସ ଦଳ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିଲେ ବିଧାୟିକା ସୋଫିଆ ଫିର୍ଦୋସ ।

◆◆ପୃଷ୍ଠା ୭

## ସାଧ୍ୱୀ ନିରଂଜନ ଜ୍ୟୋତିଙ୍କୁ ଧମକ

ନୂଆଦିଲ୍ଲୀ,୧୫/୪ : ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏବଂ ପଛୁଆ ବର୍ଗ କମିଶନର ବର୍ତମାନର ଅଧ୍ୟକ୍ଷା ସାଧ୍ୱୀ ନିରଂଜନ ଜ୍ୟୋତିଙ୍କୁ ବୋମାରେ ଉଡ଼ାଇ ଦେବାକୁ ଧମକ ମିଳିଛି । ସେମାନଙ୍କ ସରକାରୀ ଇମେଲ ମାଧ୍ୟମରେ ମିଳିଥିବା ଧମକରେ ସେମାନଙ୍କ କାର୍ଯ୍ୟାଳୟ ଏବଂ ବାସଭବନକୁ ଟାର୍ଗେଟ କରାଯିବା କଥା ଉଲ୍ଲେଖ କରାଯାଇଛି। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ଦିଲ୍ଲୀ ପୋଲିସର ସୂଚନା ଅନୁଯାୟୀ ସାଧ୍ୱୀ ନିରଂଜନ ଜ୍ୟୋତି ଆଜି ସକାଳ ୧୧.୧୫ରେ ତାଙ୍କ କାର୍ଯ୍ୟାଳୟରେ ଥିଲେ। ଏହି ସମୟରେ ତାଙ୍କୁ ତାଙ୍କ ସରକାରୀ ଇମେଲରେ ଏକ ଧମକପୂର୍ଣ୍ଣ ବାର୍ତା ମିଳିଥିଲା।

# ପୁନଃ ସୀମା ନିର୍ଦ୍ଧାରଣରେ ସମସ୍ତ ରାଜ୍ୟର ବୃଦ୍ଧି ପାଇବ ଲୋକସଭା ଆସନ

## ଓଡ଼ିଶାରେ ବଢ଼ିପାରେ ୧୧ ଲୋକସଭା, ୭୪ ବିଧାନସଭା ଆସନ



ନୂଆଦିଲ୍ଲୀ,୧୫/୪ : ମହିଳା ସଂରକ୍ଷଣ ବିଲ୍ କାର୍ଯ୍ୟକାରୀ କରିବା ପାଇଁ ସୀମା ପୁନଃନିର୍ଦ୍ଧାରଣକୁ ନେଇ ଦକ୍ଷିଣ ରାଜ୍ୟର ଚିନ୍ତା ମଧ୍ୟରେ ଏକ ସରକାରୀ ସୂତ୍ରରୁ କୁହାଯାଇଛି ଯେ, ଲୋକସଭାରେ ସମସ୍ତ ରାଜ୍ୟର ସିଟ୍ ସଂଖ୍ୟା ବୃଦ୍ଧି ପାଇବ। ୨୦୨୯ ଲୋକସଭା ନିର୍ବାଚନରୁ ମହିଳା ସଂରକ୍ଷଣ ଆଇନ କିମ୍ବା ନାରୀ ଶକ୍ତି ବନ୍ଦନ ଅଧିନିୟମକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଲୋକସଭା ଆସନ ସଂଖ୍ୟା ୮୫୦କୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛନ୍ତି। ଲୋକସଭାରେ ବର୍ତ୍ତମାନ ୫୪୩ଟି ଆସନ ଅଛି। ଏପ୍ରିଲ ୧୬-୧୮ରେ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନରେ ୨୦୨୯ ମସିହାରୁ ଲୋକସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ସରକାର ଏକ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିବାକୁ ଚାହୁଁଛନ୍ତି। ଦକ୍ଷିଣ ରାଜ୍ୟଗୁଡ଼ିକର ଅଭିଯୋଗ କରୁଥିଲେ ଯେ ସେମାନଙ୍କର ପ୍ରତିନିଧିତ୍ୱ ହ୍ରାସ ପାଇପାରେ, ଯାହାକୁ ସରକାର ଖଣ୍ଡନ କରିଛନ୍ତି। ସରକାରୀ ସୂତ୍ରରୁ କୁହାଯାଇଛି ଯେ, ଦକ୍ଷିଣ ରାଜ୍ୟଗୁଡିକ ପାଇଁ କୌଣସି କ୍ଷତି ହେବ ନାହିଁ। ଆଜି ଯେଉଁ ଅନୁପାତ ରହିଛି ତାହା ବଜାୟ ରହିବ।

◆◆ପୃଷ୍ଠା ୭

# ବିହାରରେ 'ସମ୍ରାଟ' ଯୁଗ ଆରମ୍ଭ: ଜେଡିୟୁର ୨ ନେତା ଉପମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ,୧୫/୪ : ଗୋଟେ ସମୟରେ ବିହାରର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତୀଶଙ୍କୁ ଗାଦିଚ୍ୟୁତ କରିବାକୁ ନେଇଥିଲେ ଶପଥ ଏବଂ ସେହି ଶପଥର ମୁଖ୍ୟ ଅସ୍ତ୍ର ସାଜିଥିଲା ସମ୍ରାଟଙ୍କ ପଗଡ଼ି, ଆଜି ଯେତେବେଳେ ସମ୍ରାଟ ମୁଖ୍ୟମନ୍ତ୍ରୀ ବନିଛନ୍ତି ରାଜନୀତିରେ ସେହି ଦିନର ପୁରୁଣା କଥାକୁ ଅନେକ ମନେ ପକାଇଛନ୍ତି। ବିହାରରେ ଆଜିଠୁ ସମ୍ରାଟ ରାଜ୍। କିନ୍ତୁ ଆପଣ ମଧ ଜାଣି ନଥିବେ ଗୋଟେ ସମୟରେ ନୀତୀଶ ଓ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ସମ୍ରାଟଙ୍କ ମଧ୍ୟରେ ଜୋରଦାର ଟକ୍କର ରହିଥିଲା। ସମ୍ରାଟ ଚୌଧୁରୀ ଦିନେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ କ୍ଷମତାରୁ ହଟାଇବା ପାଇଁ ଭୀଷଣ ଶପଥ ନେଇଥିଲେ । ଆଉ ଆଜି ସେହି ସମ୍ରାଟ ଚୌଧୁରୀ ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଆଉ ଗାଦିରୁ ହଟିଛନ୍ତି ନୀତିଶ । ବିହାର ବିଜେପିର ଏହି ଟାଣୁଆ ନେତାଙ୍କ ପୁରୁଣା ଶପଥ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ସୋସିଆଲ ମିଡ଼ିଆରେ ପୁରୁଣା କଥାକୁ ମନେପକାଇ ପୋଷ୍ଟ କରାଯାଉଛି। ଘଟଣାଟି ହେଉଛି, ଗତ କିଛି ବର୍ଷ ତଳେ ଯେତେବେଳେ ନୀତିଶ କୁମାର ବିଜେପି ସହ ସମ୍ପର୍କ ଛିନ୍ନ କରି ଆରଜେଡି ସହ ମିଶି ମହାଗଠବନ୍ଧନ ସରକାର ଗଢ଼ିଥିଲେ, ସେତେବେଳେ ସମ୍ରାଟ ଚୌଧୁରୀ ଅତ୍ୟନ୍ତ କ୍ଷୁବ୍ଧ ହୋଇଥିଲେ। ସମ୍ରାଟ ସର୍ବସମ୍ମୁଖରେ ଶପଥ ନେଇଥିଲେ, ଯେ ପର୍ଯ୍ୟନ୍ତ ସେ ନୀତୀଶ କୁମାରଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇ ନାହାଁନ୍ତି, ସେ ପର୍ଯ୍ୟନ୍ତ ନିଜ ମୁଣ୍ଡରୁ ମୁରେଠା ବା ପଗଡ଼ି ଖୋଲିବେ ନାହିଁ । ଏହି ପଗଡ଼ି ତାଙ୍କର ପ୍ରତିଜ୍ଞାର ପ୍ରତୀକ ସାଜିଥିଲା। ସେ ପ୍ରତିଟି ସଭା ସମିତିରେ ନୀତିଶ କୁମାରଙ୍କୁ କଡ଼ା ସମାଲୋଚନା କରିବା ସହ ତାଙ୍କୁ ରାଜନୈତିକ ଭାବେ ଶେଷ କରିଦେବାକୁ ଚେତାବନୀ ଦେଇଥିଲେ। ଆଉ ଏବେ ବିହାରର ଏହି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ପରିବର୍ତ୍ତନ ପରିପ୍ରେକ୍ଷୀରେ, ଅନେକେ ସମ୍ରାଟ ଚୌଧୁରୀଙ୍କ ୨୦୨୨ ମସିହାରେ ନୀତିଶ କୁମାରଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଗାଦିଚ୍ୟୁତ କରିବା ପାଇଁ ପ୍ରତିଶ୍ରୁତିକୁ ମନେ ପକାଇଥିଲେ। ସମ୍ରାଟ ଚୌଧୁରୀ ଶେଷରେ ୩ ଜୁଲାଇ, ୨୦୨୪ରେ ପଗଡ଼ି କାଢ଼ିଦେଲେ। ସେ ଅଯୋଧ୍ୟା ଧାମରେ ସରଜୁ ନଦୀରେ ପବିତ୍ର ବୁଡ଼ ପକାଇ ଭଗବାନ ରାମଙ୍କୁ 'ପଗଡ଼ି ସମର୍ପିତ କଲେ ବୋଲି କହିଥିଲେ।ଏହା ସେତେବେଳେ ଘଟିଥିଲା ଯେତେବେଳେ ନୀତିଶ କୁମାର ଜାନୁଆରୀ ୨୦୨୪ ରେ ଏନଡିଏ ମେଣ୍ଟରେ ପୁନର୍ବାର ଯୋଗ ଦେଇଥିଲେ। ସାମ୍ବାଦିକଙ୍କ ପ୍ରଶ୍ନରେ ସମ୍ରାଟ ଚୌଧୁରୀ କହିଥିଲେ, ନୀତୀଶ କୁମାର ଇଣ୍ଡି ମେଣ୍ଟରୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ଏବଂ ବିଜେପି ନେତୃତ୍ୱାଧୀନ ଏନଡିଏରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ହେବା ପରେ ମୋର ସଂକଳ୍ପ ପୂରଣ ହୋଇଥିଲା। ହେଲେ ଏବେ ସମ୍ରାଟଙ୍କ ଶପଥ ବିଳମ୍ବରେ ହେଉ ପଛେ ଅକ୍ଷରେ ଅକ୍ଷରେ ସତ ପାଲଟିଥିବା ଚର୍ଚ୍ଚା ହେଉଛି ।

# ଇରାନରେ ଶାସନ ପରିବର୍ତ୍ତନ ନହେବା ଯାଏଁ ମୋସାଦ ଶୋଇବ ନାହିଁ: ମୋସାଦ ମୁଖ୍ୟ ଡେଭିଡ୍ ବାର୍ନିଆ



ନୂଆଦିଲ୍ଲୀ,୧୫/୪ : ଇସ୍ରାଏଲର ଗୁଇନ୍ଦା ସଂସ୍ଥା 'ମୋସାଦ'ର ମୁଖ୍ୟ ଡେଭିଡ୍ ବାର୍ନିଆ ବୁଧବାର ଏକ କଠୋର ଆଭିମୁଖ୍ୟ ଗ୍ରହଣ କରି କହିଛନ୍ତି ଯେ, ଇରାନର ଇସଲାମିକ ଶାସନର ପତନ ନହେବା ପର୍ଯ୍ୟନ୍ତ ମୋସାଦ ଶାନ୍ତିରେ ବସିବ ନାହିଁ। ହୋଲୋକଷ୍ଟ ସ୍ମୃତି ସମାରୋହରେ ଅଭିଭାଷଣ ଦେଇ ସେ ସ୍ପଷ୍ଟ କରିଛନ୍ତି ଯେ, ତେହେରାନ ଉପରେ ଆକ୍ରମଣ ଶେଷ ହେବା ପରେ ମଧ ମୋସାଦର ଅଭିଯାନ ଜାରି ରହିବ। ଇରାନରେ ଶାସନ ପରିବର୍ତ୍ତନ ଏବଂ ଏକ ମୁକ୍ତ ରାଷ୍ଟ୍ର ଗଠନ ପାଇଁ ମୋସାଦ ଏବେ ବି ପ୍ରତିବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରଥମ ଥର ପାଇଁ ମୋସାଦ ମୁଖ୍ୟ ସର୍ବସାଧାରଣରେ ଇରାନରେ ଶାସନ ପରିବର୍ତ୍ତନ ବିଷୟରେ ନିଜର ମତାମତ ରଖିଛନ୍ତି। ଯଦିଓ ଯୁଦ୍ଧ ସମୟରେ ଏହା ସମ୍ଭବ ହୋଇପାରିନଥିଲା, କିନ୍ତୁ ବାର୍ନିଆଙ୍କ ମତରେ ଯୁଦ୍ଧ କେବଳ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଛି ଏବଂ ଏହି ଲକ୍ଷ୍ୟ ହାସଲ ପାଇଁ

◆◆ପୃଷ୍ଠା ୭

# ବାଲେଶ୍ୱର ଜିଲ୍ଲା ପ୍ରଶାସନ ପାଳନ କଲା ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ, ଓଡ଼ିଆ ନବ ବର୍ଷ ଓ ପଣା ସଂକ୍ରାନ୍ତି



ବାଲେଶ୍ୱର, ୧୫/୦୪ (ନି.ପ୍ର): ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଭାରତରତ୍ନ ବାବା ସାହେବ ଡଃ ଭୀମ ରାଓ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ଏବଂ ଓଡ଼ିଆ ପକ୍ଷର ଶେଷ ଦିନ ଅବସରରେ ଓଡ଼ିଆ ନବ ବର୍ଷ ଓ ପଣା ସଂକ୍ରାନ୍ତି ପାଳିତ ହୋଇଛି ।

ସକାଳ ୮.୦୦ ଘଟିକା ସମୟରେ ସ୍ଥାନୀୟ ପୋଲିସ ଲାଇନ ଛକ ଠାରେ ଥିବା ଡଃ ଭୀମ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକ ମାଲ୍ୟାର୍ପଣ କରିଥିଲେ ।

ସକାଳ ଘ ୮.୧୫ ଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ଝୋଟି, ଚିତା, ମୁରୁଜ ଓ ପିଠାପଣା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଅନେକ ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ ଏଠାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟ କ୍ରମ ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ମନସ୍ୱିନୀ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।

ପୂର୍ବାହ୍ନ ଘ.୧୦.୩୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲ ଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏଠାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ସଦର ଶ୍ରୀଯୁକ୍ତ ମାନସ କୁମାର ଦତ୍ତ ଯୋଗଦେଇଥିଲେ । ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ । ତାଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ସୁଧାକର ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ତଥା ଭାରପ୍ରାପ୍ତ ଉପ ଜିଲ୍ଲାପାଳ, ବାଲେଶ୍ୱର ଡଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ମଞ୍ଚାସୀନ ଥିଲେ । ବାଲେଶ୍ୱର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବୁଦ୍ଧାନ ହେମ୍ବ୍ରମ ମଞ୍ଚ ପରିଚାଳନା କରିଥିଲେ । ସର୍ବପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଭାରତରତ୍ନ ବାବାସାହେବ ଡଃ ଭୀମ ରାଓ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟକୁ ଆରମ୍ଭ କରାଯାଇଥିଲା । ପରେ ସଭାରେ ଉପସ୍ଥିତ ଥିବା ସମସ୍ତ ବୁଦ୍ଧିଜୀବୀ ଗଣ ରାଜ୍ୟ ସଙ୍ଗୀତ ଓ ରାଷ୍ଟ୍ର ଗୀତକୁ ସମ୍ମାନ ଜଣାଇଥିଲେ।

ଅତିଥି ମାନେ ଡଃ ଭୀମ ରାଓ ଆମ୍ବେଦକରଙ୍କ ଜୀବନ ଦର୍ଶନ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ଡଃ ଆମ୍ବେଦକରଙ୍କ ବାଲ୍ୟ କାଳ ଠାରୁ ଭାରତର ସମ୍ବିଧାନ ରଚନା କରିବା ପର୍ଯ୍ୟନ୍ତ କେଉଁ ଭଳି ଭାବେ ସଂଘର୍ଷ କରିଥିଲେ, ତାହା ସମ୍ବନ୍ଧରେ ଅତିଥି ମାନେ ଆଲୋକପାତ କରିଥିଲେ । ସମାଜରେ ଅବହେଳିତ, ନିଷ୍ପେସିତ, ନିର୍ଯାତିତ ବ୍ୟକ୍ତି ମାନଙ୍କର ମଙ୍ଗଳ ପାଇଁ ଡଃ ଆମ୍ବେଦକର ଦେବ ଦୂତ ସାଜିଥିଲେ । ଉଭୟ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀ ଏବଂ ଝୋଟି, ଚିତା, ମୁରୁଜ ଓ ପିଠାପଣା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଏଠାରେ ଜିଲ୍ଲା ପ୍ରଶାସନର ଅଧିକାରୀ/ ଅଧିକାରିଣୀ ଓ କର୍ମଚାରୀ ମାନେ, ଆମ୍ବେଦକର ବିକାଶ ପରିଷଦର ସଦସ୍ୟ ଗଣ, ସମାଜ ସେବୀ ଗଣ, ସାମ୍ବାଦିକ ଗଣ, ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ, ବୁଦ୍ଧିଜୀବୀ ଗଣ, ଛାତ୍ର ଛାତ୍ରୀ ଏବଂ ଅଭିଭାବକ ମାନେ ଉପସ୍ଥିତ ଥିଲେ । ଅତିଥି ମାନଙ୍କ ସମେତ ସମସ୍ତେ ଓଡ଼ିଆ ନବ ବର୍ଷ ଏବଂ ପଣା ସଂକ୍ରାନ୍ତି ଅବସରରେ ପିଠା ଓ ପଣାର ମଜା ନେଇଥିଲେ ।

## ଜିଲ୍ଲା ଏସସି ମୋର୍ଚ୍ଚା ସଭାପତି ଭାବେ ଜଗନ୍ନାଥ ମଲ୍ଲିକ ମନୋନୀତ

ବୈଶିଙ୍ଗା , ୧୫/୦୪ (ନି.ପ୍ର): ରାଜ୍ୟ ବିଜେପି ସଭାପତି ତଥା ଏସି ମୋର୍ଚ୍ଚାର ସଭାପତିଙ୍କ ଅନୁମୋଦନ କ୍ରମେ ୨୪ ନଂ ଜିଲ୍ଲା ପରିଷଦ ସଭ୍ୟ ଜଗନ୍ନାଥ ମଲ୍ଲିକ ମନୋନୀତ ହୋଇଥିବା ଜଣାପଡିଛି। ସଭାପତି ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ଜିଲ୍ଲା ର ଅନେକ ସଂଗଠନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଶ୍ରୀଯୁକ୍ତ ମଲ୍ଲିକ ତାଙ୍କ ପ୍ରତିକ୍ରିୟାରେ ମାନ୍ୟବର ପ୍ରଧାନ ମନ୍ତ୍ରୀ, ମୁଖ୍ୟ ମନ୍ତ୍ରୀ, ମନ୍ତ୍ରୀ ଡ କୃଷ୍ଣ ଚନ୍ଦ୍ର ମହାପାତ୍ର , ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ,ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ର ସଭାପତି ବାଇଧର ମଲ୍ଲିକ୍, ବିଜେପି ର ଜିଲ୍ଲା ସଭାପତି,ଜିଲ୍ଲା ର ସମସ୍ତ ବିଧାୟକଙ୍କ ସମେତ ସମସ୍ତ ବିଜେପି ପ୍ରେମୀ ଭାଇ ଓ ଭଉଣୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।ଦଳ ତାଙ୍କୁ ବିଶ୍ୱାସ କୁ ନେଇ ଯେଉଁ ଗୁରୁ ଦାୟିତ୍ୱ ପ୍ରଦାନ କରିଛନ୍ତି, ତାକୁ ସୁଚାରୁ ରୂପେ ସମ୍ପାଦନା କରିବାକୁ ଚେଷ୍ଟା କରିବେ ବୋଲି ପ୍ରକାଶ କରିଛନ୍ତି।

# ଶ୍ରଦ୍ଧାକ୍ଷେତ୍ରରେ ବଜରଙ୍ଗବାଲିଙ୍କ ମନ୍ଦିର ପାଇଁ ଭୂମିପୂଜନ



ବାଲିଆପାଳ , ୧୫/୦୪ (ନି.ପ୍ର): ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ଉଦ୍ୟମରେ ନିର୍ମିତ ଉତ୍ତର ବାଲେଶ୍ୱରର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଶ୍ରଦ୍ଧାକ୍ଷେତ୍ର ପରିସରରେ ଆଜି ବଜରଙ୍ଗବାଲିଙ୍କ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି । ଶ୍ରଦ୍ଧାକ୍ଷେତ୍ର ପରିସରରେ ବାବା କାଶୀ ବିଶ୍ୱନାଥ ମନ୍ଦିର,ମା ବିମଳାଙ୍କ ମନ୍ଦର ତଥା ମା ମହାଲକ୍ଷ୍ମୀଙ୍କ ମନ୍ଦିର ରହିଥିଲା ବେଳେ ନିକଟରେ ବିଘ୍ନରାଜ ଗଣେଶଙ୍କ ମନ୍ଦିର ନୂତନ ଭାବେ ନିର୍ମାଣ ହୋଇଛି ।ନାଟ ମଣ୍ଡପର ପ୍ରବେଶ ଦ୍ୱାର ନିକଟରେ ବିଘ୍ନରାଜ ଗଣେଶଙ୍କ ସହିତ ବଜରଙ୍ଗବାଲି ପୂଜା ପାଇ ଆସୁଥିଲେ। ମାତ୍ର ମନ୍ଦିର ପରିଚାଳନା କମିଟିର କୋଷାଧ୍ୟକ୍ଷ ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀଙ୍କ ସହାୟତାରେ ବଜରଙ୍ଗବାଲିଙ୍କ ଏକ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଆଜି ହନୁମାନ ଜୟନ୍ତୀ ଅବସରରେ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାପତି ଶ୍ରୀଜଗନ୍ନାଥଙ୍କ ଉତ୍ତର ପାଶ୍ୱର୍ରେ ଥିବା ମା ମହାଲକ୍ଷ୍ମୀଙ୍କ ମନ୍ଦର ସମ୍ମୁଖରେ ବଜରଙ୍ଗବାଲିଙ୍କ ମନ୍ଦିର ପ୍ରତିଷ୍ଠା ହେବ। ଆଜିର ଏହି ଭୂମିପୂଜନ ଉତ୍ସବରେ ଶ୍ରଦ୍ଧାପତିଙ୍କ ମୁଖ୍ୟ ପୂଜକ ବିଷ୍ଣୁ ଦାସ ପାଠୀ, ବଳଦେବ ପଣ୍ଡା ତଥା ସୋମନାଥ ପାଣିଗ୍ରାହୀ ପ୍ରମୁଖ ଭୂମିପୂଜନ କାର୍ଯ୍ୟକ୍ରମ କରିଥିଲେ। ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ ସପତ୍ନୀକ ହୋମ କାର୍ଯ୍ୟ ସମ୍ପନ୍ନ କରିଥିଲେ ।ଏହି ଅବସରରେ ମନ୍ଦିର ପରିଚାଳନା କମିଟିର ସଭାପତି ବ୍ରଜକିଶୋର ଭୂୟାଁ, ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ପୁତ୍ର ଦିବ୍ୟକାମ ମହାନ୍ତି,ମୁରଲୀ ମୋହନ ସାହୁ, ମଧୁସୂଦନ ସାହୁ, ପ୍ରଫୁଲ୍ଲ ସାହୁ, ମଧୁସୂଦନ ବାରିକ, କାଳିଚରଣ ଦେ, ପ୍ରିୟନାଥ ସେଠୀଙ୍କ ସମେତ ଅନ୍ୟ ପରିଚାଳନା କମିଟି ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ପୂଜ୍ୟପୂଜା ସଂସଦ ପକ୍ଷରୁ ଓଡିଆ ନବବର୍ଷ ଓ ପଣାସଂକ୍ରାନ୍ତି ପାଳିତ




ବାଲିଆପାଳ, ୧୫/୦୪ (ନି.ପ୍ର): ବାଲିଆପାଳ ପୂଜ୍ୟପୂଜା ସଂସଦ ତରଫରୁ ଓଡିଆ ନବବର୍ଷ ଓ ପଣାସଂକ୍ରାନ୍ତି ପାଳିତ ହୋଇଯାଇଛି । ସ୍ଥାନୀୟ ଜଗନ୍ନାଥ ସେବା ସଂସ୍ଥା ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂଜ୍ୟପୂଜା ସଂସଦ ସଭାପତି ଝାଡେଶ୍ୱର ପ୍ରଧାନ ପୌରହିତ୍ୟ କରିଥିଲେ । ବିଶିଷ୍ଟ କବି ବ୍ରଜେନ୍ଦ୍ରନାଥ ଗିରି ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବରେ କବି ଜଗନ୍ନାଥ ପ୍ରଧାନ, ଅଧ୍ୟାପକ ଦୟାନିଧି ସାହୁ, ମନୋଜ କୁମାର ସାମଲ,ଅଜୟ କୁମାର ସାହୁ, ରଞ୍ଜିତା ବେହେରା, ପୁଜାରାଣୀ ସାହୁ,ବିଜୟ କୁମାର ପାତ୍ର, ସଚୀନ୍ଦ୍ରନାଥ ନନ୍ଦୀ, କାଳିଚରଣ ମାଝୀ, ପ୍ରଫୁଲ୍ଲ ବାଗ, ଧୀରେନ୍ଦ୍ର କୁମାର ପାତ୍ର, ଭୀମ ଚରଣ ବେହେରା, ଅର୍ଦ୍ଧେନ୍ଦୁ କୁମାର ପାଣିଗ୍ରାହୀ, ପ୍ରକାଶ ଚନ୍ଦ୍ର ପ୍ରଧାନ, ସାଗର ପଟ୍ଟନାୟକ, ଉମାକାନ୍ତ ନାୟକ, ସତ୍ୟନାରାୟଣ ନାୟକ, ଉମାକାନ୍ତ ଜେନା, ଅର୍ପିତା ଦାସ, ଜୟନ୍ତୀ ପ୍ରଧାନ, ସ୍ୱାଗତିକା ପିଲା, ଲକ୍ଷ୍ମୀପ୍ରିୟା ପରିଡା, ଗିରିଧାରୀ ଭୂୟାଁ, ସୁଜାତା ସାହୁ, ସଞ୍ଜୁବାଳା ମହାନ୍ତି, ଦିଲିପ କୁମାର ଦାସ, ଗୋପାଳ ଚନ୍ଦ୍ର ସାହୁ, ପ୍ରଦୀପ କୁମାର ଦାସ, ଗୁରୁପ୍ରସାଦ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅର୍ପିତା ଦାସ, ଲକ୍ଷ୍ମୀପ୍ରିୟା ପରିଡା ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ବ୍ୟୋମକେଶ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଶେଷରେ ଉପସ୍ଥିତ କବି ଓ କବୟତ୍ରୀମାନେ ସ୍ୱରଚିତ କବିତା ପାଠ କରିବା ସହିତ ଓଡିଶାର ଅସ୍ମିତା ରଖିବା ପାଇଁ ଏହି ଭଳି କାର୍ଯ୍ୟକ୍ରମ ସବୁ ଆୟୋଜନ କରିଲେ ଆମ ଭାଷା ସାହିତ୍ୟ ଓ ସଂସ୍କୃତି ଋଦ୍ଧିମନ୍ତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅର୍ଦ୍ଧେନ୍ଦୁ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସ୍ୱାଦିଷ୍ଟ ପଣା ବିତରଣ କରାଯାଇଥିଲା ।

# ଆମ୍ବେଦକର ବିଚାର ମଞ୍ଚ ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ




ବସ୍ତା, ୧୫/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଭେଲୋରା ସ୍ଥିତ ମା'ତାରିଣୀ କଲ୍ୟାଣ ମଣ୍ଡପ ରେ ଆମ୍ବେଦକର ବିଚାର ମଞ୍ଚ ପକ୍ଷରୁ ଡକ୍ଟର ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୬ତମ ଜୟନ୍ତୀ ପାଳନ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଆମ୍ବେଦକରଙ୍କ ସ୍ୱପ୍ନର ଭାରତ ଓ ଆମ ସମ୍ବିଧାନ ସମ୍ପର୍କୀତ ଆଲୋଚନା କରାଯାଇଥିଲା ।ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ନ୍ୟାୟ ଦେବା ଓ ସମାଜରେ ସମତା ପ୍ରତିଷ୍ଠା ପାଇଁ ଡକ୍ଟର ଆମ୍ବେଦକର ଯେଉଁ ସମ୍ବିଧାନ ଆମ ହାତରେ ଧରାଇ ଦେଇଯାଇଛନ୍ତି ତାହା ଆମ ଗଣତନ୍ତ୍ର ପାଇଁ ସର୍ବକାଳୀନ ରକ୍ଷା କବଚ, ସାମ୍ପ୍ରଦାୟିକତାର ନିଧନ ଅସ୍ତ୍ର ବୋଲି ବକ୍ତାମାନେ କହିଥିଲେ। ଆୟୋଜିତ ସଭାରେ ଭେଲୋରା ସରପଞ୍ଚ ଦୁର୍ଗା ରାଣୀ ଜେନା ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ସମାଜସେବୀ ପ୍ରବୀଣ କୁମାର ଦାଶମହାପାତ୍ର,ମୁଖ୍ୟ ବକ୍ତା ଓଡିଶା ହାଇକୋର୍ଟ ର ଆଇନଜୀବୀ ସରୋଜ ସେଠୀ, ସମ୍ମାନିତ ଅତିଥି ଭାବେ ଆଇନଜୀବି ଉର୍ମିଳା ମାଝୀ, ପ୍ରମୁଖ ଡକ୍ଟର ଆମ୍ବେଦକରଙ୍କ ଚିନ୍ତା ଓ ଚେତନା ଉପରେ ବକ୍ତବ୍ୟ ରଖିଥିଲେ। ଆମ୍ବେଦକର ଯେଉଁ ଆହ୍ୱାନ ଦେଇଥିଲେ ଶିକ୍ଷିତ ହୁଅ, ସଂଗଠିତ ହୁଅ ଓ ସଂଘର୍ଷ କର ତାକୁ ବକ୍ତାମାନେ ଦୋହରାଇଥିଲେ। ଆବାହକ ରବୀନ୍ଦ୍ର କୁମାର ଭଞ୍ଜ ମଞ୍ଚ ଆହ୍ୱାନ କରିଥିବା ବେଳେ ଏମ ସି ଏମ ଏକାଡେମୀ ପ୍ରତିଷ୍ଠାତା ବିକର୍ତ୍ତନ କବି ସଂଗୀତ ପରିବେଷଣ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଅଭିମନ୍ୟୁ ଅଣ୍ଡିଆ, ବିରଞ୍ଜନ ଦାସ ମହାପାତ୍ର,ଅଞ୍ଜଳି ପ୍ରଧାନ, ସୁଶାନ୍ତ ସାହୁ ,ଗୌରୀ ଶଙ୍କର ଜେନା,କାର୍ତିକ ଚନ୍ଦ୍ର ପାତ୍ର, ନାରାୟଣ କିସ୍କୁ, ବୁଦ୍ଧିରାମ ମାଝୀ ପ୍ରମୁଖ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

# ଖଇରାରେ ଆମ୍ବେଦକର ଜୟନ୍ତୀ ଓ ସମ୍ବିଧାନ ସଚେତନତା ସଭା



ଖଇରା, ୧୫/୦୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୋଚିଆକୋଇଲି ଠାରେ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତି ଓ ସମ୍ବିଧାନ ସଚେତନତା ଦିବସ ମଙ୍ଗଳବାର ଦିନ ପାଳିତ ହୋଇ ଯାଇଛି । ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ସମିତି ପରିଷଦର ବ୍ଲକ ସଭାପତି ବାବାଜି ଚରଣ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ବସ୍ତାର ଅତିରିକ୍ତ ତହସିଲଦାର ଗଦାଧର ସେଠୀ ମୁଖ୍ୟଅତିଥି ଓ ଉପେନ୍ଦ୍ର ଦାସ ମୁଖ୍ୟବକ୍ତା, ପରମେଶ୍ୱର ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ସମ୍ବିଧାନ ପାଇଁ ସାଧାରଣ ଲୋକ ସର୍ବୋଚ୍ଚ ଆସନ ଅଳଙ୍କୃତ କରିପାରୁଛନ୍ତି ଏବଂ ସାଧାରଣ ଙ୍କ ହାତରେ ଭୋଟଦାନ ଭଳି ସର୍ବାଧିକ କ୍ଷମତାର ଅଧିକାରୀ ହୋଇପାରୁଛନ୍ତି ବୋଲି ପ୍ରକାଶ କରିଥିଲେ । ପରିଷଦର ଜିଲା ସମ୍ପାଦକ ସୁବ୍ରତ ସିଂ ବିବରଣୀ ପାଠ, ବ୍ଲକ ସମ୍ପାଦକ ଅନିରୁଦ୍ଧ ଗଜ ସ୍ୱାଗତ ଭାଷଣ ଓ ପୃଥିରାଜ ଦାସ ମଞ୍ଚ ପରିଚାଳନା କରିଥିଲେ । ପ୍ରଥମେ ଏକ ରାଲି ଖଇରା, ଗଣ୍ଡିବେଢ ଓ ତୁଡିଗଡିଆ ବଜାର ପରିକ୍ରମା କରି କୋଚିଆକୋଇଲି କଲ୍ୟାଣମଣ୍ଡପରେ ପହଞ୍ଚିଥିଲା ।

## ପ୍ରିତିଶ କୁପାରୀ ଓ ଜୟନ୍ତ ଖଇରା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି

ଖଇରା, ୧୫/୦୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର କୁପାରୀ ଓ ଖଇରା ମଣ୍ଡଳ ପାଇଁ ଯୁବ ମୋର୍ଚ୍ଚା ସଭାପତିଙ୍କ ନାମ ଘୋଷଣା କରାଯାଇଛି । କୁପାରୀ ମଣ୍ଡଳ ପାଇଁ ପ୍ରତିଶ କୁମାର ମହାପାତ୍ର,ଖଇରା ମଣ୍ଡଳ ପାଇଁ ଜୟନ୍ତ କୁମାର ସାହୁଙ୍କୁ ମନୋନୀତ କରାଯିବା ପରେ ସେମାନଙ୍କ ସମର୍ଥକଙ୍କ ମହଲରେ ଆନନ୍ଦ ଖେଳି ଯାଇଛି । ସିମୁଳିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପଦ୍ମଲୋଚନ ପଣ୍ଡା ଙ୍କ ଅନୁମୋଦନ କ୍ରମେ ଏହି ତାଲିକା ପ୍ରକାଶ କରାଯାଇଛି । ନିଜ ଜୋନରେ କିଭଳି ସମସ୍ତ ଯୁବ ଗୋଷ୍ଠୀଙ୍କୁ ଏକତ୍ର କରି ବିଜେପି କୁ ଶକ୍ତିଶାଳୀ କରିବା ଏବଂ ପଞ୍ଚାୟତ ନିର୍ବାଚନରେ ପଞ୍ଚାୟତ ଓ ଖଇରା ବ୍ଲକ ଦଖଲ କରିବାକୁ ପ୍ରୟାଶ କରିବେ ବୋଲି ମନୋନୀତ ଯୁବ ମୋର୍ଚ୍ଚା ସଭାପତି ମାନେ ପ୍ରକାଶ କରିଛନ୍ତି ।

# ବିଜୁ ଜନତାଦଳ ପକ୍ଷରୁ ସମ୍ବିଧାନ ପ୍ରଣେତା ଡ଼ଃ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ



ନୀଳଗିରି , ୧୫/୦୪ (ନି.ପ୍ର): ବୈଶାଖମାସର ପ୍ରଥମଦିବସ ବା ସଂକ୍ରାନ୍ତିକୁ ଓଡିଆ ନବବର୍ଷ , ମହାବିଷୁବସଂକ୍ରାନ୍ତି ବା ପଣାସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀକୁ ଓଡ଼ିଶାର ପୁରପଲ୍ଲୀରେ ମହାଧୁମଧାମରେ ପାଳନ କରାଯାଇଥାଏ। ଏହି ପବିତ୍ରଦିନରେ ଭାରତରତ୍ନ ତଥା ସମ୍ବିଧାନପ୍ରଣେତା ଡ.ଭୀମରାଓ ଆମ୍ବେଦକର ଜନ୍ମଗ୍ରହଣ କରିଥିଲେ। ତେଣୁ ଆଜିମଧ୍ୟ ସାରାଦେଶରେ ଡ଼ଃ ବି.ଆର ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହେଉଥିବା ବେଳେ ନୀଳଗିରି ବିଜୁଜନତା ଦଳପକ୍ଷରୁ ନିର୍ବାଚନମଣ୍ଡଳୀର ଅଯୋଧ୍ୟା ପଞ୍ଚାୟତ ଖସାପଡିଆ ନିକଟସ୍ଥ କୁଣ୍ଡୁକୋଇଲି ଠାରେ ଡ଼ଃ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଗଙ୍ଗାଧର ମିଶ୍ର, ମଦନମୋହନ ମାଝୀ ସୁଧୀରରଞ୍ଜନ ପଣ୍ଡା, ଗଙ୍ଗାଧର ବିଶ୍ୱାଳ, ହେମେନ୍ଦ୍ର ରାଜ, ଲୋକନାଥ ଦଳେଇ ପ୍ରମୁଖ ଡ଼ଃ ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣକରି ବିଶ୍ୱର ବୃହତ୍ ଗଣତନ୍ତ୍ରର ସମ୍ବିଧାନପ୍ରଣେତା ଭାରତର ଏହି ପୁଣ୍ୟାତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ଗ୍ରାମର ଗଣେଶ ସାହୁ, ନରେନ୍ଦ୍ର ସାହୁ, ପରମେଶ୍ୱର ବେହେରା, ଗୋପୀନାଥ ପାତ୍ର, ପିତାମ୍ବର ହାତୀ ପ୍ରମୁଖ ଶତାଧିକ ଗ୍ରାମବାସୀ ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତଥିଲେ।

# ଚୈତ୍ର ପର୍ବ-୨୦୨୬ ଉଦ୍‌ଯାପିତ




ବାରିପଦା, (୧୪/୦୪): ମୟୂରଭଞ୍ଜ ଜିଲ୍ଲାର ଐତିହ୍ୟ ଚୈତ୍ର ପର୍ବ ୨୦୨୬ ଉଦଯାପିତ ହୋଇଛି। ତିନି ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ପ୍ରଥମ ସଂଧ୍ୟାରେ ଗ୍ରାମୀଣ ଛଉ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଦ୍ୱିତୀୟ ସଂନ୍ଧ୍ୟାରେ ସହରାଞ୍ଚଳ ଛଉ ନୃତ୍ୟ ପ୍ରତିଯୋଗିତାରେ ବାରିପଦା ଅଞ୍ଚଳର ଐତିହାସିକ ଦୁଇ ଦଳ ଉତ୍ତର ସାହି ଓ ଦକ୍ଷିଣ ସାହି ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ସେହିପରି ତୃତୀୟ ସଂନ୍ଧ୍ୟାରେ ମଧ ଉତ୍ତର ସାହି ଓ ଦକ୍ଷିଣ ସାହି ନିଜ ନିଜର ଛଉ ନୃତ୍ୟର ଉତ୍କର୍ଷତା ପ୍ରଦର୍ଶନ କରିଥିଲେ । ଅନୁଷ୍ଠିତ ଉକ୍ତ ଛଉ ନୃତ୍ୟ ପ୍ରତିଯୋଗିତାରେ ଗ୍ରାମୀଣ ଛଉ ନୃତ୍ୟ ପ୍ରତିଯୋଗିତାରେ ବଦଡା ଛଉ ନୃତ୍ୟ ପ୍ରତିଷ୍ଠାନ ରାଇରଙ୍ଗପୁର ପ୍ରଥମ ସ୍ଥାନ ଅଧିକାର କରିଛି । ବଡଜାମବଣୀ ଛଉ ନୃତ୍ୟ ପ୍ରତିଷ୍ଠାନ, ଦାନ୍ତିଆମୁହାଁ, ବାମନୀପାହାଡ଼ ଛଉ ନୃତ୍ୟ ପ୍ରତିଷ୍ଠାନ, ଅଁଳାଯୋଡି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏଥିରେ ଶ୍ରେଷ୍ଠ ପୁରୁଷ କଳାକାର ଭାବରେ ଦେବ ଗୁଣିଆ (ବଦଡା ଛଉ ନୃତ୍ୟ ପ୍ରତିଷ୍ଠାନ, ରାଇରଙ୍ଗପୁର) ଓ ଶ୍ରେଷ୍ଠ ମହିଳା କଳାକାର ଭାବରେ ମନପ୍ରୀତ ମହାନ୍ତ (ବଦଡା ଛଉ ନୃତ୍ୟ ପ୍ରତିଷ୍ଠାନ, ରାଇରଙ୍ଗପୁର) ବିବେଚିତ ହୋଇଛନ୍ତି । ସେହିପରି ସହରାଞ୍ଚଳ ଛଉ ନୃତ୍ୟ ପ୍ରତିଯୋଗିତାରେ ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିର ପ୍ରଥମ ସ୍ଥାନ ଓ ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଏଥିରେ ଶ୍ରେଷ୍ଠ ପୁରୁଷ କଳାକାର ଭାବରେ ଚନ୍ଦ୍ର ଶେଖର ଦାସ (ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ) ଓ ଶ୍ରେଷ୍ଠ ମହିଳା କଳାକାର ଭାବରେ ଭାଗ୍ୟଶ୍ରୀ ରାଉତ୍ (ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିର) ବିବେଚିତ ହୋଇଛନ୍ତି । ଏହି ଅବସରରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼.କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସୁଶ୍ରୀ ସଞ୍ଜଲୀ ମୁର୍ମୁ, ରାଜସ୍ୱ ପାରିଷଦ ଶ୍ରୀ ସତ୍ୟବ୍ରତ ସାହୁ, ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଚୈତ୍ର ପର୍ବ ସ୍ମରଣିକା-୨୦୨୬ ଉନ୍ମୋଚିତ ହୋଇଥିଲା । ଆଜିର ସଭାରେ ମୁଖ୍ୟ ଅତିଥି ଡ଼ ମହାପାତ୍ର ଛଉ ନୃତ୍ୟ ବିଶ୍ୱ ଦରବାରରେ ମୟୂରଭଞ୍ଜକୁ ସ୍ୱତନ୍ତ୍ର ପରିଚୟ ଦେଇଛି । ଏହା ମୟୂରଭଞ୍ଜର ଅସ୍ମିତାର ପ୍ରତୀକ ଓ ଏହାକୁ ବିଶ୍ୱସ୍ତରରେ ପ୍ରଚାର ପାଇଁ ଯୁବପିଢ଼ିଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଛନ୍ତି । ସେହିପରି ସମ୍ମାନିତ ଅତିଥି ସୁଶ୍ରୀ ମୁର୍ମୁ ଚୈତ୍ର ପର୍ବକୁ ମୟୂରଭଞ୍ଜର ଗର୍ବ ଓ ପରମ୍ପରାର ଜୀବନ୍ତ ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଛଉ ନୃତ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ ଦଳ ଓ କଳାକାର ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଶୁଭାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତ ଚୈତ୍ର ପର୍ବରେ ସହସ୍ରାଧିକ ଲୋକଙ୍କ ସମାଗମ ହୋଇଥିଲା । ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ନୃତ୍ୟ ଉପଭୋଗ କରୁଥିଲେ ।

**AFFIDAVIT**

By virtue of an affidavit before the executive Magistrate Nilgiri I, Sushreesangita Panigrahi aged about 36 years, D/o- Satrughan Kumar Panigrahi o vill- Jamudiha, Po- Jamudiha, Ps- Nilgiri, Dist- Balasore declare that the name of my son is Saijeet Mohanty in Aadhaar Card bearing no 815003412698. I want to change the name and surname as Gopal Ballava Panigrahi instead to Saijeet Mohanty. Henceforth, he shall be known as Gopal Ballava Panigrahi for all purpose.

**Sushreesangita Panigrahi**

## ଧାରାବାହିକ:

ଭାଗ-୩୭

# ସଂକ୍ଷିପ୍ତ ଭାଗବତ କଥାମୃତ

### ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



ବ୍ରାହ୍ମଣ ପରମାନନ୍ଦରେ ଶ୍ରୀକୃଷ୍ଣଙ୍କ ଭବନରେ ରାତ୍ରି ଯାପନ କଲେ, ପରଦିନ ପ୍ରତ୍ୟୁଷରେ ତାଙ୍କୁ ଶ୍ରୀକୃଷ୍ଣ ଯଥାବିଧି ସ୍ନାନ ମାର୍ଜନା କରାଇ ନୂତନ ଝୀନ ବସ୍ତ୍ର ପରିଧାନ କରାଇ ଅମୃତ ମଣୋହି ଦ୍ୱାରା ଆପ୍ୟାୟିତ କଲେ ଏବଂ କିଛି ଦୂର ଯାଏଁ ପାଛୋଟି ଯାଇ ତାଙ୍କୁ ଆଲିଙ୍ଗନ ପୂର୍ବକ ଚରଣ ବନ୍ଦନା କରି ବିଦାୟ ଦେଲେ । ଶ୍ରୀଶୁକଦେବ କହିଲେ, ହେ ରାଜା, ବ୍ରାହ୍ମଣ ଭଗବାନ ଶ୍ରୀକୃଷ୍ଣ ଓ ମାତା ରୁକ୍ମଣୀ ଦେବୀଙ୍କର ସ୍ନେହ, ଶ୍ରଦ୍ଧା ଓ ସତ୍କାର କଥା ଚିନ୍ତା କରୁକରୁ ଭାବବିଭୋର ହୋଇ ପୁଲକିତ ଶରୀରରେ ଦୀର୍ଘ ପଥକୁ ଅତିକ୍ରମ କରିଗଲେ । ନିଜ ଗ୍ରାମର ନିକଟସ୍ଥ ନଦୀ ତଟରେ ଉପସ୍ଥିତ ହେବାରୁ ହଠାତ୍ ତାଙ୍କର ଗୃହରେ ତାଙ୍କ ଗୃହିଣୀର କଥା ସ୍ମରଣ ହେଲା । ଆହା ବିଚାରୀ ମୋର ଦୀର୍ଘ ଅନୁପସ୍ଥିତି ହେତୁ ଭୀକ୍ଷା ଲବ୍ଧ ତଣ୍ଡୁଳ ବିନା ଉପବାସରେ କାଳାତିପାତ କରୁଥିବ । ସେ କହିଥିବା ବିଷୟ ତ ସଖାଙ୍କୁ କହିବା ଭୁଲିଗଲି । କିପରି ବା ଭୁଲି ନଯାଆନ୍ତି ? ଯେଉଁ ବିଶ୍ୱ ବ୍ରହ୍ମାଣ୍ଡର ପ୍ରଭୁ ସ୍ୱୟଂ ଏବଂ ମାତା ମହାଲକ୍ଷ୍ମୀ ଯେତେବେଳେ ଏ ଦୀନ, ହୀନ, ଅକିଞ୍ଚନକୁ ହୃଦୟରେ ଲଗାଇ ଆଲିଙ୍ଗନ କରିବା, ପାଦଧୌତ କରିବା ଏବଂ ମାତା ରୁକ୍ମଣୀଙ୍କ ଚାମର ବ୍ୟଞ୍ଜନ ଏପରି ଅବସ୍ଥାରେ କେଉଁ ବ୍ୟକ୍ତି ଭଲା ଆତ୍ମ ବିସ୍ମୃତ ନହେବ ? ଯାହା ହୋଇଛି ଭଲ ହୋଇଛି, ଛି ଛି ମୁଁ ମହାନବନ୍ଧୁଙ୍କ ଆଗରେ କିପରି ବା ମୁହଁ ଖୋଲି ଧନ ପ୍ରାର୍ଥନା କରିଥାନ୍ତି ? ବରଂ ଏହି ଚିର ଦାରିଦ୍ର୍ୟକୁ ବରଣ କରି ତାଙ୍କ ଭାବରେ ବିଭୋର ରହି ତାଙ୍କର ଗୁଣ ମହିମା କୀର୍ତ୍ତନ କରି ଏ ଜୀବନ ବିତାଇ ଦେବି । ବ୍ରାହ୍ମଣ ଏହିପରି ଭାବି ଶ୍ରୀକୃଷ୍ଣ ପ୍ରେମରେ ବିଭୋର ହୋଇ ଅଶ୍ରୁମୋଚନ କରୁ କରୁ ଗ୍ରାମରେ ପହଞ୍ଚି ଦେଖିଲେ ଯେ, ନିଜର କୁଟୀର ଥିବା ସ୍ଥାନରେ ଏକ ଅପୂର୍ବ ଦିବ୍ୟ ଅଟ୍ଟାଳିକା ନିର୍ମିତ ହୋଇଅଛି ଏବଂ ତହିଁ ମଧ୍ୟସ୍ଥ ସୁସଜ୍ଜିତ କକ୍ଷରେ ନାରୀମାନେ ଦିବ୍ୟ ବସ୍ତ୍ର ପରିଧାନ କରି ଏବଂ ଅଳଙ୍କାର ଭୂଷିତା ହୋଇ ଚଳପ୍ରଚଳ ହେଉଛନ୍ତି । ବ୍ରାହ୍ମଣ ଏହି ଦୃଶ୍ୟକୁ ଦେଖି ଭାବିଲେ ବୋଧହୁଏ କେହି ଧନାଢ୍ୟ ବ୍ୟକ୍ତି ଏହି ସୁନ୍ଦର ପ୍ରାସାଦକୁ ନିର୍ମାଣ କରିଛନ୍ତି, ତେବେ ମୋ କୁଟୀର ଏବଂ ବ୍ରାହ୍ମଣୀ ଗଲା କୁଆଡେ ? ଠିକ ଏହି ସମୟରେ ଦାସୀ ପରିଚାରୀ ବେଷ୍ଟିତା ହୋଇ ଜଣେ ଦିବ୍ୟ ବସନ ଭୂଷଣ ପରିହିତା ରମଣୀ ଅର୍ଘ୍ୟଥାଳୀ ଧରି ବ୍ରାହ୍ମଣଙ୍କୁ ବନ୍ଦାପନା କରିବା ନିମିତ୍ତ ପ୍ରାସାଦରୁ ବହିର୍ଗତ ହେଲେ । ବ୍ରାହ୍ମଣ ଆଚମ୍ବିତ ହୋଇ କହିଲେ, ହେ ଦେବୀ ତୁମେ କିଏ ? ତୁମକୁ ନମସ୍କାର । ଏ ଦୀନ ବିଚରା ବ୍ରାହ୍ମଣକୁ ବନ୍ଦାପନା କରିବାର ଉଦ୍ଦେଶ୍ୟ କଣ ? ବ୍ରାହ୍ମଣୀ ଅଶ୍ରୁ ଗଦଗଦ କଣ୍ଠରେ କହିଲେ, ତୁମେ ମୋତେ ଚିହ୍ନି ପାରୁନାହଁ, ମୁଁ ତୁମର ଚରଣ ସେବିକା ବ୍ରାହ୍ମଣୀ, ତୁମର ସଖା ପରମ ଦୟାଳୁ ଶ୍ରୀକୃଷ୍ଣ ତୁମର ଯାଚନା ମତେ ଆମକୁ ଧନ ସମ୍ପଦ ଦେଇ କୃତାର୍ଥ କରିଛନ୍ତି । ସାତ୍ତ୍ୱିକ ଭାବ ବିହ୍ୱଳ ବ୍ରାହ୍ମଣଙ୍କର ଚକ୍ଷୁ ସମ୍ମୁଖରେ ପ୍ରଭୁ ଶ୍ରୀକୃଷ୍ଣଙ୍କର ଦରସ୍ମିତ ପ୍ରସନ୍ନ ବଦନ ଯେପରି ଆନନ୍ଦରେ ଆଲିଙ୍ଗନ କରିବା ନିମିତ୍ତ ଭୁଜ ଦ୍ୱୟକୁ ପ୍ରସାରଣ କରି ବ୍ରାହ୍ମଣଙ୍କ ଆଡକୁ ଅଗ୍ରସର ହେଉଛନ୍ତି । ବ୍ରାହ୍ମଣ ଭାବ ବିହ୍ୱଳ ହୋଇ ଶୂନ୍ୟକୁ ପ୍ରଗାଢ ଆଲିଙ୍ଗନ କରିବା ମୁଦ୍ରାରେ ଭୂପତିତ ହେବାବେଳକୁ ବ୍ରାହ୍ମଣୀ ନିଜ ହସ୍ତ ପ୍ରସାରଣ କରି ତାଙ୍କୁ ନିଜ ବକ୍ଷରେ ତୋଳି ଧରିଲେ ।

### ୮୩ ଅଧ୍ୟାୟ, କୁରୁକ୍ଷେତ୍ର ତୀର୍ଥରେ ଶ୍ରୀକୃଷ୍ଣ ବଳରାମଙ୍କ ସହ ଗୋପାଳ ଓ ଗୋପୀମାନଙ୍କ ମହାମିଳନ

ଶ୍ରୀଶୁକଦେବ କହିଲେ, ହେ ରାଜା, ଭଗବାନ ଶ୍ରୀହରି ଅନନ୍ତ ଦେବଙ୍କ ସହ ମାୟାମାନବ ରୂପେ ଅବତୀର୍ଣ୍ଣ ହୋଇ ଦ୍ୱାରବତୀ ପୁରରେ ଅନେକ ଲୀଳା ବିସ୍ତାର କରିଥିଲେ । ମନୁଷ୍ୟ ସମାଜର ଶତ୍ରୁ ସ୍ୱରୂପ ମାନବ ଓ ଦାନବକୁ ସଂହାର କରି ଅନେକ ପାପୀ, ତାପୀ, ଦୀନ, ଦୁଃଖୀମାନଙ୍କୁ ଉଦ୍ଧାର କରିଥିଲେ ଏବଂ ଭକ୍ତ ଜନଙ୍କୁ ଶ୍ରୀଚରଣ ସେବାର ସୁଯୋଗ ଦେଇ କୃତାର୍ଥ କରିଥିଲେ । ଏକଦା ଜ୍ୟୋତିଷମାନେ ଭଗବାନ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରି କହିଲେ ଯେ, ମକର ମାସ ପଞ୍ଚଦଶ ଦିବସ ତୃତୀୟ ମୁହୂର୍ତ୍ତରେ ସୂର୍ଯ୍ୟ ପରାଗ ଘଟିବ । ସମ୍ପୂର୍ଣ୍ଣ ରାହୁ ଗ୍ରାସ ଫଳରେ ଦିବସରେ ମଧ ପ୍ରଳୟ କାଳ ଭଳି ଚତୁର୍ଦ୍ଦିଗରେ ଅନ୍ଧକାର ଘୋଟିଯିବ । ଏହା ପୁଣ୍ୟାର୍ଜନର ପ୍ରକୃଷ୍ଟ ସମୟ । ଏହି ସମୟରେ କୁରୁକ୍ଷେତ୍ର ସ୍ଥିତ ସମନ୍ତପଞ୍ଚକ ତୀର୍ଥରେ ସ୍ନାନ ତର୍ପଣାଦି କରି ବ୍ରାହ୍ମଣମାନଙ୍କୁ ଗୋ, ରତ୍ନ, ଧନ ଆଦି ଦାନକଲେ ଅଶେଷ ପୁଣ୍ୟ ଲାଭ ହେବ । ତ୍ରେତା ଯୁଗରେ ପର୍ଶୁରାମ କ୍ଷତ୍ରିୟମାନଙ୍କୁ ସଂହାର କରି ସେମାନଙ୍କର ରୁଧିରେ ଏହି ପଞ୍ଚକୁଣ୍ଡ ପୂର୍ଣ୍ଣ କରି ସଥିରେ ସ୍ନାନ କରି ପିତୃତର୍ପଣ କରିଥିଲେ । ଏବେ ଏହି କୁଣ୍ଡର ନିର୍ମଳ ଜଳରେ ସ୍ନାନ କରି ପିତୃପୁରୁଷମାନଙ୍କୁ ତର୍ପଣ କଲେ ସେମାନେ ପରମ ସନ୍ତୋଷ ଲାଭ କରନ୍ତି ଏବଂ ତର୍ପଣକାରୀର ସମସ୍ତ କଳୁଷ ନାଶ ହୁଏ । ଜ୍ୟୋତିଷମାନଙ୍କ ମୁଖରୁ ଏହା ଶୁଣି ଶ୍ରୀକୃଷ୍ଣ ସମସ୍ତ ଜ୍ଞାତି, କୁଟୁମ୍ବ ଓ ପୁରଜନମାନଙ୍କୁ ସେଥିକୁ ଯିବାକୁ ଆଜ୍ଞାଦେଲେ ଓ ନିଜେ ନନ୍ଦିଘୋଷ ରଥରେ ବିଜେ କରି ତୀର୍ଥଯାତ୍ରା କଲେ । ଏହି ଅବସରରେ ଭାରତବର୍ଷରୁ ପ୍ରତ୍ୟେକ ପ୍ରାନ୍ତରୁ ନରନାରୀମାନେ ସେଠାକୁ ଆଗମନ କଲେ । ମାତା ଦେବକୀ, ବସୁଦେବ, ଭଗବାନ ଶ୍ରୀକୃଷ୍ଣଙ୍କର ସମସ୍ତ ପତ୍ନୀ, ଅକ୍ରୂର, ଉଗ୍ରସେନ, ପ୍ରଦ୍ୟୁମ୍ନ, ଶାମ୍ବ, ବିପ୍ରଙ୍କର ପୁତ୍ରମାନେ ସସ୍ତ୍ରୀକ ନିଜ ନିଜର ପାପ ପ୍ରକ୍ଷାଳନ ନିମିତ୍ତ ତୀର୍ଥସ୍ଥାଳକୁ ଯାତ୍ରାକଲେ । ଅନିରୁଦ୍ଧ ଓ ଯଦୁବଂଶୀ ସେନାପତି କୃତବର୍ମା ନଗର ରକ୍ଷା ଦାୟିତ୍ୱରେ ଦ୍ୱାରକାରେ ରହିଲେ । ଯଦୁବଂଶୀମାନେ ଶ୍ରୀକୃଷ୍ଣଙ୍କ ଦାୟାଦ ହେତୁ ସ୍ୱର୍ଣ୍ଣ ରତ୍ନହାର, ଦିବ୍ୟ ପୁଷ୍ପମାଳା ବହୁ ମୂଲ୍ୟ ବସ୍ତ୍ର ପରିଧାନ କରିଥିବାରୁ ସେମାନଙ୍କ ଅଙ୍ଗଶୋଭା ବହୁଗୁଣିତ ହେଉଥିଲା । ପରମ ଭାଗ୍ୟବାନ ଯଦୁବଂଶୀମାନେ ତୀର୍ଥ ସ୍ଥଳରେ ପହଞ୍ଚି ଯଥାକାଳରେ ସ୍ନାନ ତର୍ପଣ ଶେଷ କରି ବିପ୍ରମାନଙ୍କୁ ଧେନୁ ଓ ସୁବର୍ଣ୍ଣାଦି ଦାନକଲେ । ପରେ ପୂର୍ଣ୍ଣ ମୋକ୍ଷ ପରେ ପର୍ଶୁରାମଙ୍କ ଦ୍ୱାରା ସ୍ଥାପିତ ପଞ୍ଚକୁଣ୍ଡରେ ସ୍ନାନ ତର୍ପଣ କଲେ । ଭଗବାନ ନିଜେ ସ୍ନାନ ତର୍ପଣ ଆଦି ଯଥାବିଧି ଶେଷ କରି କୋଟିଏ ସବତ୍ସୀଧେନୁ, ଅନେକ ସ୍ୱର୍ଣ୍ଣ ରତ୍ନ ଓ ଭୂରି ଭୋଜନ ବିପ୍ରମାନଙ୍କୁ ଦାନ କରି ସକୁଟୁମ୍ବେ ଭୋଜନ ଶେଷ ପରେ ତୀର୍ଥ ତୀରସ୍ଥ ବୃକ୍ଷଛାୟାରେ ବିଶ୍ରାମ କଲେ । ସେଠାକୁ ଆସିଥିବା ମତ୍ସ୍ୟ, ଉଷୀନର କୋଷଳ, ବିଦର୍ଭ, ପୁରୁ, ସୃଞ୍ଜୟ, କାମ୍ବୋଜ, କୈକେୟ, ମଦ୍ର, ତ୍ରିଗର୍ତ୍ତ, କେରଳ ଆଦି ଦେଶର ରାଜାମାନେ ବଳରାମ ଓ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରି ଯଥାବିଧି ସମ୍ମାନ ଜ୍ଞାପନ କଲେ । ଗୋକୁଳର ରାଜା ତଥା ପ୍ରଭୁ ଶ୍ରୀକୃଷ୍ଣ ବଳରାମଙ୍କର ବାଲ୍ୟ ପିତାମାତା ନନ୍ଦ ଯଶୋଦା ଓ ସଦା ଶ୍ରୀକୃଷ୍ଣ ଆକାଙ୍କ୍ଷିଣୀ ଗୋପୀମାନେ ମଧ ସେଠାକୁ ଯାଇଥିଲେ । ପ୍ରଭୁ ଶ୍ରୀକୃଷ୍ଣ ଓ ବଳରାମ ପିତାମାତାଙ୍କୁ ଦେଖି ଆନନ୍ଦରେ ଆତ୍ମହରା ହୋଇ ସେମାନଙ୍କ ଚରଣରେ ଲୋଟିଗଲେ । ଆନନ୍ଦାଶ୍ରୁ ମୁଞ୍ଚନ କରୁ କରୁ ନନ୍ଦ ଯଶୋଦା ପୁତ୍ର ଦ୍ୱୟଙ୍କୁ ନିବିଡ ଆଲିଙ୍ଗନ କଲେ । ଗୋପୀମାନେ ମଧ ଦୀର୍ଘ ବିଚ୍ଛେଦ ପରେ ଶ୍ରୀକୃଷ୍ଣ ରୂପ ଦର୍ଶନ କରି ଆଶ୍ରୁପୂର୍ଣ୍ଣ ନୟନରେ ଚକ୍ଷୁ ବୁଜି ତାଙ୍କୁ ହୃଦ ମଧରେ ନିବିଡ ଆଲିଙ୍ଗନ କଲେ ଓ ପରସ୍ପର ମଧରେ ବାକ୍ୟାଳାପ ଦ୍ୱାରା ଆନନ୍ଦ ସାଗରରେ ମଗ୍ନ ହେଲେ । ହୃଦୟରେ ଶ୍ରୀକୃଷ୍ଣ ଭକ୍ତିଭାବ ଘେନି ପାଣ୍ଡବମାତା କୁନ୍ତୀଦେବୀ, ବସୁଦେବଙ୍କୁ ଶଙ୍ଖୋଳିଲେ ଏବଂ ଅଶ୍ରୁପୂର୍ଣ୍ଣ ନୟନରେ କହିଲେ ହେ ଭ୍ରାତା, ମୁଁ ଗୋଟିଏ ହୀନକପାଳୀ ଓ ଆଜନ୍ମ ଦୁଃଖିନୀ । ଅଳ୍ପ ବୟସରେ ବିଧବା ହେବା ସହିତ ମୋର ଅରକ୍ଷ ପିଲାମାନଙ୍କ ଉପରେ କେତେ ଦୁଃଖ ବିପଦ ନ ପଡିଲା । ଯାହାର ପିତା ମାତା ଭ୍ରାତା, ଭଗିନୀ, ସୁହୃଦମାନେ ଥାଇ ମଧ ଦୁଃଖ ବିପଦ ବେଳେ ଲୋଡା ନକରନ୍ତି ତାହାଠାରୁ ବଳି ହତଭାଗୀ ସଂସାରରେ କେହି ନାହିଁ । ଏହା ଶୁଣି ପ୍ରଭୁ ବାସୁଦେବ କହିଲେ, ହେ ପୂଜ୍ୟା ମାତା, ଅକାରଣେ ଆମ ଉପରେ ଅଭିମାନ କରନାହିଁ । ସଂସାରରେ ପ୍ରତ୍ୟେକ ପ୍ରାଣୀ ଈଶ୍ୱରଙ୍କ କ୍ରୀଡାର କନ୍ଦୁକ । ପ୍ରାଣୀ ମାତୃଗର୍ଭରୁ ଭୂପୃଷ୍ଠ ହେବାମାତ୍ରେ ଈଶ୍ୱରଙ୍କ ତ୍ରିଗୁଣ ରଜ୍ଜୁରେ ବନ୍ଧହୋଇ ତାଙ୍କରି ଇଚ୍ଛାରେ ଚାଳିତ ହୋଇ ନିଜର କର୍ମାନୁସାରେ ସୁଖ, ଦୁଃଖ ଆଦି ଭୋଗକରେ । ତୁମେ ଜାଣିଛ ଦୁଷ୍ଟ କଂସର ପ୍ରତାପରେ ଆମେ ଦୁଇ ଭାଇ ବାଲ୍ୟକାଳରେ ବନ, ଗିରି ଆଦି ଘୁରି ବୁଲିଲୁ ଏବଂ ଅବଶେଷରେ ଆସି ସମୁଦ୍ର ବେଷ୍ଟିତ ଦ୍ୱାରକାରେ ବସତି ସ୍ଥାପନ କଲୁ । ଏହି ସବୁ ସେହି ଈଶ୍ୱରଙ୍କ ଇଚ୍ଛା । ତାହାକୁ ପ୍ରତିହତ କରିବାର ଶକ୍ତି ବିଶ୍ୱବ୍ରହ୍ମାଣ୍ଡରେ କାହାର ନାହିଁ । ହେ ପୂଜ୍ୟା ମାତା, ପ୍ରକୃତରେ ତୁମେ ପରମ ଭାଗ୍ୟବତୀ, ମହାନ ପଞ୍ଚ ପାଣ୍ଡବର ଜନନୀ । ଯେତେ ବିପଦ ଆପଦ ପଡୁଥିଲେ ମଧ ତୁମର ଧର୍ମ ତୁମକୁ ସର୍ବଦା ରକ୍ଷା କରୁଥିବ । ତୁମର ପୁତ୍ରମାନଙ୍କର ଭବିଷ୍ୟତ ମଧ ଅତ୍ୟନ୍ତ ଉଜ୍ଜ୍ୱଳ, ସୁଖ, ସମୃଦ୍ଧ ଓ ଐଶ୍ୱର୍ଯ୍ୟମୟ । ଭଗବାନ ଶ୍ରୀକୃଷ୍ଣଙ୍କ ଏହପରି ମଧୁର ବାଣୀ ଶୁଣି କୁନ୍ତୀଦେବୀ ଶାନ୍ତ ଓ ଆଶ୍ୱସ୍ତ ହେଲେ ଏବଂ ଶ୍ରୀ ବସୁଦେବ ମଧ ନିଜର ଭଗିନୀକୁ ପରମ ସ୍ନେହ, ଶ୍ରଦ୍ଧା ଓ ଆନନ୍ଦର ସହ ସ୍ୱାଗତ ସମ୍ଭାଷଣ ଜ୍ଞାପନ କଲେ । ପରେ ବସୁଦେବ ଓ ଉଗ୍ରସେନାଦି ଯଦୁବଂଶୀମାନେ ସମବେତ ରାଜାମାନଙ୍କର ସମ୍ମାନ ସତ୍କାର କଲେ । ରାଜାମାନେ ଭଗବାନଙ୍କୁ ଦର୍ଶନ କରି ପରମ ଆନନ୍ଦ ଲାଭକଲେ । ପିତାମହ ଭୀଷ୍ମ, ଦ୍ରୋଣାଚାର୍ଯ୍ୟ, ଧୃତରାଷ୍ଟ୍ର, ଗାନ୍ଧାରୀ ତାଙ୍କ ଶତପୁତ୍ର, ପଞ୍ଚପାଣ୍ଡବ ଓ ମାତା କୁନ୍ତୀ, ସଂଜୟ, ବିଦୁର, କୃପାଚାର୍ଯ୍ୟ, କୁନ୍ତୀଭୋଜ, ବିରାଟ, ଭୀଷ୍ମକ , ରାଜା ନଗ୍ନଜିତ, ପୁରୁଜିତ, ଦ୍ରୁପଦ, ଶଲ୍ୟ, ଧୃଷ୍ଟକେତୁ, କାଶୀ ନରେଶ, ରାଜା ଦମଘୋଷ, ବିଶାଳାକ୍ଷ, ମିଥିଳା, ମଦ୍ର ଓ କୈକେୟ ନରେଶ, କ୍ଷୁଧାମନ୍ୟୁ, ସୁଶର୍ମା ଆଦି ରାଜା ଓ ସେମାନଙ୍କର ମହିଷୀମାନେ ପ୍ରଭୁ ଶ୍ରୀକୃଷ୍ଣ ଏବଂ ତାଙ୍କର ପତ୍ନୀମାନଙ୍କୁ ଦର୍ଶନ କରି ତୀର୍ଥସ୍ଥାନର ସଦ୍ୟ ଫଳଲାଭ ହେଲା ବୋଲି ମନେକଲେ । ସେହି ପବିତ୍ର କ୍ଷେତ୍ରରେ ସମସ୍ତ ଭେଦଭାବ କୁ ବିସ୍ମୃତ ହୋଇ ଏକ ପରିବାର ଭୁକ୍ତ ବୋଲି ନିଜକୁ ମନେ କଲେ । ଶ୍ରୀକୃଷ୍ଣ ଓ ବଳରାମ ମଧ ସମସ୍ତଙ୍କୁ ଯଥା ବିଧି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କଲେ । ରାଜାମାନେ ରାଜା ଉଗ୍ରସେନଙ୍କୁ ସମ୍ବୋଧନ କରି କହିଲେ, ଆପଣଙ୍କ ଜୀବନ ଧନ୍ୟ, ଯେଉଁ ଭଗବାନ ଶ୍ରୀକୃଷ୍ଣଙ୍କ ଦର୍ଶନ ବଡ ବଡ ଯୋଗୀଙ୍କୁ ମଧ ଦୁର୍ଲଭ ଆପଣ ସେହି ଶ୍ରୀଚରଣକୁ ନିତ୍ୟ ନିରନ୍ତର ଦର୍ଶନ କରିପାରୁଛନ୍ତି । ସକଳ ବେଦ,ବେଦାନ୍ତ ସେହି ବିଶ୍ୱ ବରେଣ୍ୟ ପ୍ରଭୁ ଶ୍ରୀକୃଷ୍ଣଙ୍କର କୀର୍ତ୍ତିଗାଥା ଗାନ କରିଥାନ୍ତି । ତାଙ୍କରି ଇଛାରେ ହି ସୃଷ୍ଟି, ସ୍ଥିତି , ପ୍ରଳୟ ସଂଘଟିତ ହୋଇ ପୃଥିବୀ ଧ୍ୱଂସ ହୋଇ ପୁନର୍ବାର ଶସ୍ୟଶାମଳା ହୋଇ ଆତ୍ମ ପ୍ରକାଶ କରେ । ସୁଖ,ଦୁଃଖ ସମ୍ପଦ-ବିପଦ ଆଦିର ସର୍ବମୟ କର୍ତ୍ତା ସେ । ହେ ଭାଗ୍ୟବାନ ରାଜା ଉଗ୍ରସେନ, ପ୍ରଭୁଙ୍କ ସହ ତ ଆପଣଙ୍କ ପାରିବାରିକ ସମ୍ପର୍କ । ଆପଣଙ୍କ ଗୃହରେ ଭଗବାନ ବିଷ୍ଣୁ ମୂର୍ତ୍ତିମାନ ହୋଇ ନିବାସ କରୁଥିବାରୁ ବିଶ୍ୱ ବ୍ରହ୍ମାଣ୍ଡରେ ଆପଣ ହିଁ ସର୍ବଶ୍ରେଷ୍ଠ ଭାଗ୍ୟବାନ ବ୍ୟକ୍ତି ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ଗାଣ୍ଠି

# କର୍ମଜୀବୀ ମା ଓ ବ୍ୟାକୁଳ ପିଲା



ଶ୍ୱେତା ରାଉତ୍

ସାମାଜିକ ଗଣମାଧ୍ୟମରେ ଦେଖିବାକୁ ପାଇଲି ଛୋଟ ପିଲାଟିଏ ତା ମାଆ ପାଖକୁ ଯାଉନାହିଁ, ମା କୋଳକୁ ନେଲେ ଦଉଡ଼ି ପଳାଇ ଆସୁଛି, ଯେମିତି କେହି ଅଜଣା ଅଚିହ୍ନା ମଣିଷ ତାକୁ ନେଇଯାଇଛି। କାରଣ ପିଲାଟିର ମା ଚାକିରି କରୁଥିବାରୁ ସେ ଅଧିକ ସମୟ ବାହାରେ ରୁହନ୍ତି ଓ ଘରକୁ ଆସିବା ପରେ ମଧ ପିଲାଟିକୁ ସମୟ ଦେଇ ପାରନ୍ତି ନାହିଁ। ତେଣୁ ମା ଓ ପିଲା ଭିତରେ ଦୂରତା ଉପୁନ ହେବା ସ୍ୱାଭାବିକ।

ମହିଳାମାନେ ସଶକ୍ତ ହେବା ଭଲ କଥା, ଆତ୍ମନିର୍ଭରଶୀଳ ହେବା ବି ଭଲ କଥା, କିନ୍ତୁ କେଉଁଠି ନା କେଉଁଠି ମହିଳାମାନେ ନିଜ ପିଲାଠୁ ଦୂରେଇ ଯାଉନାହାନ୍ତି କି? ପିଲାମାନେ ମାଆର ମମତାରୁ ବଞ୍ଚିତ ହେଉନାହାନ୍ତି କି? ମାଆ ଚାକିରି କରିବା ଫଳରେ ପିଲାଟିଏ ମାଆର ଅନୁପସ୍ଥିତି ଯୋଗୁଁ ମାନସିକ ଭାବେ ପ୍ରଭାବିତ ହେଉନି କି? ଯାହା ଫଳରେ ଛୋଟ ବୟସରୁ ପିଲାଟିଏ ଜିଦିଖୋର୍ ହେବା, ରାଗି, ଚିଡିଚିଡା, ଉଶୃଙ୍ଖଳିତ ହେବା, ମୋବାଇଲ୍ ନିଶା ଓ ବିଷାଦଗ୍ରସ୍ତ ହେବା ଭଳି ଅନେକ ଚିନ୍ତାଜନକ ସମସ୍ୟା ଦେଇ ଗତି କରିବାକୁ ପଡିପାରେ।

ଏହା ବ୍ୟତୀତ ନିଜ ପିଲାଙ୍କୁ ମଣିଷ କରିବାକୁ ଜୀବନ ସାରା ଦୁଃଖ, କଷ୍ଟ, ଜଞ୍ଜାଳ ଦେଇ ଗତି କରିଥିବା ବାପା ମା ବୁଢ଼ା ବୁଢ଼ୀ ବୟସରେ ବିଶ୍ରାମ ନେବା ସମୟରେ ନାତି, ନାତୁଣୀକୁ ସମ୍ଭାଳିବାର ଦାୟିତ୍ୱ ବୋଝ ଉପରେ ଲଳିତ ବିଡ଼ା ପରି ମନେହୁଏ। ସମସ୍ତଙ୍କ ପାଖରେ ପିଲା ପାଇଁ ଲୋକ ରଖିବାର ସମ୍ବଳ ନଥାଏ, ବାର୍ଦ୍ଧକ୍ୟରେ ସବୁ କିଛି ଭୁଲି ଯାଉଥିବା ସମୟରେ ମନେ ରଖି ସମୟ ଅନୁସାରେ ଛୋଟ ପିଲାମାନଙ୍କ ଯତ୍ନ ନେବା, ଖୁଆଇବା, ଜଗି ଜଗି ରହିବା କମ୍ କଥା ନୁହେଁ। ଯଦି କିଛି ତୃଟି ହୋଇଗଲା ବୋହୂ ଠାରୁ ଦୁଇ ପଦ ଶୁଣିବା ବି ଅସମ୍ଭବ ନୁହେଁ।

ଅନେକ ସ୍ଥାନରେ ଦେଖାଯାଏ ଏହା ସତ୍ୟ ଯେ ମାଆଙ୍କର ଅନୁପସ୍ଥିତିରେ ଶିଶୁମାନେ ଏକାକୀପଣ ଅନୁଭବ କରନ୍ତି। ଯଦି ସେମାନେ ପ୍ରର୍ଯ୍ୟାପ୍ତ ସମୟ ଓ ସ୍ନେହ ନପାଆନ୍ତି ତେବେ ସେମାନଙ୍କ ଭିତରେ ମାନସିକ ଅସ୍ଥିରତା, ବିଷାଦ ରହିବା ସ୍ୱାଭାବିକ। ବିଶେଷ କରି ଛୋଟ ବୟସରେ ଏହା ଅଧିକ ପ୍ରଭାବ ପକାଏ, କାରଣ ସେତେବେଳେ ଶିଶୁମାନେ ଅଧିକ ଭାବନାତ୍ମକ ଭାବେ ମାଆ ଉପରେ ନିର୍ଭର କରନ୍ତି। ଏପରି ସ୍ଥିତିରେ ମାଆଙ୍କର ଦୀର୍ଘ ସମୟର ଅନୁପସ୍ଥିତି ଶିଶୁର ମାନସିକ ଉନ୍ନତିକୁ କେତେକ ଅଂଶରେ ପ୍ରଭାବିତ କରିପାରେ।

କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ ମହିଳାଙ୍କର କାମ କରିବା ଭୁଲ। ଆଜିର ଅର୍ଥନୈତିକ ଓ ସାମାଜିକ ପରିସ୍ଥିତିରେ ଦୁଇଜଣଙ୍କର ଆୟ ପରିବାର ପାଇଁ ଆବଶ୍ୟକ ହୋଇପଡ଼ିଛି। ତାସହିତ, ମହିଳାଙ୍କର ଆତ୍ମସମ୍ମାନ, ସ୍ୱାଧୀନତା ଓ ସ୍ୱପ୍ନ ପୂରଣ କରିବାର ଅଧିକାର ମଧ ସମାନ ଭାବରେ ଜରୁରୀ।ତେଣୁ କିଭଳି ଭାବେ ମାଆ, ନିଜ ପିଲାର ମନସ୍ଥିତିକୁ ବୁଝି ସନ୍ତୁଳନ ରଖିପାରିବ ଏହା ଉପରେ ଗୁରୁତ୍ୱ ରହିବ ଆବଶ୍ୟକ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଆପଣ ସବୁବେଳେ ଦୁର୍ବଳ ଅନୁଭବ କରୁଛନ୍ତି କି; କରନ୍ତୁ ଏହି ଯୋଗ, ଶରୀରରେ ଖେଳିଯିବ ଶକ୍ତି



ଦିନ ସାରା କ୍ଳାନ୍ତ ଲାଗିବା ଅବସ୍ଥାକୁ କ୍ରନିକ୍ ଫଟିଗ୍ ସିଣ୍ଡ୍ରୋମ କୁହାଯାଏ। ଏଭଳି ଥକାପଣ ଏବଂ ଆପଣ ଦିନସାରା ଶୋଇଲେ ବି କିଛି ଲାଭ ହୁଏନି। ଏପରି ପରିସ୍ଥିତିରେ, ଥକାପଣ ଏବଂ ଦୁର୍ବଳତାର ଆପଣ ଯୋଗ କରିପାରିବେ। ଆଜିକାଲିର ଖରାପ ଜୀବନଶୈଳୀ, ଖାଦ୍ୟରେ ଗଡବଡ ଏବଂ ଅନେକ ଶାରୀରିକ ଏବଂ ମାନସିକ ସମସ୍ୟାର ଶିକାର ହେଉଛନ୍ତି। ଏମିତି ଅବସ୍ଥାରେ ବ୍ୟକ୍ତି ସ୍ୱାଭାବିକ। ଆପଣ ବିଶ୍ରାମ ନିଅନ୍ତି ବା କିଛି କାମ ନ କରନ୍ତୁ କିନ୍ତୁ ଆଭ୍ୟନ୍ତରୀଣ ଭାବରେ ଆପଣ କରନ୍ତି। ଏହି ଅବସ୍ଥାକୁ କ୍ରନିକ୍ ଫଟିଗ୍ ସିଣ୍ଡ୍ରୋମ କୁହାଯାଏ। ଏଭଳି ଥକାପଣ ଏବଂ ଦୁର୍ବଳତାକୁ ଦିନସାରା ବିଛଣାରେ ଶୋଇବାକୁ ଚାହାଁନ୍ତି। ତଥାପି, ଶରୀରରେ ଏତେ ଶକ୍ତି ଅଭାବ ରୁହେ ଯେ ଲାଗେ। ଏପରି ପରିସ୍ଥିତିରେ, ଥକାପଣ ଏବଂ ଦୁର୍ବଳତାର ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଯୋଗ କେବଳ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢାଏ ନାହିଁ ବରଂ ଆପଣଙ୍କ ଉର୍ଜାକୁ ମଧ ଭାବରେ ଆପଣଙ୍କ ଶରୀର ହାଲୁକା ଏବଂ ଶକ୍ତିଶାଳୀ ଅନୁଭବ କରେ। ଯଦି ଆପଣ ମଧ ଏମିତି ତେବେ ଏହି ଯୋଗାସନାକୁ ଆପଣଙ୍କର ନିୟମିତ ଅଭ୍ୟାସରେ ଅନ୍ତର୍ଭୁକ୍ତ କରନ୍ତୁ।

ଦୁର୍ବଳତାକୁ ଦୂର କରିବା ପାଇଁ, ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ନିଦ୍ରା ଅଭାବ ହେତୁ ଲୋକମାନେ ଦିନସାରା କ୍ଳାନ୍ତ ଅନୁଭବ କରିବା ଦୁର୍ବଳ ଏବଂ କ୍ଳାନ୍ତ ଅନୁଭବ ଦୂର କରିବା ପାଇଁ, ଆପଣ ଶରୀର ଓଜନିଆ ଲାଗେ, ଦୁର୍ବଳ ଆପଣ ଯୋଗ କରିପାରିବେ। ବଢ଼ାଇଥାଏ। ଆଭ୍ୟନ୍ତରୀଣ ସମସ୍ୟାର ସମ୍ମୁଖିନ ହେଉଛନ୍ତି ମଧ ଯୋଗାଇଥାଏ। ବାଳାସନ ସାମାନ୍ୟ ଛଡା ରଖନ୍ତୁ। ପିଚାକୁ ଏ କ

*ବାଳାସନ:* ନିୟମିତ ବାଳାସନ ଅଭ୍ୟାସ କରନ୍ତୁ। ଏହି ଆସନ ଚାପକୁ ହ୍ରାସ କରିଥାଏ ଏବଂ ଶକ୍ତି କରିବାକୁ ହେଲେ ଆଣ୍ଠୁ ଉପରେ ଭୂମିରେ ବସନ୍ତୁ। ଉଭୟ ପାଦକୁ ଏକାଠି ସ୍ପର୍ଶ କରି ଗୋଇଠିକୁ ଲଗେଇ ଗୋଇଠି ମଝିରେ ବସନ୍ତୁ। ଦୁଇ ଆଣ୍ଠୁକୁ ପ୍ରସାରିତ କରି ରଖନ୍ତୁ ଗଭୀର ଶ୍ୱାସ ନେଇ ହାତକୁ ଉପରକୁ ଉଠାନ୍ତି, ଏବଂ ଶ୍ୱାସ ଛାଡି ଆଗକୁ ଝୁଙ୍କନ୍ତୁ। ପେଟକୁ ଦୁଇ ଜଙ୍ଘ ମଝିରେ ରଖନ୍ତୁ। ଏହି ଅବସ୍ଥାରେ କିଛି ସମୟ ରୁହନ୍ତୁ। ପରେ ମୂଳ ଅବସ୍ଥାକୁ ଆସନ୍ତୁ।

*ଧନୁରାସନ:* ଥାଇରଏଡରେ ଧନୁରାସନ ଅଭ୍ୟାସ ଅତ୍ୟନ୍ତ ଲାଭଦାୟକ। ଏହି ଆସନ ଶକ୍ତିଶାଳୀ କରିବା ସହିତ ମେଦବହୁଳତା ହ୍ରାସ କରାଏ। ଏହି ଆସନ ଅଭ୍ୟାସ କରିବା ପାଇଁ ପେଟ ମାଡି ଶୋଇ ପଡନ୍ତୁ ଏବଂ ଅଣ୍ଟା ଆଡକୁ ପାଦ ଆଣନ୍ତୁ। ବର୍ତ୍ତମାନ ଉଭୟ ପାଦକୁ ଦୁଇ ହାତରେ ଧରି ରଖିବାକୁ ଚେଷ୍ଟା କରନ୍ତୁ। ତା'ପରେ ମୁଣ୍ଡ, ଛାତି ଏବଂ ଜଙ୍ଘକୁ ଉପରକୁ ଉଠାନ୍ତୁ ଏବଂ ଶରୀରର ଓଜନକୁ ପେଟର ନିମ୍ନ ଭାଗରେ ରଖନ୍ତୁ। କିଛି ସମୟ ଏହି ଅବସ୍ଥାରେ ରହି ମୂଳ ଅବସ୍ଥାକୁ ଫେରନ୍ତୁ।

*ତାଡାସନ:* ଏହି ଆସନ ସମଗ୍ର ଶରୀର ଉପରେ ପ୍ରଭାବ ପକାଏ। ତାଡାସନ କରିବାକୁ ସିଧା ଠିଆ ହୁଅନ୍ତୁ ଏବଂ ଗୋଡ ମଧରେ କିଛି ଦୂରତା ରଖନ୍ତୁ। ଏକ ଗଭୀର ଶ୍ୱାସ ନେଇ ଉଭୟ ହାତ ଉପରକୁ ଉଠାନ୍ତୁ। ଉପରକୁ ଭିଡି ହୋଇ ଦୁଇ ଗୋଇଠି ଉଠାନ୍ତୁ ଆଉ ପାଦ ଆଙ୍ଗୁଠି ଉପରେ ଠିଆ ହୁଅନ୍ତୁ। ଏହି ଅବସ୍ଥାରେ ଶରୀରର ପ୍ରତ୍ୟେକ ଅଙ୍ଗ ଟାଣି ହୁଏ। ଏହି ଅବସ୍ଥାରେ କିଛି ସମୟ ରହିବା ପରେ ସାଧାରଣ ସ୍ଥିତିକୁ ଫେରନ୍ତୁ। ଏହି ଆସନକୁ ୧୦ରୁ ୧୫ଥର ପୁନରାବୃତ୍ତି କରନ୍ତୁ।

*ଶବାସନ:*

ଶାରୀରିକ ଏବଂ ମାନସିକ ଥକାପଣ ଦୂର କରିବା ପାଇଁ ଶବାସନ ଖୁବ ଲାଭଦାୟକ। ଏହି ଆସନ କରିବା ପାଇଁ, ପିଠି ପଟିଆ ଶୋଇ ଯାଆନ୍ତୁ ଏବଂ ଦୁଇ ଗୋଡ କିଛି ବ୍ୟବଧାନରେ ରଖି ଢିଲା ଛାଡିଦିଅନ୍ତୁ। ଦୁଇ ହାତକୁ ଶରୀରଠାରୁ ଅଳ୍ପ ଦୂରରେ ରଖି ଧୀରେ ଧୀରେ ଆଙ୍ଗୁଠି ଠାରୁ ଆରମ୍ଭ କରି ସମଗ୍ର ଶରୀର ଉପରେ ଧ୍ୟାନ ଦିଅନ୍ତୁ। ମନକୁ ଶାନ୍ତ ରଖନ୍ତୁ ଏବଂ ଶରୀରରେ ଶକ୍ତି ଖେଳିଯିବା ଅନୁଭବ କରନ୍ତୁ।

# କ୍ୟାନ୍ସର ଉପରେ ପ୍ରଭାବୀ ଫ୍ଲାସ ରେଡିଓ ଥେରାପି: ନିମିଷକେ କ୍ୟାନ୍ସର କୋଷିକାକୁ କରୁଛି ନଷ୍ଟ

ଆଜିର ଦିନରେ ସାରା ବିଶ୍ୱରେ କର୍କଟ ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ପ୍ରତିବର୍ଷ ପ୍ରାୟ ୬କୋଟିରୁ ଅଧିକ ଲୋକ ଏହି ରୋଗରେ ପ୍ରାଣ ହରାଉଛନ୍ତି । ଭାରତ ସମେତ ଅନେକ ଦେଶରେ କର୍କଟ ସ୍ଥିତି ଉତ୍କଟ ରହିଛି । ଏହା ସବୁଠାରୁ ବିପଦପୂର୍ଣ୍ଣ ରୋଗ ମଧ୍ୟରୁ ଗୋଟିଏ । କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ବହୁତ କମ୍ ଲୋକ ସୁସ୍ଥ ହୋଇପାରନ୍ତି । ବ୍ୟୟବହୁଳ ସହ ଏହାର ଚିକିତ୍ସା ମଧ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିଥାଏ । ଏସବୁ ଭିତରେ କ୍ୟାନ୍ସର ରୋଗୀଙ୍କ ପାଇଁ ଆଶୀର୍ବାଦ ପାଲିଟିଛି ଫ୍ଲାସ ରେଡିଓ ଥେରାପି । ଜାଣନ୍ତୁ ଏହା କଣ ?

କ୍ୟାନ୍ସର ପାଇଁ ରାମବାଣ ଫ୍ଲାସ ରେଡିଓ ଥେରାପି !

-ଫ୍ଲାସ ରେଡିଓ ଥେରାପି କ୍ୟାନ୍ସର ଚିକିତ୍ସାର ଅଭିନବ କୌଶଳ
-ଏଥିରେ ବିକିରଣର ସମ୍ପୂର୍ଣ୍ଣ ଡୋଜ୍ ବହୁତ କମ୍ ସମୟରେ ପ୍ରଦାନ କରାଯାଏ
-କ୍ୟାନ୍ସର କୋଷିକାକୁ ଛାଡ଼ିଦେଲେ ସୁସ୍ଥ ଟିସୁ ଉପରେ ବିକିରଣର ପ୍ରଭାବ ହ୍ରାସ ପାଏ
-ବିକିରଣ-ପ୍ରେରିତ ବିଷାକ୍ତତାକୁ ହ୍ରାସ କରିବାରେ ସାହାଯ୍ୟ କରେ

ଏହି ଅତ୍ୟାଧୁନିକ ଚିକିତ୍ସା ପଦ୍ଧତିରେ କିଛି ମିନିଟ୍ ମଧରେ ରୋଗ ଚିହ୍ନଟ ହେବା ସହ ଏହାକୁ ଭଲ କରାଯାଇପାରିବ ରୋଗୀଙ୍କୁ ଅଧିକ ସମୟ ପାଇଁ ହସ୍ପିଟାଲରେ ରହିବାକୁ ପଡ଼ିବ ନାହିଁ । ଏପରି ପରିସ୍ଥିତିରେ ରୋଗୀଙ୍କ ଜୀବନକାଳ ବୃଦ୍ଧି ପାଇବ । କର୍କଟ ରୋଗ ଚିକିତ୍ସାରେ ବ୍ୟବହାର କରାଯାଉଥିବା ପାରମ୍ପରିକ ରେଡିଓ ଥେରାପିର ରେଡିଏସନ୍ ପାଇଁ ଏକାଧିକ ସେସନ୍ସ କରାଯାଇଥାଏ । ଯାହାଦ୍ୱାରା ଶରୀରର ସୁସ୍ଥ କୋଷିକା ନଷ୍ଟ ହେବା ସହ ବ୍ରେନ୍ କ୍ୟାନ୍ସର ହେବାର ଆଶଙ୍କା ସୃଷ୍ଟି ହୁଏ । କିନ୍ତୁ ଫ୍ଲାସ୍ ରେଡିଓଥେରାପି ମାତ୍ର ଗୋଟିଏ ସେସନରେ ରୋଗୀକୁ ସମ୍ପୂର୍ଣ୍ଣ ଭାବେ ସୁସ୍ଥ କରିଦେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ।

# ସଫଳତାକୁ ଦଣ୍ଡ ଏବଂ ବିଫଳତାକୁ ପୁରସ୍କାର !

ଭାରତର ରାଜନୈତିକ ମାନଚିତ୍ର ଏବଂ ଗଣତାନ୍ତ୍ରିକ ପ୍ରତିନିଧିତ୍ୱ ବର୍ତ୍ତମାନ ଏକ ଅଭୂତପୂର୍ବ ପରିବର୍ତ୍ତନର ଦ୍ୱାରଦେଶରେ ଉପନୀତ ହୋଇଛି । ଆଗାମୀ ଦିନରେ କେନ୍ଦ୍ର ସରକାର ଲୋକସଭା ଆସନଗୁଡ଼ିକର ସୀମା ନିର୍ଦ୍ଧାରଣ ବା ଡିଲିମିଟେସନ୍ କରିବାକୁ ଯାଉଛନ୍ତି । ସୀମା ନିର୍ଦ୍ଧାରଣ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା, ଯାହା ପାଇଁ ସଂସଦରେ ଏକ ସ୍ୱତନ୍ତ୍ର 'ସୀମା ନିର୍ଦ୍ଧାରଣ ଆୟୋଗ ଆଇନ' ପାରିତ ହେବାର ଆବଶ୍ୟକତା ରହିଛି । ଏଥିସହ ଲୋକସଭାର ମୋଟ ଆସନ ସଂଖ୍ୟା ବୃଦ୍ଧି ପାଇଁ ସମ୍ବିଧାନରେ ସଂଶୋଧନ ମଧ୍ୟ ଜରୁରୀ ହେବ । ପ୍ରସ୍ତାବିତ ନୂତନ ସୀମା ନିର୍ଦ୍ଧାରଣ ମାଧ୍ୟମରେ ଲୋକସଭାର ସମୁଦାୟ ଆସନ ସଂଖ୍ୟା ୫୪୩ ରୁ ୮୫୦ କୁ ବୃଦ୍ଧି କରିବାର ସମ୍ଭାବନା ରହିଛି । ପ୍ରାୟ ପଚାଶ ବର୍ଷ ଧରି ଲୋକସଭା ଆସନ ସଂଖ୍ୟା ଉପରେ ଥିବା କଟକଣାକୁ ହଟାଇ ଦିଆଯାଇ ନୂତନ ସୀମା ନିର୍ଦ୍ଧାରଣ ଯଦି କେବଳ ୨୦୧୧ ଜନଗଣନା ଅନୁପାତରେ କରାଯାଏ, ତେବେ ତାହା ଭାରତର ସଂଘୀୟ ଢାଞ୍ଚା ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିବ । ଏହି ପଦକ୍ଷେପ ଦ୍ୱାରା ଦକ୍ଷିଣ ଏବଂ ପୂର୍ବ ଭାରତର ରାଜ୍ୟଗୁଡ଼ିକ ଲୋକସଭାରେ ନିଜର ପ୍ରତିନିଧିତ୍ୱ ହରାଇବାକୁ ବସିଥିବା ବେଳେ ଉତ୍ତର ଭାରତର ହିନ୍ଦୀ ଭାଷାଭାଷୀ ରାଜ୍ୟଗୁଡ଼ିକ ଅତ୍ୟଧିକ ଲାଭବାନ ହେବେ ।

ଏହି ସୀମା ନିର୍ଦ୍ଧାରଣର ଆନୁପାତିକ ତଥ୍ୟକୁ ଅନୁଧ୍ୟାନ କଲେ ଏକ ସ୍ପଷ୍ଟ ବିଷମତା ପରିଲକ୍ଷିତ ହୁଏ । ଯଦି ୮୫୦ଟି ଆସନକୁ ସମାନ ଜନସଂଖ୍ୟା ଅନୁପାତରେ ସମସ୍ତ ରାଜ୍ୟ ମଧ୍ୟରେ ବଣ୍ଟନ କରାଯାଏ, ତେବେ ବର୍ତ୍ତମାନର ପ୍ରତିନିଧିତ୍ୱ ବଜାୟ ରହିଥାନ୍ତା । କିନ୍ତୁ ସମ୍ବିଧାନର ଅନୁଚ୍ଛେଦ ୮୧(୨)(କ) ଅନୁଯାୟୀ ଆସନ ବଣ୍ଟନ କେବଳ ଜନସଂଖ୍ୟା ଭିତ୍ତିରେ ହେବା ବାଧ୍ୟତାମୂଳକ ଅଟେ । ୨୦୧୧ ଜନଗଣନା ତଥ୍ୟକୁ ଆଧାର କଲେ, ହିନ୍ଦୀ ଭାଷାଭାଷୀ ରାଜ୍ୟ ଯଥା ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ, ଏବଂ ମଧ୍ୟପ୍ରଦେଶ ଆଦି ସବୁଠାରୁ ଅଧିକ ଲାଭବାନ ହେବେ । ଆଞ୍ଚଳିକ ସ୍ତରରେ ଦେଖିଲେ ୮୫୦ ଆସନ ବିଶିଷ୍ଟ ଲୋକସଭାରେ ହିନ୍ଦୀ ବଳୟର ପ୍ରତିନିଧିତ୍ୱ ବର୍ତ୍ତମାନର ୩୮.୧ ପ୍ରତିଶତରୁ ବୃଦ୍ଧି ପାଇ ୪୩.୧ ପ୍ରତିଶତ ହୋଇଯିବ । ଅର୍ଥାତ୍ କେବଳ ଏହି ଅଞ୍ଚଳ ୧୫୭ଟି ନୂଆ ଆସନ ପାଇବ, ଯାହାକି ସେମାନଙ୍କର ବର୍ତ୍ତମାନର ୨୦୭ଟି ଆସନ ତୁଳନାରେ ଏକ ୭୬ ପ୍ରତିଶତ ବୃଦ୍ଧି ଅଟେ । ଏହାର ବିପରୀତରେ ଦକ୍ଷିଣ ଭାରତର ପ୍ରତିନିଧିତ୍ୱ ୨୪.୩ ପ୍ରତିଶତରୁ ଖସି ୨୦.୭ ପ୍ରତିଶତକୁ ଆସିଯିବ ଏବଂ ସେମାନେ ମାତ୍ର ୪୪ଟି ନୂଆ ଆସନ ପାଇବେ ଯାହା କେବଳ ୩୩ ପ୍ରତିଶତ ବୃଦ୍ଧିକୁ ସୂଚାଉଛି । ପୂର୍ବ ଭାରତର ଅଂଶ ମଧ୍ୟ ୧୪.୪ ପ୍ରତିଶତରୁ ୧୩.୭ ପ୍ରତିଶତକୁ ହ୍ରାସ ପାଇବ ଏବଂ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ପ୍ରତିନିଧିତ୍ୱ ୪.୪ ରୁ ୩.୮ ପ୍ରତିଶତକୁ ଖସିଆସିବ । ଏହା ପ୍ରମାଣିତ କରୁଛି ଯେ ଆଗାମୀ ଦିନରେ ସଂସଦରେ କେବଳ କେତୋଟି ନିର୍ଦ୍ଦିଷ୍ଟ ରାଜ୍ୟର ସ୍ୱର ହିଁ ସର୍ବାଧିକ ଶୁଣାଯିବ । ସମାନୁପାତିକ ବୃଦ୍ଧି ତୁଳନାରେ ଉତ୍ତରପ୍ରଦେଶ ଅତିରିକ୍ତ ୧୩ଟି ଆସନ ପାଇବ ଏବଂ ବିହାର ୧୦ଟି ଅତିରିକ୍ତ ଆସନ ଲାଭ କରିବ । ଅନ୍ୟପକ୍ଷରେ ତାମିଲନାଡୁ ୧୧ଟି ଆସନ ହରାଇବ, କେରଳ ୮ଟି, ଆନ୍ଧ୍ରପ୍ରଦେଶ ୫ଟି ଏବଂ ଆମ ନିଜ ରାଜ୍ୟ ଓଡ଼ିଶା ମଧ୍ୟ ୩ଟି ଆସନ ହରାଇବ ।

ଏହି ଅସମାନତାର ମୂଳ କାରଣ ହେଉଛି ଭାରତର ବିଭିନ୍ନ ରାଜ୍ୟ ମଧ୍ୟରେ ଥିବା ଜନସାଂଖ୍ୟିକ ବିଭାଜନ ବା ଡେମୋଗ୍ରାଫିକ୍ ଡିଭାଇଡ୍ । ସଦ୍ୟତମ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣର ତଥ୍ୟ ଅନୁଯାୟୀ, ଦକ୍ଷିଣ ଭାରତର ସମସ୍ତ ପାଞ୍ଚଟି ରାଜ୍ୟରେ ମୋଟ ପ୍ରଜନନ ହାର ବା ଟୋଟାଲ ଫର୍ଟିଲିଟି ରେଟ୍ ୧.୫ ରୁ ୧.୮ ମଧ୍ୟରେ ରହିଛି, ଯାହାକି ଜନସଂଖ୍ୟା ସ୍ଥିରତା ପାଇଁ ଆବଶ୍ୟକୀୟ ୨.୧ ହାର ଠାରୁ କମ୍ ଅଟେ । ଆମ ରାଜ୍ୟ ଓଡ଼ିଶା ମଧ୍ୟ ଜନସଂଖ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । କିନ୍ତୁ ଅନ୍ୟପକ୍ଷରେ ଉତ୍ତର ଭାରତର ଅନେକ ରାଜ୍ୟରେ ଫର୍ଟିଲିଟି ରେଟ୍ ଏବେ ବି ଯଥେଷ୍ଟ ଅଧିକ ରହିଛି । ୧୯୭୬ ମସିହାରେ ୪୨ତମ ସମ୍ବିଧାନ ସଂଶୋଧନ ଜରିଆରେ ଯେତେବେଳେ ପ୍ରଥମ ଥର ପାଇଁ ଲୋକସଭା ଆସନ ସଂଖ୍ୟା ଉପରେ କଟକଣା ଲଗାଯାଇଥିଲା, ତାର ମୂଳ ଉଦ୍ଦେଶ୍ୟ ଥିଲା ଯେଉଁ ରାଜ୍ୟଗୁଡ଼ିକ ପରିବାର ନିୟୋଜନ କାର୍ଯ୍ୟକ୍ରମକୁ ସଫଳତାର ସହ କାର୍ଯ୍ୟକାରୀ କରୁଛନ୍ତି, ସେମାନଙ୍କୁ ଯେପରି ରାଜନୈତିକ କ୍ଷେତ୍ରରେ କ୍ଷତି ସହିବାକୁ ନପଡ଼େ । ପରବର୍ତ୍ତୀ ସମୟରେ ୨୦୦୧ ମସିହାରେ ଚଉରାଅଶୀତମ ସମ୍ବିଧାନ ସଂଶୋଧନ ଜରିଆରେ ଏହି କଟକଣାକୁ ୨୦୨୬ ମସିହା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ବହୁ ଦଶନ୍ଧି ଧରି ଦକ୍ଷିଣ ଓ ପୂର୍ବ ଭାରତର ରାଜ୍ୟଗୁଡ଼ିକ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ପରିବାର ନିୟୋଜନ କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ କରି ନିଜର ଦାୟିତ୍ୱବୋଧର ପ୍ରମାଣ ଦେଇଛନ୍ତି । କିନ୍ତୁ ବର୍ତ୍ତମାନର ସୀମା ନିର୍ଦ୍ଧାରଣ ପ୍ରସ୍ତାବ ସେହି ସଫଳତା ପାଇଁ ସେମାନଙ୍କୁ ପୁରସ୍କୃତ କରିବା ପରିବର୍ତ୍ତେ ଦଣ୍ଡିତ କରିବାକୁ ଯାଉଛି ।

ଏହି ପରିସଂଖ୍ୟାନ ଏକ ଗଭୀର ଉନ୍ନୟନମୂଳକ ଏବଂ ରାଜନୈତିକ ବିଡ଼ମ୍ବନାକୁ ପଦାରେ ପକାଉଛି । ଯେଉଁ ରାଜ୍ୟଗୁଡ଼ିକ ଜାତୀୟ ନୀତିକୁ ଅନୁସରଣ କରି ନିଜର ସାମାଜିକ-ଅର୍ଥନୈତିକ ସୂଚକାଙ୍କରେ ଉନ୍ନତି ଆଣିଲେ ଏବଂ ଜନସଂଖ୍ୟା ବିସ୍ଫୋରଣକୁ ରୋକିବାରେ ସମର୍ଥ ହେଲେ, ଆଜି ସେମାନଙ୍କର ସାଂସଦୀୟ କ୍ଷମତା ସଙ୍କୁଚିତ ହେବାକୁ ଯାଉଛି । ବିପରୀତ କ୍ରମେ, ଯେଉଁ ରାଜ୍ୟଗୁଡ଼ିକ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜନସଂଖ୍ୟା ନିୟନ୍ତ୍ରଣରେ ଆଶାନୁରୂପକ ସଫଳତା ହାସଲ କରିପାରି ନାହାନ୍ତି, ସେମାନଙ୍କୁ ଅଧିକ ରାଜନୈତିକ କ୍ଷମତା ଏବଂ ସଂସଦରେ ଅଧିକ ଆସନ ଦେଇ ପୁରସ୍କୃତ କରାଯାଉଛି । ସମ୍ବିଧାନର ଅନୁଚ୍ଛେଦ ୮୧(୨)(କ) ର ମୂଳ ନୀତି ହେଉଛି ଜନସଂଖ୍ୟା ଭିତ୍ତିକ ପ୍ରତିନିଧିତ୍ୱ, ଯାହା ଗଣତନ୍ତ୍ରର ଜଣେ ବ୍ୟକ୍ତି ଗୋଟିଏ ଭୋଟ୍ ନୀତି ଉପରେ ଆଧାରିତ । କିନ୍ତୁ ଏକ ବିବିଧତାପୂର୍ଣ୍ଣ ତଥା ସଂଘୀୟ ରାଷ୍ଟ୍ରରେ ଏହା କେବଳ ସଂଖ୍ୟାଗରିଷ୍ଠତାର ଆଧିପତ୍ୟକୁ ପ୍ରୋତ୍ସାହିତ କରେ ଏବଂ ବିକାଶମୂଳକ ସଫଳତାକୁ ଅଣଦେଖା କରେ । ଯଦି କେବଳ ଜନଗଣନାକୁ ଆଧାର କରାଯାଏ, ତେବେ ଗାଣିତିକ ଦୃଷ୍ଟିକୋଣରୁ ହିନ୍ଦୀ ବଳୟର ଆଧିପତ୍ୟ ଅବଶ୍ୟମ୍ଭାବୀ ହୋଇପଡିବ ଏବଂ ଏହା ରାଜ୍ୟମାନଙ୍କ ମଧ୍ୟରେ ଥିବା ସମାନତାକୁ କ୍ଷୁଣ୍ଣ କରିବ । ସମଗ୍ର ଦେଶର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଯେଉଁ ରାଜ୍ୟଗୁଡ଼ିକ ଅଧିକ ଯୋଗଦାନ ଦେଉଛନ୍ତି, ସେମାନଙ୍କୁ ରାଜନୈତିକ ସ୍ତରରେ ଦୁର୍ବଳ କରିବା କୌଣସି ଦୃଷ୍ଟିକୋଣରୁ ଯୁକ୍ତିଯୁକ୍ତ ନୁହେଁ । ଏହାଦ୍ୱାରା ଦେଶର ସାମଗ୍ରିକ ବିକାଶ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି ।

ଏହି ସ୍ଥିତି ଭାରତର ସଂଘୀୟ ଢାଞ୍ଚା ପାଇଁ ଏକ ଦୀର୍ଘମିଆଦୀ ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଛି । ଯଦି ଦକ୍ଷିଣ ଓ ପୂର୍ବ ଭାରତର ରାଜ୍ୟଗୁଡ଼ିକ ଅନୁଭବ କରନ୍ତି ଯେ ଜାତୀୟ ସ୍ତରରେ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସେମାନଙ୍କର ସ୍ୱର କ୍ଷୀଣ ହୋଇଯାଉଛି ଏବଂ କେବଳ କେତୋଟି ନିର୍ଦ୍ଦିଷ୍ଟ ଉତ୍ତର ଭାରତୀୟ ରାଜ୍ୟ ସମଗ୍ର ଦେଶର ରାଜନୈତିକ ଭାଗ୍ୟ ନିୟନ୍ତ୍ରଣ କରୁଛନ୍ତି, ତେବେ ଏହା ଆଞ୍ଚଳିକ ଅସନ୍ତୋଷକୁ ଜନ୍ମ ଦେଇପାରେ । ଦକ୍ଷିଣ ଭାରତର ଅନେକ ବିଶିଷ୍ଟ ରାଜନେତା ଏବଂ ବୁଦ୍ଧିଜୀବୀମାନେ ମଧ୍ୟ ଏହି ପ୍ରସଙ୍ଗରେ ଗଭୀର ଉଦ୍ବେଗ ପ୍ରକାଶ କରିଛନ୍ତି । ସେମାନଙ୍କ ମତରେ ଏହି ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଅଣ-ହିନ୍ଦୀ ଭାଷାଭାଷୀ ରାଜ୍ୟଗୁଡ଼ିକୁ ଜାତୀୟ ରାଜନୀତିରେ ପ୍ରାସଙ୍ଗିକତା ହୀନ କରିଦେବ । ଓଡ଼ିଶା ପରି ଏକ ଶାନ୍ତିପ୍ରିୟ ଏବଂ ପ୍ରଗତିଶୀଳ ରାଜ୍ୟ, ଯାହା ନିଜର ସୀମିତ ସମ୍ବଳ ସତ୍ତ୍ୱେ ଦାରିଦ୍ର୍ୟ ଦୂରୀକରଣ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ନେଇଛି, ତାହାର ସଂସଦୀୟ ପ୍ରଭାବ କମିଯିବା କଦାପି ଗ୍ରହଣଯୋଗ୍ୟ ନୁହେଁ । ଆମ ସମ୍ବିଧାନ ନିର୍ମାତାମାନେ ଯେଉଁ ବିବିଧତା ମଧ୍ୟରେ ଏକତାର ସ୍ୱପ୍ନ ଦେଖିଥିଲେ, ତାହା କେବଳ ଏକ ସୁଦୃଢ଼ ସଂଘୀୟ ବ୍ୟବସ୍ଥା ମାଧ୍ୟମରେ ହିଁ ସମ୍ଭବ ହୋଇପାରିବ । ରାଜ୍ୟଗୁଡ଼ିକ ମଧ୍ୟରେ ଥିବା ସାଂସ୍କୃତିକ ଏବଂ ଭାଷାଗତ ସ୍ୱାତନ୍ତ୍ର୍ୟକୁ ସମ୍ମାନ ଜଣାଇବା ସହ ସେମାନଙ୍କର ରାଜନୈତିକ ଅଧିକାରକୁ ସୁରକ୍ଷିତ ରଖିବା କେନ୍ଦ୍ର ସରକାରଙ୍କର ପ୍ରାଥମିକ ଦାୟିତ୍ୱ ଅଟେ ।

ଆର୍ଥିକ ଅନୁଦାନ ବଣ୍ଟନ ଏବଂ କେନ୍ଦ୍ରୀୟ ଯୋଜନାଗୁଡ଼ିକର ରୂପାୟନ କ୍ଷେତ୍ରରେ ମଧ୍ୟ ଏହି ଅସମାନତାର ପ୍ରଭାବ ସ୍ପଷ୍ଟ ବାରି ହୋଇପଡିବ । ଅଧିକ ସାଂସଦ ଥିବା ରାଜ୍ୟଗୁଡ଼ିକ କେନ୍ଦ୍ର ସରକାରଙ୍କ ଉପରେ ଅଧିକ ଚାପ ପକାଇ ପାରିବେ ଏବଂ ନିଜ ଅଞ୍ଚଳ ପାଇଁ ଅଧିକ ପାଣ୍ଠି ଆଣିବାରେ ସକ୍ଷମ ହେବେ । ଏହାର ଫଳସ୍ୱରୂପ ଅର୍ଥ ଆୟୋଗଙ୍କ ସୁପାରିଶ ଏବଂ କେନ୍ଦ୍ରୀୟ ଯୋଜନାଗୁଡ଼ିକରେ ସମ୍ବଳ ଆବଣ୍ଟନ ସମୟରେ ଜନସଂଖ୍ୟା ବହୁଳ ରାଜ୍ୟଗୁଡ଼ିକ ସିଂହଭାଗ ନେଇଯିବେ । ଯେଉଁ ରାଜ୍ୟଗୁଡ଼ିକ ଦେଶର ଜାତୀୟ ଆୟ ଏବଂ ଟିକସ ସଂଗ୍ରହରେ ପ୍ରମୁଖ ଯୋଗଦାନ ଦେଉଛନ୍ତି, ସେମାନେ ନିଜର ପ୍ରାପ୍ୟ ଅଧିକାରରୁ ବଞ୍ଚିତ ହେବେ । ସୁଶାସନ ଦେଉଥିବା ରାଜ୍ୟଗୁଡ଼ିକ ଅର୍ଥନୈତିକ ସ୍ତରରେ ଦୁର୍ବଳ ହୋଇପଡିଲେ ତାହା ସମଗ୍ର ଦେଶର ଅର୍ଥନୀତି ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ । ରାଜନୈତିକ କ୍ଷମତାର ଏଭଳି ଅହେତୁକ କେନ୍ଦ୍ରୀକରଣ ଏକ ସୁସ୍ଥ ତଥା ସମୃଦ୍ଧ ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ।

ଲୋକସଭା ଆସନ ସଂଖ୍ୟା ବୃଦ୍ଧି କରିବା ବା ବର୍ଦ୍ଧିତ ଜନସଂଖ୍ୟାକୁ ସଂସଦରେ ଉପଯୁକ୍ତ ପ୍ରତିନିଧିତ୍ୱ ଦେବା ଏକ ଗଣତାନ୍ତ୍ରିକ ଆବଶ୍ୟକତା ହୋଇପାରେ, କିନ୍ତୁ ଏହାର ଆଳରେ ରାଜ୍ୟଗୁଡ଼ିକ ମଧ୍ୟରେ ଥିବା କ୍ଷମତାର ଭାରସାମ୍ୟକୁ ନଷ୍ଟ କରିବା ଉଚିତ୍ ନୁହେଁ । ଏହି ଜଟିଳ ସମସ୍ୟାର ସମାଧାନ ପାଇଁ ଏକ ବ୍ୟାପକ ଜାତୀୟ ସହମତିର ଆବଶ୍ୟକତା ରହିଛି । ସୀମା ନିର୍ଦ୍ଧାରଣ କେବଳ ଜନସଂଖ୍ୟା ଭିତ୍ତିକ ନହୋଇ, ଏଥିରେ ରାଜ୍ୟଗୁଡ଼ିକର ବିକାଶମୂଳକ ସୂଚକାଙ୍କ, ଜନସଂଖ୍ୟା ନିୟନ୍ତ୍ରଣରେ ସେମାନଙ୍କର ସଫଳତା, ଅର୍ଥନୈତିକ ଅବଦାନ ଏବଂ ଭୌଗୋଳିକ ସ୍ଥିତିକୁ ମଧ୍ୟ ବିଚାରକୁ ନିଆଯିବା ଆବଶ୍ୟକ । ଅଥବା, ଲୋକସଭାର ମୋଟ ଆସନ ସଂଖ୍ୟା ବୃଦ୍ଧି କଲାବେଳେ ପ୍ରତ୍ୟେକ ରାଜ୍ୟର ବର୍ତ୍ତମାନର ଆସନ ଅନୁପାତ ବା ପ୍ରତିଶତ ଯେପରି ଅପରିବର୍ତ୍ତିତ ରହିବ, ସେଥିପାଇଁ ସମ୍ବିଧାନରେ ସ୍ୱତନ୍ତ୍ର ସଂଶୋଧନ ଆଣିବାର ବିକଳ୍ପ ଉପରେ ମଧ୍ୟ ବିଚାର କରାଯାଇପାରେ । ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶରେ ସିନେଟ୍ ରେ ପ୍ରତ୍ୟେକ ରାଜ୍ୟକୁ ସମାନ ପ୍ରତିନିଧିତ୍ୱ ମିଳିଥାଏ, ଯାହାକି କ୍ଷୁଦ୍ର ରାଜ୍ୟଗୁଡ଼ିକର ସ୍ୱାର୍ଥ ରକ୍ଷା କରେ । ଭାରତରେ ମଧ୍ୟ ରାଜ୍ୟସଭାର କ୍ଷମତା ଏବଂ ପ୍ରତିନିଧିତ୍ୱରେ ସଂସ୍କାର ଆଣିବାର ସମୟ ଆସିଛି । ଗଣତନ୍ତ୍ରର ଅର୍ଥ କେବଳ ମୁଣ୍ଡ ଗଣତି ନୁହେଁ, ବରଂ ପ୍ରତ୍ୟେକ ଅଞ୍ଚଳର ସମାନ ଭାଗିଦାରୀ ଏବଂ ସମାନ ବିକାଶକୁ ସୁନିଶ୍ଚିତ କରିବା । ଯଦି ଏହି ସୀମା ନିର୍ଦ୍ଧାରଣ ପ୍ରକ୍ରିୟାକୁ ବିନା କୌଣସି ସଂଶୋଧନରେ ଲାଗୁ କରାଯାଏ, ତେବେ ଏହା ଭାରତର ସହଯୋଗୀ ସଂଘବାଦ ବା କୋ-ଅପରେଟିଭ୍ ଫେଡେରାଲିଜିମ୍ ର ମୂଳଦୁଆକୁ ଦୁର୍ବଳ କରିଦେବ ଏବଂ ଭବିଷ୍ୟତରେ ଏକ ବୃହତ୍ ରାଜନୈତିକ ସଙ୍କଟର କାରଣ ସାଜିବ । ତେଣୁ ସରକାର ଏହି ଦିଗରେ ଅଧିକ ସମ୍ବେଦନଶୀଳ ହୋଇ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ ଅଟେ ।

# କୃଷିଭିତ୍ତିକ ଶିଳ୍ପକୁ ଗୁରୁତ୍ୱ



ଯୁଧିଷ୍ଠିର ମହାରଣା

ଓଡ଼ିଶାରେ ଏବେ ଡବଲ ଇଞ୍ଜିନ ସରକାର । ପୁରୁଣା ସରକାର ଯିବା ପରେ ନୂଆ ସରକାରଙ୍କ ଆଗମନ । ଅନେକ ଯୋଜନା, କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି, ହେବା ମଧ୍ୟ ସ୍ୱାଭାବିକ । କାରଣ ଉଭୟ କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ସରକାର ରହିଲେ ସ୍ୱାଭାବିକ ଭାବେ ଗୋଟିଏ ରାଜ୍ୟ ବିକାଶ ଲାଭ କରିଥାଏ ସେ ଦୃଷ୍ଟିରୁ ଦେଖିବାକୁ ଗଲେ ଓଡ଼ିଶାରେ ବିକାଶର କାର୍ଯ୍ୟକ୍ରମ ଚାଲିଛି । ତେବେ ଏସବୁ ଭିତରେ ଗୋଟିଏ ଛୋଟିଆ ପ୍ରସଙ୍ଗ ଉପରେ ମୁଁ ଆଲୋଚନାଟି ରଖୁଛି । ବର୍ତ୍ତମାନର ବଜାର ଦରକୁ ଦେଖିଲେ ଚିନି ଓ ତେଲ ପରି ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ପ୍ରାୟତଃ ଚଢ଼ା ରହୁଛି । ଓଡ଼ିଶାରେ ଆଖୁ ଓ ବିଭିନ୍ନ ଶସ୍ୟରାଶି ପ୍ରଚୁର ଅମଳ ହେଉଛି କିନ୍ତୁ ଆମ ରାଜ୍ୟରେ ଦିନେ ସକଳ ଥିବା ଚିନିକଳ, ତେଲକଳ ଏବଂ ସୂତା କଳ ଗୁଡ଼ିକ ଏବେ ଅଚଳ । ଆଉ କେତୋଟିର ତ ଅସ୍ତିତ୍ୱ ନାହିଁ । ଚିନିକଳ ଆଖୁ ଚାଷୀଙ୍କୁ ରୋଜଗାର ଦିଏ, ତେଲ କଳ ଚିନାବାଦାମ, ସୂର୍ଯ୍ୟମୁଖୀ ଏବଂ ସୋରିଷ ଚାଷୀଙ୍କୁ ଲାଭବାନ କରାଏ, ସୂତାକଳ କପାଚାଷୀଙ୍କୁ ରୋଜଗାରକ୍ଷମ କରେ । ଏସବୁ କଳ ଚାଲିଥିବା ସମୟରେ ଏଥିରେ ଅନେକ ଲୋକ କର୍ମ ସଂସ୍ଥାନ ପାଇଥିଲେ । ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଏସବୁ କୃଷିଭିତ୍ତିକ ଶିଳ୍ପ ଅନେକ ରୋଜଗାର ସୃଷ୍ଟି କରିପାରିଥିଲା ।

ଧାନଚାଷ ସହିତ ବିକଳ୍ପ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଏସବୁ ଶିଳ୍ପର ପୁନରୁଦ୍ଧାର ପାଇଁ ସରକାର ଆନ୍ତରିକତା ସହ ଉଦ୍ୟମ କରିବା ଜରୁରୀ । ଆଖୁର ଅଭାବୀ ବିକ୍ରି ପାଇଁ ଅନେକ ଚାଷୀ ଏବେ ଆଖୁଚାଷ ଆଡୁ ମୁହଁ ଫେରାଇ ନେଲେଣି । ଏମାନେ ଦାଦନ ମୁହାଁ ହେଉଛନ୍ତି । ନିକଟରେ ସରକାରୀ ଭାବେ ଏକ ଘୋଷଣା ଅନୁଯାୟୀ ରାଜ୍ୟରେ ଚିନିକଳର ପୁନରୁଦ୍ଧାର ପାଇଁ ନୂଆ ସରକାର ଅଣ୍ଟା ଭିଡ଼ିଛନ୍ତି । ଚିନିକଳର ଆଧୁନିକରଣ ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । ଏଥିପାଇଁ ଏକ ଟାସ୍କଫୋର୍ସ ଗଠନ କରାଯିବ ବୋଲି ଜଣା ଯାଇଛି । ଏଇ ଟାସ୍କଫୋର୍ସରେ କୃଷି, ଅର୍ଥ, ସମବାୟ, ଅବକାରୀ ତଥା ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ସଦସ୍ୟ ରହିବେ ।

ଆମ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଭିତରେ ଦେଖିବାକୁ ଗଲେ ନୟାଗଡ଼ ଏବଂ ବାଙ୍କି ଅଞ୍ଚଳରେ ଆଖୁ ଚାଷ ପାଇଁ ଅନୁକୂଳ ମାଟି, ପାଣି ପବନ ରହିଛି । ଆଖୁ ଭଲ ଅମଳ ଦିଏ ଏଠି । ଦିନେ ନୟାଗଡ଼ ଚିନିକଳ ଏ ଅଞ୍ଚଳ ଚାଷୀଙ୍କ ଆଖୁକୁ କିଣି ନେଉଥିଲେ । ଏବେ ସେ ସବୁ ଅଞ୍ଚଳର ଚାଷୀ ଅଭାବୀ ବିକ୍ରିର ସାମ୍ନା କରୁଛନ୍ତି ଚିନିକଳ ବନ୍ଦ ହୋଇଯିବା କାରଣରୁ । ପଡ଼ୋଶୀ ରାଜ୍ୟର ଦଲାଲମାନେ ଶସ୍ତାରେ ଆଖୁ କିଣି ନେଉଛନ୍ତି ଚାଷୀଙ୍କ ଠାରୁ । ଧାନଚାଷ ପାଇଁ ଯେଉଁ ସବୁ କ୍ଷେତ ଉପଯୁକ୍ତ ନ ହୁଏ ସେ ସବୁ କ୍ଷେତ୍ରରେ ଆଖୁଚାଷ କରାଯାଇପାରେ । ତେଣୁ ଏ ଅଞ୍ଚଳରେ ମଧ୍ୟ ଏକାଧିକ ଚିନିକଳର ଆବଶ୍ୟକତା ରହିଛି । ରାଜ୍ୟରେ ଅନେକ ସୂତାକଳ ବନ୍ଦ ପଡ଼ିଛି । ଆମ ରାଜ୍ୟ ପକାର ଗୁଣାତ୍ମକ ମାନ ଉନ୍ନତ ହୋଇଥିବାରୁ ବିଦେଶରେ ମଧ୍ୟ ଓଡ଼ିଶା କପାର ଚାହିଦା ରହିଛି । ତେଣୁ ଆମେ ଆମ ରାଜ୍ୟର କପାକୁ ସୂତାରେ ରୂପାନ୍ତରିତ କରି ବାହାର ରାଜ୍ୟ ଏବଂ ଦେଶକୁ ମଧ୍ୟ ବିକି ପାରନ୍ତେ । ଏଥିରେ ରାଜ୍ୟର ଚାଷୀ ଉପକୃତ ହେବା ସହିତ ଆମ ରାଜ୍ୟର ହସ୍ତତନ୍ତ ଶିଳ୍ପୀକୁ ମଧ୍ୟ ଏହା ପ୍ରୋତ୍ସାହିତ କରନ୍ତା । ଏବେ ଦେଶ ବିଦେଶରେ କଟନ ପୋଷାକର ଚାହିଦା ବଢ଼ୁଛି । ତେଣୁ ଆମ ରାଜ୍ୟରେ ଉନ୍ନତମାନର ସୂତା କପଡ଼ା ମଧ୍ୟ ତିଆରି ହୋଇପାରନ୍ତା ଆମ ରାଜ୍ୟର ଉନ୍ନତ କପାରେ । ଆମ ରାଜ୍ୟର ହସ୍ତତନ୍ତ ଶାଢ଼ିର ସୁନାମ ରହିଛି ଦେଶ ବିଦେଶରେ । କିନ୍ତୁ ଦୁର୍ଭାଗ୍ୟର କଥା ଆମ ରାଜ୍ୟର ବୁଣାକାରମାନେ ଅନ୍ୟ ରାଜ୍ୟରୁ ସୂତା କିଣୁଛନ୍ତି । ତେଣୁ ଏବେ ସମୟ ଆସିଛି କୃଷିଭିତ୍ତିକ ଶିଳ୍ପଗୁଡ଼ିକୁ ପୁଣିଥରେ କିଭଳି ସଚଳ କରେଇହେବ ଏବଂ ଅଧିକ ସଂଖ୍ୟକ ଏଭଳି ଶିଳ୍ପ କିଭଳି କରାଯାଇପାରିବ ସେ ଦିଗରେ ଗୁରୁତ୍ୱର ସହ ଚିନ୍ତା କରିବାର ବେଳ ଆସିଛି । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଏବଂ କୃଷି ରାଜ୍ୟ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ନେଉଥିବାରୁ ଓଡ଼ିଶାରେ ବିଶେଷକରି ଆଖୁଚାଷ ଓ କପାଚାଷକୁ ଗୁରୁତ୍ୱ ଦେଲେ ଏହା ଧାନ ଓ ଅନ୍ୟ ଶସ୍ୟପରି ଲାଭଜନକ ହୋଇପାରନ୍ତା । ଆମ ଅର୍ଥନୀତିର ବଡ଼ ଘୋଷଣା କହୁଛି ଚାଉଳ ଏବଂ ଗହମ ଉତ୍ପାଦନରେ ଦେଶ ବଳକା ହୋଇ ସାରିଛି ଦେଶ । ୨୦୨୦ ମସିହାରୁ ପୂର୍ବ ଭାରତରେ ସବୁଜ ବିପ୍ଳବ କାର୍ଯ୍ୟକ୍ଷମ କରାଯାଉ ନାହିଁ । ଜଳବାୟୁ ପରିବର୍ତ୍ତନ, ଅପପୁଷ୍ଟି ମୁକାବିଲା ମୁଖ୍ୟ ଚ୍ୟାଲେଞ୍ଜ ଭାବେ ଉଭା ହେଲାଣି । ଏପରିସ୍ଥଳେ ରାଜ୍ୟ ସରକାର ଧାନ ଚାଷକୁ ହ୍ରାସ କରି ଫସଲ ବିବିଧୀକରଣକୁ ଗୁରୁତ୍ୱ ଦେଉଛନ୍ତି । ହେଲେ ଉଦବେଗର ବିଷୟ ହେଉଛି, ଏସବୁର ପ୍ରଭାବ ଚାଷ ଜମିରେ ପରିଲକ୍ଷିତ ହେଉନାହିଁ । ୨୦୨୦ ମସିହାରେ ସମୁଦାୟ ୭୯ ଲକ୍ଷ ୬୬ ହଜାର ହେକ୍ଟର ଚାଷ ଜମିରୁ ୪୯.୩୨% ଜମିରେ ଅଣଧାନ ଚାଷ ହେଉଥିଲା । ୨୦୨୧ ମସିହାରେ ୭୯ଲକ୍ଷ ୫୧ ହଜାର ହେକ୍ଟରରୁ ୫୦.୪୪% ଅଣଧାନ ଚାଷ ଥିଲା । ୨୦୨୩ ମସିହାରେ ଫସଲ ବିବିଧୀକରଣ କାର୍ଯ୍ୟକ୍ରମ ଅନ୍ତର୍ଗତରେ ୧୩୦.୯୫ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ୧ଲକ୍ଷ ୮୯ ହଜାର ୭୮୩ ଚାଷୀଙ୍କୁ ଦିଆଯିବା ପରେ ସ୍ଥିତିରେ ବିଶେଷ ଉନ୍ନତି ଘଟିନାହିଁ । ବରଂ ରାଜ୍ୟରେ ବର୍ତ୍ତମାନ ସମୁଦାୟ ୮୧ ଲକ୍ଷ ୮୪ ହଜାର ହେକ୍ଟର ସମୁଦାୟ ଚାଷ ଜମିରୁ ୫୦.୩୪% ଜମିରେ ଅଣଧାନ ଚାଷ ହେଉଛି । ପୂର୍ବାପେକ୍ଷା ଏହା କମିବା ଆରମ୍ଭ କଲାଣି । ପୂର୍ବତନ ଦିବଂଗତ ପ୍ରଧାନମନ୍ତ୍ରୀ ଲୋକପ୍ରିୟ କଥାଟି କହିଥିଲେ 'ଜୟ ଜବାନ, ଜୟ କିଶାନ' । ହେଲେ ଆଜି କିଶାନ ଅର୍ଥାତ୍ ଚାଷୀପୁଅଟି କ୍ଷେତରେ କାନ୍ଦୁଛି । ପ୍ରୋତ୍ସାହନ ନାହିଁ । ଏପଟେ ଚାଷ କ୍ଷେତକୁ ଠିକ ଭାବେ ପାଣି ପହଞ୍ଚୁନି । ବନ୍ୟା, ମରୁଡ଼ି ତ ଚାଷୀର ସବୁ ଦିନିଆ ବନ୍ଧୁ । କେଉଁଠି ଅଭାବୀ ଚାଷୀଟି ଆତ୍ମହତ୍ୟା କଲାଣି ଆଉ ରାଜ୍ୟରେ ଶୀତଳ ଭଣ୍ଡାର ନଥିବାରୁ ଉତ୍ପାଦନ ସମୟରେ ଫସଲ ଟଙ୍କାକରେ ବିକ୍ରି ହେଉଥିବାବେଳେ ଝାଳବୁହା ପରିଶ୍ରମର ମୂଲ୍ୟ ଉଠୁନି । ଏସବୁ ଦେଖିଲେ ଚାଷବାସ ପ୍ରତି ଯୁବପିଢ଼ି କିପରି ଆଉ ଆଗ୍ରହ ରଖିବେ ତାହା ବଡ଼କଥା । ଟଙ୍କିକିଆ ଚାଉଳ, ପ୍ରଚାର ସର୍ବସ୍ୱ ଭୋଟକିଣା ରାଜନୀତି, ଚଷାପୁଅର ଅର୍ଥନୀତିକୁ ବଳ ଦେଇନଥାଏ ବରଂ ଅଳସୁଆ ଓ ନିକମା କରିଥାଏ । ଚଷାପୁଅ ପାଇଁ ବଡ଼ କଥା ହେଉଛି ସ୍ଥିର ବଜାର ଦର, ପର୍ଯ୍ୟାପ୍ତ ଶୀତଳ ଭଣ୍ଡାର, ବ୍ୟାଙ୍କର ସହଯୋଗ, ଉନ୍ନତ ଜଳସେଚନ ଓ ସୂଚନା ପ୍ରଯୁକ୍ତିର ଚାଷବାସ ପାଇଁ ସହଯୋଗ ଓ କଳା ବଜାରୀ ତଥା ଅଭାବୀ ବିକ୍ରି ପାଇଁ ସରକାରୀ ଦୃଢ଼ ନୀତି । ବଜାରରେ ତୈଳଜନିତ ମୂଲ୍ୟର ଦାମ ବଢ଼ିଲେ ପରୋକ୍ଷ ଭାବେ ଚାଷୀଟି କ୍ଷତିଗ୍ରସ୍ତ ହୋଇଥାଏ । ସରକାର ଯେଉଁପରି ବିଭିନ୍ନ ପ୍ରୋତ୍ସାହନ ଓ ସହଯୋଗ ସବୁ ଘୋଷଣା କରୁଛନ୍ତି ତାହା ବାସ୍ତବରେ କିନ୍ତୁ ସତ ହୋଇପାରି ନଥାଏ । ବଡ଼ ବ୍ୟବସାୟୀ ଓ ମୁନାଫାଖୋର ମାନଙ୍କ ବିଷଚକ୍ର ଭିତରେ ନିରୀହ ଚାଷୀଟି ବଳି ପଡ଼ିଯାଏ । ଉପଭୋକ୍ତାଙ୍କ ସ୍ୱାର୍ଥ ପାଇଁ ଖାଉଟି କଲ୍ୟାଣ ନୀତି ନାହିଁ । ବିପୁଳ ଧନ ଖଟାଇ ନିର୍ବାଚନ ବୈତରଣୀ ପାର ହେବାପରେ କାଶିଆ କିଏ ନା କପିଳା କିଏ ନ୍ୟାୟରେ ଖାଉଟିଙ୍କ ସ୍ୱାର୍ଥକୁ ଫୁ କରିଦେବା ଆମ ସାଧାରଣ ଜୀବନ ଦର୍ଶନରେ ପରିଣତ ହୋଇସାରିଲାଣି । ଏସବୁ ଭିତରେ ଜାତୀୟ ତଥା କ୍ଷେତ୍ରୀୟ ସରକାରମାନେ ଜନସ୍ୱାର୍ଥକୁ ଗୁରୁତ୍ୱ ଦେଇ ମହଙ୍ଗା ସ୍ଥିତିକୁ କିପରି ବଜାରକୁ ଦେଖି ମୁକାବିଲା କରିହେବ ସେ ପଦକ୍ଷେପ ନେବା ଜରୁରୀ । ଏକ ଗଣତାନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରରେ ଜନସ୍ୱାର୍ଥକୁ ପ୍ରାଥମିକତା ଦେବା ସରକାରଙ୍କ ସର୍ବାଦୌ ଓ ପ୍ରାଥମିକ ମୂଳ କର୍ତ୍ତବ୍ୟ । ଏହି ମୂଳମନ୍ତ୍ରକୁ ବିଚାରକରି ଖାଉଟିଙ୍କ କଲ୍ୟାଣ ପାଇଁ ଠୋସ ଓ ବାସ୍ତବିକ ପଦକ୍ଷେପ ନେଲେ ତାହା ସର୍ବଜନ ହିତାୟ ହେବନାହିଁ ବରଂ ଖାଉଟିଟି ସର୍ବନିମ୍ନ ଭାବେ ଗଣ୍ଡାଏ ଖାଇବା ପାଇଁ ସମର୍ଥ ହୋଇପାରିବ ।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ :୯୪୩୭୧୬୩୫୨୮

# ସ୍ୱର ରାଣୀ ଆଶା ଓ ଓଡ଼ିଆ ସଂଗୀତ



ଅନୁପମା ଭୂୟାଁ

ସୁମଧୁର ମିଠା ସ୍ୱରରେ ତନମନକୁ ଝଙ୍କୃତ କରି ବିଶ୍ୱର କୋଣେ ଅନୁକୋଣେ ଶ୍ରୋତା ମାନଙ୍କୁ କେବଳ ଆନମନା କରୁଥିବା ନୁହେଁ ଗୀତର ଅପୂର୍ବ ମାଧୁର୍ଯ୍ୟର ମହକକୁ ମନ୍ତ୍ରମୁଗ୍ଧ କରିଥିବା କିମ୍ବଦନ୍ତୀ ସ୍ୱର ରାଣୀ ଆଶା ଭୋସେଲଙ୍କର ବୟାନବେ ବର୍ଷ ବୟସରେ ଏ ଇହଧାମ ଛାଡ଼ିଛନ୍ତି । ଅନେକ ହୁଏତ ଜାଣି ନଥିବେ ଯେ ଏହି କିମ୍ବଦନ୍ତୀ ପ୍ରଚ୍ଛଦପଟ୍ଟ ଗାୟିକା ଅନେକ ଓଡ଼ିଆ ଗୀତରେ କଣ୍ଠଦାନ କରିଛନ୍ତି । କୋଟି ଓଡ଼ିଆଙ୍କ ସଂଗୀତର ଅନୁଭବୀ ଭିତରେ ସବୁଠୁ ଆଗରେ ଆସିବ 'ବନ୍ଦେ ଉତ୍କଳ ଜନନୀ' । ଭାରତର ନାଁ କରା ସଂଗୀତ ନିର୍ଦ୍ଦେଶକ ଶଙ୍କର ଏହସାନ ଲୟଙ୍କ ସଂଗୀତ ନିର୍ଦ୍ଦେଶନାରେ ଏହି କୋଟି ଓଡ଼ିଆଙ୍କ ଭାବ ବନ୍ଧନୀକୁ ଦୃଢ଼ୀଭୂତ କରିଥିବା ଗୀତରେ କଣ୍ଠଦାନ ଦେବା ପରେ ଏହା ସେ ସମୟରେ ଆଲୋଡ଼ନ ସୃଷ୍ଟି କରିଥିଲା । ୧୯୬୮ ମସିହାରେ ସ୍ୱର ନାୟିକା ଆଶା ଓଡ଼ିଆ ସିନେମାରେ ପ୍ରଥମ ଥର ପାଇଁ କଣ୍ଠଦାନ କରିଥିଲେ 'ଅରୁନ୍ଧତୀ' ସିନେମାରେ 'ରସିଆରେ, ଯାଆରେ ଯାଆ କହିଯା' । ସେହିପରି ତାଙ୍କର ଆଉ ଗୋଟିଏ ଗୀତ ଥିଲା 'ତୀର ତରବାରୀ ଶାଣ ଦିଆ ଛୁରୀ ଅବା ଏ ରସିଲା ଆଖିର କଟାରି କିଏ କାଟିପାରେ କଳିଜା, ରାଣୀ ତୋତେ କହିଯା' - ଓଡ଼ିଆ ସଂଗୀତ ସାରସ୍ୱତ ସାଧକ ଗୁରୁକୃଷ୍ଣ ଗୋସ୍ୱାମୀ ଲେଖିଥିବା ଓ ଶାନ୍ତନୁ ମହାପାତ୍ରଙ୍କ ସ୍ୱର ସଂଯୋଜନାରେ ଏହି ଗୀତଟି ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲା ତେବେ ଦୁର୍ଭାଗ୍ୟର ନିୟତି ଲେଖନୀ ସମ୍ଭବତଃ ଏହା ଥିଲା ଏହି ଚଳଚ୍ଚିତ୍ରଟି ୧୯୬୮ରେ ମୁକ୍ତିଲାଭ କରିଥିଲା ସତ କିନ୍ତୁ ଏ ଗୀତର ଗ୍ରାମଫୋନ ରେକର୍ଡ଼ କୌଣସି ଠାରେ ମଧ୍ୟ ନାହିଁ । ପାଖାପାଖି ସାତ ବର୍ଷ ପରେ ଗଣେଶ ମହାପାତ୍ରଙ୍କ ସିନେମା 'ସମୟ'ରେ 'ଝିମି ଝିମି ଝିମିକା ମଜା, ଚାଖିଲେ ନ ଛାଡ଼ିବୁ ରାଜା' ଏହି ଗୀତଟି ସେ ସମୟରେ ରେଡ଼ିଓରେ ପ୍ରସାରଣ ହେବା ପରେ ଅଗଣିତ ଦର୍ଶକଙ୍କୁ ମତୁଆଲା କରିଥିଲା । ପରେ ଅର୍ଥାତ୍ ୧୯୮୧ରେ ସୁରେନ୍ଦ୍ର ବିଦ୍ୟାଧରଙ୍କ ସିନେମା 'ଆରତୀ'ରେ ଖ୍ୟାତନାମା ସଂଗୀତ ସାଧକ ବାସୁଦେବ ରଥଙ୍କ ସ୍ୱର ସଂଯୋଜନାରେ 'ଜହ୍ନ ଗୋ ତୁମେ ଝୁରନା, ଝରାଇ ଲୁହ ଜୋଛନା' ସେହିପରି ୧୯୮୪ ମସିହାରେ ଗୁରୁ ମହାନ୍ତି ଓ କମଳ ପଟ୍ଟନାୟକଙ୍କ ମିଳିତ ସଂଗୀତ ସଂଯୋଜନାରେ 'ରାଧା' ସିନେମାରେ 'ଏ ମନ ପିଆଲାରେ ଭରି ଦିଅ ପିରତୀ ମଦିରା' ଗୀତ ବାସ୍ତବିକ ଓଡ଼ିଆ ସଂଗୀତପ୍ରେମୀଙ୍କୁ ଏକ ପ୍ରକାର ମୋହଗ୍ରସ୍ତ କରିଦେଇଥିଲା । ଏହି ଗୀତଟିର ମିଠାସରେ ଆଶାଙ୍କ ସହ ସେ ସମୟର ପ୍ରସିଦ୍ଧ ହିନ୍ଦୀ ଗାୟକ ଅମିତ କୁମାର କଣ୍ଠଦାନ କରିଥିଲେ । ପରବର୍ତ୍ତୀ ସମୟରେ ବାସୁଦେବ ରଥ 'ଆରତୀ' ସିନେମାରେ 'ଜହ୍ନ ଗୋ ତୁମେ ଝୁରନା' ଗୀତ ପାଇଁ ଆଶାଙ୍କୁ ସୁଯୋଗ ଦେଇଥିଲେ ଏବଂ ତାଙ୍କ ସୁଯୋଗରେ ପରବର୍ତ୍ତୀ ସମୟରେ 'ସନ୍ଧ୍ୟାତାରା' ସିନେମାରେ 'ମୁଁ ହଜିଛି ତୁମ ଆଖିରେ, ମୁଁ ଖୋଜୁଛି ସପନରେ' ମଧ୍ୟ କଣ୍ଠଦାନର ସୁଯୋଗ ପାଇଥିଲେ । ୧୯୯୨ରେ ଓଡ଼ିଆ ସିନେମା 'ମାଆ'ରେ ସ୍ୱରୂପ ନାୟକଙ୍କ ନିର୍ଦ୍ଦେଶନାରେ କଣ୍ଠଦାନ କରିଥିଲେ 'ତୋ ନାଁରେ ପିନ୍ଧିଲି ଚୁଡ଼ି' ଏବଂ ଶେଷ ଓଡ଼ିଆ ସଂଗୀତ ଭାବରେ ଦେଖିଲେ ହେମନ୍ତ ପାଣ୍ଡେ ଓ ଶଙ୍କର ପ୍ରଧାନଙ୍କ ସଂଗୀତ ନିର୍ଦ୍ଦେଶନାରେ ୨୦୧୬ରେ ପରଦାକୁ ଆସିଥିବା 'ଚିନି' ସିନେମାଟି ଥିଲା ସମ୍ଭବତଃ ଶେଷ ଓଡ଼ିଆ ସଂଗୀତ ।

କେବଳ ଓଡ଼ିଆ ସିନେମା ନୁହେଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନରେ ମଧ୍ୟ ସେ କଣ୍ଠଦାନ କରିଛନ୍ତି । ବାପୁ ଗୋସ୍ୱାମୀ ଲେଖିଥିବା ଓ ଦେବୀତୋଶ ଆଚାର୍ଯ୍ୟଙ୍କ ସଂଗୀତ ନିର୍ଦ୍ଦେଶନାରେ ଶ୍ରୀଜଗନ୍ନାଥଙ୍କ ଭକ୍ତିଭାବ ପୂର୍ଣ୍ଣ ଗୀତ 'ମଣିମା ! ତୁମେ ଏକା ସାଆନ୍ତ ବୋଲି ଦୁଃଖ ମୁଁ ଯାଇଛି ଭୁଲି'ରେ କଣ୍ଠଦାନ କରିଥିଲେ । ହିନ୍ଦୀ ସିନେମା ସହ ଭାରତର ଅନେକ ପ୍ରାନ୍ତୀୟ ଭାଷାରେ କଣ୍ଠଦାନ କରିଥିବା ଆଶା ଜୀ ନିଜ କଳା ଜରିଆରେ ଏ ଇଣ୍ଡଷ୍ଟ୍ରିକୁ ପ୍ରସ୍ଫୁଟିତ କରିଥିଲେ । ଭାରତୀୟ ଠାରୁ ଆଧୁନିକ - ପାଶ୍ଚାତ୍ୟ ଶୈଳୀକୁ ବଲିଉଡ ସିନେ ପରଦାରେ ବେଶ ନିଖୁଣ ଭାବେ ପ୍ରଦର୍ଶିତ କରିପାରିଥିଲା ତାଙ୍କ ସ୍ୱର । ସିନେମା ହଲ ହେଉ ବା ଦର୍ଶକମଣ୍ଡଳୀ ଝୁମି ଉଠୁଥିଲେ ସମସ୍ତେ । ସେ ଇଣ୍ଡି-ପପ୍ ଯୁଗର ମୂଳଦୁଆ ପକାଇଥିଲେ । ଏହା ତାଙ୍କୁ ଯେତିକି ରାତାରାତି ଖ୍ୟାତି ଦେଇନଥିଲା ଢ଼େର ସମାଲୋଚନା ମଧ୍ୟ ଉତ୍ତରରେ ଦେଇଥିଲା କିନ୍ତୁ କାହାକୁ ସେ ଖାତିର କରିନଥିଲେ । ତାଙ୍କ ଗୀତରେ ଆଧୁନିକତାର ଛାପ ନଥିଲା, ଶାସ୍ତ୍ରୀୟ ଗଜଲର ସୁନ୍ଦର ମିଶ୍ରଣ ଥିଲେ ଯେ କୁହାଯାଏ ଆଶା ଜୀ ଏମିତି ସପ୍ରାଇଜ ପ୍ୟାକେଜ ଥିଲେ ଯିଏ ପଚାଶ ଦଶକରେ ଯେମିତି ଦର୍ଶକଙ୍କ କ୍ରେଜ ବଢ଼ାଇଥିଲେ, ତାଠୁ ବେଶୀ ଚକିତ କରିଥିଲେ ବିଂଶ ଶତାବ୍ଦୀରେ ।

ମାତ୍ର ଷୋଳ ବର୍ଷ ବୟସରେ ସଂଗୀତ କ୍ୟାରିୟର ଆରମ୍ଭ କରିଥିବା ଆଶା ଜୀ ୧୯୩୩ ସେପ୍ଟେମ୍ବର ୮ରେ ମହାରାଷ୍ଟ୍ରର ସାଙ୍ଗିଲିରେ ଜନ୍ମ ଗ୍ରହଣ କରିଥିଲେ । ମାତ୍ର ଦଶ ବର୍ଷ ବୟସରେ ପ୍ରଥମ ଭାବେ ମରାଠୀ ଫିଲ୍ମ 'ମାଝାବଲ' ୧୯୪୩ରେ କଣ୍ଠଦେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସତୁରୀ ଦଶକରେ ଦେବ ଆନନ୍ଦଙ୍କ ଫିଲ୍ମ 'ହରେ ରାମା ହରେ କୃଷ୍ଣା' ବକ୍ସ ଅଫିସରେ ଧୁମଧଡ଼କା ମଚାଇଥିଲା । ୧୯୭୧ରେ ଆରଡ଼ି ବର୍ମନଙ୍କ ସଂଗୀତ ନିର୍ଦ୍ଦେଶନାରେ 'ଦମ୍ ମାରୋ ଦମ୍' ଗୀତଟି ତାଙ୍କୁ ରାତା ରାତି ପ୍ରସିଦ୍ଧ କରିଥିଲା । ଦୀର୍ଘ ଆଠ ଦଶନ୍ଧିର ଲମ୍ବା କ୍ୟାରିୟରରେ ଭାରତର କୋଡିଏରୁ ଊର୍ଦ୍ଧ୍ୱ ଭାଷାରେ ବାର ହଜାରରୁ ଅଧିକ ଗୀତ ଗାଇ ଥିଲେ । ୨୦୧୧ରେ ଗ୍ରୀନିଜ ବିଶ୍ୱ ରେକର୍ଡ଼ରେ ସ୍ଥାନିତ ହେବା ସହ ସେ ଅନେକ ସମ୍ମାନ ମଧ୍ୟ ପାଇଛନ୍ତି ।

ହିନ୍ଦୀ ସିନେମାର କଣ୍ଠ ସଂଗୀତର ଶେଷ ମୋଗଲ ଥିଲେ ସେ । କୋକିଳ କଣ୍ଠୀ ତାଙ୍କ ଭଉଣୀ ଲତାଜୀଙ୍କ ପରଲୋକ ପରେ ସେ ଅତି ଭାବପ୍ରବଣ ହୋଇପଡ଼ି କହିଥିଲେ - 'ସମସ୍ତେ ତ ଚାଲିଗଲେ, ଏବେ କେବଳ ମୁଁ ହିଁ ରହିଲି ।' ଆଜି ସେ ସ୍ୱରଟି ବି ନିରବୀ ଗଲା । କହିବାକୁଗଲେ ସଂଗୀତର ସ୍ୱର୍ଣ୍ଣିମ ଯୁଗର ସେ ଥିଲେ ମୁକୁଟ ବିହୀନ ସାମ୍ରାଜ୍ଞୀ, ଶାସ୍ତ୍ରୀୟ ଠାକୁର ଗଜଲ, ଆଧୁନିକତା ଠାରୁ ଭାବପୂର୍ଣ୍ଣ ଭଜନର ଫେଣ୍ଟା ଫେଣ୍ଟି ଗୀତ ସବୁରେ ସେ ଥିଲେ ବେଶ ନିର୍ଭିକ ଆଉ ସାଲିସ ବିହୀନ । ଅନେକ ସମୟରେ ତାଙ୍କ ମତ ଓ ମନ୍ତବ୍ୟ ନାନା ଆଲୋଚନା ସମାଲୋଚନା ବି ସୃଷ୍ଟି କରିଛି । ତାଙ୍କର ସବୁଠାରୁ ଏକ ବଡ଼ ଶ୍ରେଷ୍ଠତା ଥିଲା ନାରୀ ଚରିତ୍ରର ଭାବନା, ଆଶା, ସମ୍ଭାବନା, ସ୍ୱପ୍ନ, ଆକାଂକ୍ଷା, ଅଭିଳାଷ, ରୋମାନ୍ସ ସବୁକିଛିକୁ ସିନେ ପରଦାରେ ବର୍ଣ୍ଣନା କରୁଥିବା ଏକ ଆକର୍ଷଣୀୟ ସ୍ୱର । ଆଶା ଜୀ ଥିଲେ ଏପରି ପ୍ରତିଭା ସତେ ଯେପରି ସବୁ ଶୈଳୀ, ସବୁ ରାଗର ଗୀତକୁ ସେ ନିଜେ ଆୟତ୍ତ କରିପାରୁଥିଲେ । ତାଙ୍କ ଭିତରେ ତାରୁଣ୍ୟର ଦୁଷ୍ଟାମୀ, ଯୌବନର ଉଦଘୋଷ, ବିପଦର ନିନାଦ, ନାଇଟ କ୍ଲବର ମତୁଆଲ ତାଳ ଥିଲା ଅନେକ କିଛି । ଏପରି ଏକ ସମୟରେ ଅନେକଙ୍କ ସମାଲୋଚନା, ପ୍ରତ୍ୟାଶାକୁ ଭୃକ୍ଷେପ ନକରି ଏଭଳି ଗୀତ ଗାଇଛନ୍ତି ଯେଉଁ ଗୁଡ଼ିକୁ ଅନ୍ୟମାନେ ଗାଇବାକୁ ଆଗପଛ ହେଉଥିଲେ । ୨୦୨୦ରେ 'ଆଶା କି ଆଶା' ନାମରେ ଏକ ଅନଲାଇନ ପ୍ରତିଭା କାର୍ଯ୍ୟକ୍ରମରେ ଭାରତର ପ୍ରତିଭାବାନ କଳାକାରଙ୍କ ପାଇଁ ଏକ ପ୍ଲାଟଫର୍ମ ତିଆରି କରିଥିଲେ । ୯୦ତମ ଜନ୍ମ ଦିନରେ ସୁଦୂର ଦୁବାଇରେ ଏକ କନସର୍ଟରେ ତିନି ଘଣ୍ଟା ଧରି ଗୀତ ଗାଇ ସେ ସମସ୍ତଙ୍କୁ ତାଜୁବ କରିଦେଇଥିଲେ । କେହି କେହି କୁହନ୍ତି ନିଜ ଜୀବନ ଓ କ୍ୟାରିୟର ସହିତ ତାଳ ଦେଉଥିବା ଗୀତଟି ଥିଲା ଆରଡ଼ି ବର୍ମନଙ୍କ 'ପଞ୍ଚମ' । କାବ୍‌ରେ ଶୈଳୀର ଗୀତ 'ପିୟା ତୁ ଅବଥ ତୋ ଆଯା'ରୁ ନେଇ 'ଦମ୍ ମାରୋ ଦମ୍' ଭଳି ସମ୍ପୂର୍ଣ୍ଣ ନୂତନ ଢ଼ାଞ୍ଚାର ସ୍ୱର ସଂରଚନା ତତ୍କାଳୀନ ଗତାନୁଗତିକ ସାଂଗୀତିକ ଧାରାକୁ ଅତିକ୍ରମ କରି ବଲିଉଡ ସଂଗୀତରେ ନୂଆ ଧାରା ସ୍ଥାପନା କଲା । ଆଶା ଭୋସଲେ.... ଏଇଥିପାଇଁ ସେ ସ୍ୱତନ୍ତ୍ର ସତୁରୀ ବସନ୍ତ ଛୁଇଁଥିବା ତାଙ୍କପରି ଜଣେ କଣ୍ଠଶିଳ୍ପୀ ସତର ବର୍ଷୀୟଙ୍କ ପାଇଁ ମଧ୍ୟ ନିଖୁଣ କଣ୍ଠଦାନ କରିପାରନ୍ତି । ନୂଆ ପିଢ଼ିର ତମାମ ଗାୟିକା ଥାଇ ବି ଏଯାବତ୍ ସଂଗୀତକାରଙ୍କ ଫେବରିଟ୍ ଥିଲେ ସେ । ଦୀର୍ଘ ଅଶୀ ଦଶନ୍ଧିର ସଂଗୀତ ଯାତ୍ରାରେ ହଜାର ହଜାର ଚାର୍ଟବଷ୍ଟର ଗୀତ ଇଣ୍ଡଷ୍ଟ୍ରିକୁ ଭେଟି ଦେଇ ଆଶା ସବୁଦିନ ପାଇଁ ନିରବୀ ଯାଇଛନ୍ତି । ତାଙ୍କର କାଳଜୟୀ ଗୀତ ଶ୍ରୋତାଙ୍କ ହୃଦୟରେ ଅମର କରି ରଖିବ ।

+'ସାଇ ବିଥି' ୭ଡି/୧୩୫୪,
ସେକ୍ଟର-୯, ସିଡିଏ, କଟକ

କବିତା କୋଣାର୍କ

## ପାଗଳ ପ୍ରେମୀକ



ଦୀପକ କୁମାର ନାୟକ

ନାହିଁ ନାହିଁ କରି ଥକିଯିବ ପଛେ
ହେଲେ ମୁଁ ଥକିବି ନାହିଁ
ତୁମେ ମୋତେ ଭଲ
ପାଇବା ପର୍ଯ୍ୟନ୍ତ
ବାଟ ରହିଥିବି ଚାହିଁ ।।

ଘୃଣାକୁ ତୁମର ଭଲପାଇବାରେ
ପରିଣତ କରିଦେବି
ଏମିତି ତୁମକୁ ଭଲପାଇବି ଯେ
ନିଜକୁ ମୁଁ ଭୂଲିଯିବି ।।

ଧିରେଧିରେ ତୁମେ ଭଲ ପାଇବାକୁ
ବାଧ ହୋଇଯିବ ମୋତେ
ସେଇଦିନକୁ ମୁଁ ଅପେକ୍ଷା କରିଛି
ଆସୁ ଝଡ଼ ଝଞ୍ଜା ଯେତେ ।।

ଆଶା ଥିଲା ଅଛି ରହିଥିବ ସଦା
ଆପଣାର କରିନେବ
ନିଜଠୁ ଅଧିକ ଭଲ ପାଇ ଉଦା
ହରଣ ସୃଷ୍ଟି କରିବ ।।

ଭଲପାଇବାରେ ଏମିତି ହଜିବ
ଜାଣିପାରିବନି କିଛି
ପ୍ରତ୍ୟେକ ମୂହୁର୍ତ୍ତ କେବଳ ମୋପାଇଁ
ରଖିଦେବ ତୁମେ ବାଛି
ରଖିଦେବ ତୁମେ ବାଛି ।।

+ଗଣ୍ଡାନାଳୀ, ହିନ୍ଦୋଳ ଢ଼େଙ୍କାନାଳ
ମୋ: ୮୬୩୭୨୬୧୮୨୮

## ମୁଠାହାତ

ସଦାଶିବ ବିଶ୍ୱାଳ



ହାତ କର୍ମର ପ୍ରତୀକ
କରେ ସୃଷ୍ଟି, ଜୀବନ ରକ୍ଷା,ଦାନ
ହାତ ମୁଠା କରିବା ମାନେ
ଶକ୍ତିକୁ ଏକତ୍ର କରିବା ପ୍ରମାଣ

ସଦା ମୁଠାହାତ ପ୍ରତିପତ୍ତି,
ଶକ୍ତି, ସମ୍ପତ୍ତି ସଂଚୟ କରେ
ଆଶକ୍ତି, ଦୁଃଖର ପ୍ରତୀକ
ଧନୀ, ଶକ୍ତିଶାଳୀ ବୋଲି
ବାହାସ୍ଫୋଟ ମାରେ

ମୁଠାହାତ ଖୋଲିଲେ
କର୍ମର ଆରମ୍ଭ ହୁଏ
ପ୍ରାରବ୍ଧ ଅର୍ଜନ ସାଥେ
ଭଲ ପାଇ, ଦାନ କରିଥାଏ

ହାତ ଖୋଲରଖି କର୍ମକରି ଦାନଦେଇ
ଭଲପାଇ ଶିଖିବା ଜରୁରୀ
ମୁଠାହାତର ଶକ୍ତି ଉପଯୋଗ
ଅନ୍ୟାୟ ବିରୁଦ୍ଧେ ପଡୁ ଭାରୀ

+ଅଙ୍ଗରୁଆ, ଜିଲ୍ଲା - କେନ୍ଦୁଝର

# ସୁନ୍ଦର ଜିନିଷ ଯେତେ ଦେଖୁଥିଲେ ନୂଆ ଲାଗୁଥାଇ





**ସୁନନ୍ଦା ମହାନ୍ତି**

କୋଉ ଜିନିଷ ସବୁଠୁ ସୁନ୍ଦର ପଚାରିଲେ ଉତ୍ତର ତ ଅନେକ କିନ୍ତୁ କୋଉ ପକ୍ଷୀ ସବୁଠୁ ସୁନ୍ଦର କହିଲେ ମୟୁରର ନାମ ହିଁ ପ୍ରଥମେ ଆସିବ ଆଖିକୁ। ଆଉ ସେଥିରୁ ବାଦ ଯାଇନି ଟିକି ନାତି ବାବା। ଖନେଇ ଖନେଇ କହେ ମୟୁର ଆମ ଜାତୀୟ ପକ୍ଷୀ ଭାରି ସୁନ୍ଦର। ସୁନ୍ଦରର ସଂଜ୍ଞା କଣ ବୁଝିଥିଲା କେଜାଣି ସେ କହୁଥିଲା ମୟୁର ସବୁଠୁ ଭାରି ସୁନ୍ଦର। ଆଜି ସେ ଜେଜେମାଆ କୋଳରେ ବସିଥିଲା ବୋଟ ଡ଼ଙ୍ଗାରେ ଓ ଗଙ୍ଗା ମାଆ ନଦୀ ଭିତରେ। ଜେଜେମାଆ ଯେବେ ହୁଗୁଳି ନଦୀକୁ ଗଙ୍ଗାମାଆ କେଡେ ସୁନ୍ଦର ତୋ ଜଳ ରାଶି ବୋଲି କହି ମୁଣ୍ଡିଆ ମାରୁଥିଲେ ବାବା ଚାହିଁ ରହିଥିଲା ଜେଜେମାଆଙ୍କୁ ଓ ବୋଟ ଲାଗିଥିଲା କୂଳରେ। ସେଠୁ ଅଳ୍ପ ପାଦ ଚଲା ରାସ୍ତା ଟପି ଗଲାପରେ ବେଲୁର ମଠ। ବେଲୁର ମଠ ଭିତରେ ରାମକୃଷ୍ଣ ପରମହଂସଙ୍କ ବିରାଟ ଧ୍ୟାନ ମନ୍ଦିର। ସେଇ ମନ୍ଦିରରେ ସୁଭଦ୍ରାଙ୍କ ସହ ସ୍ୱାମୀ ଆଦିକନ୍ଦ, ପୁଅ ସରୋଜ, ବୋହୁ ରୋଜା, ଟିକି ନାତି ବାବା ବସିଯାଇଥିଲେ ସେ ସୁନ୍ଦର ପରିବେଶ ମଧ୍ୟରେ। ସୁଭଦ୍ରାଙ୍କ ମନ କିନ୍ତୁ ବାହାରେ ଥିବା କିଛି ଗଛ ଉପରୁ ଶୁଆମାନଙ୍କ ରାବ ଠାବ କରି ତାଙ୍କୁ ଦେଖିବା। ଉଠି ଆସିଲେ ବାବା କାନ୍ଦୁଥିଲା ଯେ ମାମା ଜେଜେ କାହିଁକି ପଳେଇଲା ! ଜେଜେମାଆକୁ ମାମା ଜେଜେ ଡାକୁଥିବା ବାବାକୁ ବୋହୂ ରୋଜା ଯେବେ ତୁନି ତୁନି କହୁଥିଲା ଦେଖେ ମାମା ଜେଜେ ଏଠି ଅଛନ୍ତି ତ ବାବା ସାରଦା ଦେବୀଙ୍କ ଫଟୋକୁ ଚାହିଁ ଆଖି ବୁଜିଗଲେ ମନ ବୁଝେନା ପୁଣି ମନ ବୁଝିଗଲେ ଆଖି ବୁଝେନା ନ୍ୟାୟରେ କାନ୍ଦୁଥିଲା। ମାମା ଜେଜେ କହିଲେ ସେ ତା ଜେଜେମାଆ ସୁଭଦ୍ରା ଦେବୀଙ୍କୁ ହିଁ ବୁଝି ସାରିଥିଲା ଏ ଭିତରେ ତ ଛାଡିଦେଉନଥିଲା ତାଙ୍କୁ ବାହାରକୁ କିନ୍ତୁ ଶୁଆ ଦେଖିବା ନିଶାରେ ସୁଭଦ୍ରା ବାହାରକୁ ଆସିବାକୁ ମନ କରି ମଧ୍ୟ ବାବାର କାନ୍ଦ ଯୋଗୁଁ ଅଟକି ଯାଉଥିଲେ ସେ ଶାନ୍ତ, ନମନୀୟ, କମନୀୟ ତଥା ସୁନ୍ଦର ବାତାବରଣ ଭିତରେ। ଭାବୁଥିଲେ ସତରେ ଏ କଲିକତାରେ ମଣିଷ ରୂପୀ ଭଗବାନ ମାନଙ୍କର ସମ୍ମାନ ପାଇଁ କଲିକତାବାସୀ କେତେ ସୁନ୍ଦର ଧ୍ୟାନ ମନ୍ଦିର ସବୁ କରିଛନ୍ତି। ବେଲୁର ମଠ ତା ଭିତରୁ ଅନ୍ୟତମ ସୁନ୍ଦର ଓ ଆକର୍ଷଣୀୟ ମଠ। ବାବା ପାଖରୁ ତାଙ୍କୁ ଛାଡ଼ି ବାହାରକୁ ଯାଇ ଶୁଆ ଠାବ କରିବାକୁ ଯାଇପାରୁନଥିବା ସୁଭଦ୍ରା ଦେବୀଙ୍କ କର୍ଣ୍ଣ ପଟଳରେ ଶୁଆମାନଙ୍କ ରାବ ପ୍ରତିଧ୍ୱନିତ ହେଉଥିଲା। ବାବା ସତେ ଯେମିତି ବୁଝିପାରୁଥିଲା ମାମା ଜେଜେ ସୁଭଦ୍ରାଙ୍କ ମନ କଥା ତ ଦରୋଟି ଭାଷାରେ କହୁଥିଲା ବାର୍ଡ ଦେଖିବୁକି ! ତାକୁ କୋଳେଇ ନେଇ ସୁଭଦ୍ରା କହୁଥିଲେ ହଁ ଧନ ବାର୍ଡ ଭାରି ସୁନ୍ଦର। ବାବାର ଟିକି ମନ ବୋଧେ ଭାବୁଥିଲା ଜେଜେମାଆ ସତରେ କାହାକୁ ସୁନ୍ଦର କହୁଛି ? ଦକ୍ଷିଣେଶ୍ୱର କାଳୀ ମନ୍ଦିରର ଧଳା ଧଳା ପାରାଙ୍କୁ ନା ଗଙ୍ଗା ମାଆଙ୍କୁ ନା କଲିକତାବାସୀଙ୍କ ସୁନ୍ଦର ମନ ଓ ଶାନ୍ତ ପରିବେଶର ଏହି ବେଲୁର ମଠକୁ ନା ତା ବହିରେ ଥିବା ମୟୁର ଭଳି ସୁନ୍ଦର ପକ୍ଷୀଙ୍କୁ ! ଟିକି ନାତି ବାବା ମନରେ କଣ ଚାଲିଥିଲା କେଜାଣି ସୁଭଦ୍ରା କିନ୍ତୁ ଶୁଆ ଠାବ କରୁ କରୁ ଭାବୁଥିଲେ ଅନ୍ୟ କଥା।

ଅନ୍ୟ କଥା ମାନେ ସୁଭଦ୍ରା ଭାବୁଥିଲେ କଲିକତାରେ ପୁଅ ସରୋଜ ରହୁଥିବା ଫ୍ଲାଟର ତାଙ୍କ ରୁମର ଗ୍ରିଲ ଝରକା ଦେଇ ସକାଳୁ ଉଠୁ ଉଠୁ ଦେଖୁଥିବା ଦୁଇ ଭଦଭଦଳିଆ ପକ୍ଷୀ ଭିତରୁ ଆଜି ଗୋଟିଏ ମନ ଦୁଃଖରେ ବସିଥିଲା। ଅନ୍ୟ ପକ୍ଷୀ ଅର୍ଥାତ ତା ସାଥି ନୀଳକଣ୍ଠି ପକ୍ଷୀଟିକୁ ଦେଖି ନପାରି କେତେକଥା ଭାବୁଥିଲେ ସୁଭଦ୍ରା। ତାଙ୍କ ପୁଅ ସରୋଜ ରହୁଥିବା ଫ୍ଲାଟ ଘର ଆଗରେ ଖାଲି ଥିବା ପ୍ଲଟ ରେ ଆଉ ଗୋଟେ ଫ୍ଲାଟ ମୁଣ୍ଡ ଟେକି ଠିଆ ହେବାକୁ ଯାଉଥିଲା ତ ଗଛ ସବୁ କଟା ଯାଇ ଜେସିରେ ମାଟି ଖୋଳା ହୋଇ ନିଅଁ ପଡିବା ପରେ ଖୁଣ୍ଟି ଉଠିବା ପର୍ଯ୍ୟନ୍ତ ଜେସି ଦେଖୁ ଦେଖୁ ନାତି ବାବାର ଯେତିକି ଖୁସି ସେପଟେ ଗଛ ନଥିବାରୁ ଭଦଭଦଳିଆ ବା ନୀଳକଣ୍ଠି ପକ୍ଷୀ ଦୁଇ ମାଟି ଖୋଲରେ ଛୁଆ ଫୁଟେଇବା ପାଇଁ ଅଣ୍ଡା ଉଷୁମଉ ଉଷୁମଉ ଏପଟେ ଖୁବ ଶୀଘ୍ର ଶୀଘ୍ର ଖୁଣ୍ଟି ଗୁଡିକ ଉଠି ଯାଇଥିଲା ଓ ଜେସି ଆସି ପୁଣି ଖୋଳା ଯାଇଥିବା ମାଟି ସବୁକୁ ନିଅଁ ଉପରେ ପୋତି ଚାଲିଥିଲା। ସବୁ ଠିକ ଥିଲା ବେଳେ ଭଦଭଦଳିଆ ପକ୍ଷୀର ସୁନ୍ଦର ଅଣ୍ଡା ଗୋଟେ କି ଦୁଇଟା କି ତିନିଟା କିଏ ଜାଣେ କେତେଟା ହଜି ଯାଇଥିଲା। ହୁଏତ ମାଟିରେ ପୋତି ହୋଇ ଯାଇଥିଲା ସେହି ସୁନ୍ଦର ପକ୍ଷୀର ସୁନ୍ଦର ସୁନ୍ଦର ଅଣ୍ଡା ଗୁଡିକ। ସକାଳୁ ସକାଳୁ ସୁଭଦ୍ରା ଦେଖିଥିଲେ ପଟେ ଭଦଭଦଳିଆ ପକ୍ଷୀ ଉଡି ଉଡି ସାଥିକୁ ଡାକୁଥିଲା ବେଳେ ଅନ୍ୟଟି କୋଉଠି ଦେଖାଯାଉନଥିଲା। ଛାତି କରତି ହୋଇଗଲା ସୁଭଦ୍ରାଙ୍କର। ସେ ଭାବୁଥିଲେ ଆଉ ପଟକ ଅଣ୍ଡା ଉଷୁମଉ ଉଷୁମଉ ତାକୁ ତା ଅଣ୍ଡା ସହିତ ମାଟିରେ ପୋତି ଦିଆଯାଇନି ତ। ମନଦୁଃଖରେ ଫାଟି ପଡୁଥିଲା ବେଳେ ସୁନ୍ଦର ଭଦଭଦଳିଆ ପକ୍ଷୀଟା ଖଣ୍ଡି ଉଡ଼ା ଦେଇ ଦେଇ ବୋବେଇ ଚାଲିଥିଲା। ପୁଅ ସରୋଜ ଡାକରେ ପ୍ରକୃସ୍ଥିତ ହେଲେ ସୁଭଦ୍ରା। ସ୍ୱାମୀ ଆଦିକନ୍ଦ ମଧ୍ୟ ବିରକ୍ତ ହେଉଥିଲେ ଯେ ପକ୍ଷୀ ଦେଖା ନିଶା ଅନ୍ତତଃ କିଛି ଦିନ ଘୁଞ୍ଚାଇ ଦିଅ। ହେଲେ ଏଠି ବେଲୁର ମଠରେ ଶୁଆ ଡାକୁଥିଲା ସତେ ଯେମିତି ସୁଭଦ୍ରାଙ୍କୁ ତ ବାହାରେ ତାଙ୍କ ସ୍ୱର ଅନୁକରଣ କରି ସେମାନଙ୍କୁ ଦେଖିବାକୁ ଠାବ କରୁଥିଲେ ସୁଭଦ୍ରା।

ବେଲୁର ମଠ ବାହାରେ ସୁଭଦ୍ରା ବସିଥିବା ସ୍ଥାନରେ ଏବେ ପରିବାରର ସମସ୍ତ ସଦସ୍ୟ ଆସି ଘେରି ଜମେଇଥିଲେ। ଫଟୋ ଉଠା ବେଳେ ସମସ୍ତେ ସୁନ୍ଦର ମନୋମୁଗ୍ଧକର ଫଟୋ ପାଇଁ ପୋଜ ଦେଇ ଚାଲିଥିଲା ବେଳେ ସୁଭଦ୍ରା ଶୁଆ ସନ୍ଧାନ କରୁ କରୁ ଉପରମୁହାଁ ହୋଇ କେତେବେଳେ ଗଛ ତ କେତେବେଳେ ଆକାଶକୁ ଚାହିଁଲା ବେଳେ ତିନି ଗୋଟି ଶୁଆ ଦେଖି ଓ ସେମାନଙ୍କ ଚକ୍କର କାଟି ଉଡୁଥିବା ଦେଖି ମୁଗ୍ଧ ହୋଇ ଆକାଶକୁ ଚାହିଁ ଥିବା ବେଳେ ସ୍ନାପ ନେଉଥିଲା ପୁଅ ଆଉ ବିରକ୍ତ ହେଉଥିଲା ମାଆ ଉପରେ ଯେ ଉପରକୁ ମୁହଁ କରିବୁ ତ ତୋ ଫଟ ଭଲ ହେଇନି ବୋଲି କହିବୁନି। ଫଟୋ ଗୁଡିକରେ କିନ୍ତୁ ଶୁଆ ଉଡୁଥିବାର ଚିତ୍ର ଦେଖି ବାବା ସୁନ୍ଦର ବିଉଟିଫୁଲ ପ୍ୟାରଟ ପ୍ୟାରଟ କହୁଥିବା ବେଳେ ସୁଭଦ୍ରା ଖୁବ ଖୁସି ହୋଇ କହୁଥିଲେ ସୁନ୍ଦର ସ୍ନାପ। ଫେରିବା ବେଳେ ବାଟ ସାରା ପକ୍ଷୀ ଅନ୍ୱେଷଣ ଚାଲିଥିଲା ସୁଭଦ୍ରାଙ୍କର। ଏମିତି ସେ ଝିଅ ଘରେ ଜୋଇଁଙ୍କ କ୍ୱାଟର ଆଗରେ ଥିବା ବିରାଟ ବିରାଟ ଗଛ ଡ଼ାଳରେ ସୁନ୍ଦର ସୁନ୍ଦର ପକ୍ଷୀ ଅନ୍ୱେଷଣ କରୁ କରୁ ଝିଅର ଶାଶୁ ବା ସୁଭଦ୍ରାଙ୍କ ସମୁଦୁଣୀ କହନ୍ତି କଣ ସେ ଉଚ୍ଚା ଉଚ୍ଚା ଗଛରେ ଅଛି କେଜାଣି ବାଲକୋନି ଉପରୁ ସେଇ ଗଛକୁ ଚାହିଁଛନ୍ତି ସମୁଦୁଣୀ ! ଝିଅ ତାଙ୍କ ଅନ୍ୱେଷଣ ପ୍ରଶ୍ନର ସୁନ୍ଦର ଉତ୍ତର ଦିଏ ସେ ପରା ଗୋଟେ ବାର୍ଡ ୱାଚର ତ ସମୁଦୁଣୀ କହନ୍ତି ସତରେ ଭାରି ନିରୀହ ଓ କୋମଳ ତଥା ସୁନ୍ଦର କାକଳୀ ତୋଳୁଥିବା ଏ ପକ୍ଷୀ କୂଳ ଭାରି ସୁନ୍ଦର।

ଏପଟେ ଟ୍ୟାକ୍ସି ଲାଗିଯାଇଥିଲା ଯାତ୍ରାଗୋଛି ଆପାର୍ଟମେଣ୍ଟରେ। ଟିକି ନାତି କୁଆଡେ ଗଲା ଦେଖିଲା ବେଳକୁ ସୁନ୍ଦର ସୁନ୍ଦର ଅଣ୍ଡା ଦୁଇଟି ଧରି ଠିଆ ହୋଇଛି। କୋଉଠୁ ପାଇଲୁ ବାବା କହି ବୋହୁ ସେ ଅଣ୍ଡା ଦୁଇଟି ତା ହାତରୁ ସଂଗ୍ରହ କରିନେଇ କହୁଥିଲା କି ସୁନ୍ଦର ଇଷତ ନୀଳ ଅଣ୍ଡା ଦୁଇଟି କାହାର କେଜାଣି। ସୁଭଦ୍ରା ଏଥର କିଛି ଦୂରରେ ଛାତ ଉପରେ ବସି ବୋବାଳି ଛାଡୁଥିବା ଭଦଭଦଳିଆକୁ ଦେଖେଇ କହୁଥିଲେ ଏହା ନୀଳକଣ୍ଠିର। ସୁଭଦ୍ରାଙ୍କଠାରୁ ସମସ୍ତ ବୃତ୍ତାନ୍ତ ଶୁଣି ପୁଅ ସରୋଜ ଓ ବୋହୁ ରୋଜା ଦୁହେଁ ମିଶି ଅନଲାଇନରୁ ମଗେଇଥିବା ପିଆଜ, ରସୁଣ, ଟମାଟ ଓ ଅନ୍ୟାନ୍ୟ ମୁଣି ସହିତ କାଗଜ ବ୍ୟାଗର ଛିଣ୍ଡା କାଗଜଚିରି ତିଆରି କରିଥିଲେ ସୁନ୍ଦର ପକ୍ଷୀବସା ବା ଘୋଷଲା ଆଉ ସେଇଟିକୁ ରଖିଦେଇଥିଲେ ଆଦିକନ୍ଦ ଓ ସୁଭଦ୍ରା ରହୁଥିବା ରୁମ ସଂଲଗ୍ନ ଥିବା ଖୋଲା ଝରକାର ବାହାର ପଟ କାନ୍ଥି ରେ। ସକାଳୁ ନିଦ ଭାଙ୍ଗିଥିଲା ଡେରିରେ ସୁଭଦ୍ରାଙ୍କର। ଉଠୁ ଉଠୁ ହାତ ପାପୁଲି ଦେଖି କହିବାକୁ ଭୁଲି ଯାଇଥିଲେ କରାଗ୍ରେ ବସତି ଲକ୍ଷ୍ମୀ। କର ମଧ୍ୟେ ସରସ୍ୱତୀ। କରମୂଳେ ତୁ ଗୋବିନ୍ଦ। ପ୍ରଭାତେ କର ଦର୍ଶନ। ବରଂ ଖୋଜୁଥିଲେ ଚଷମା। ଶୁଭୁଥିବା ଭଦଭଦଳିଆ ପକ୍ଷୀ ଦେଖିବାକୁ ଝରକା ସେପଟେ ସୁଦୂର ପ୍ରସାରୀ ଆଖି ମେଲି ଦେଖିବାକୁ ଚେଷ୍ଟା କରୁଥିଲେ ପଟେ ନା ଦିପଟ ସେଇ ନୀଳକଣ୍ଠି ! ପୁଣି ଗୋଟିକୁ ଦେଖି ମନ ଖରାପ ହୋଇ ଯାଉଥିବା ବେଳେ ନଜର ପଡିଲା ଝରକା କାନ୍ଥିରେ ଥିବା ପକ୍ଷୀ ଘୋଷାଲା ଉପରେ ତ କି ଖୁସି ସୁଭଦ୍ରା ! ନାଚୁଥିଲେ ଯେମିତି। କାରଣ ଅଣ୍ଡା ଦୁଇଟି ଉପରେ ବସି ରହିଥିଲା ଆଉ ପଟକ ଭଦଭଦଳିଆ ବା ନୀଳକଣ୍ଠି ପକ୍ଷୀ। ସୁଭଦ୍ରାଙ୍କ ସହ ନାଚୁଥିଲା ନାତି କହି କହି ସୁନ୍ଦର ସୁନ୍ଦର ନିଳକଣ୍ଠି ପକ୍ଷୀ ଛୁଆ। କଣ ବୁଝୁଥିଲା କେଜାଣି ଯାହା ସବୁ ଶୁଣୁଥିଲା ସେହି ଅନୁଯାୟୀ କହୁଥିଲା ଟିକି ନାତି ଖନେଇ ଖନେଇ ଏମିତି କିଛି। ତା ଆରଦିନ ସ୍କୁଲରୁ ତାକୁ ଆଣିବାକୁ ଗଲେ ବୋହୁ ଅର୍ଥାତ ବାବାର ମାଆ ରୋଜା ଓ ମାମା ଜେଜେ ଅର୍ଥାତ ବାବାର ଜେଜେମାଆ ସୁଭଦ୍ରା ତ ମିସ ଡାକିକି କହିଲେ ବାବା କେଡେ ସୁନ୍ଦର ମନେରଖି ନାସନାଲ ବାର୍ଡ କହିଲେ ପିକକକୁ ଦେଖେଇ ଦେଉଥିଲା ଆଜି ପିକକ ବା ମୟୁର ଦେଖି କହୁଥିଲା କି ସୁନ୍ଦର ନୀଳକନ୍ଥି, କି ସୁନ୍ଦର ନିଳକନ୍ଥି। ଶାଶୁ ସୁଭଦ୍ରା ଓ ବୋହୁ ରୋଜା ପରସ୍ପର ପରସ୍ପର ମୁହଁକୁ ଚାହୁଁଥିଲେ କେବଳ ।ବାବା ସହ ଅଟୋରେ ବସିବା ବେଳେ ସେ କହୁଥିଲା ସବୁଠୁ ସୁନ୍ଦର ପକ୍ଷୀ ସବୁଠୁ ସୁନ୍ଦର ପକ୍ଷୀ। ଦେଖିଲା ବେଳକୁ ରାସ୍ତା ଦୁଇପାଖେ ଯାଇଥିବା ଇଲେକ୍ଟ୍ରି କେଭି ତାର ଉପରେ ନୀଳକଣ୍ଠି ପକ୍ଷୀଟିଏ ବସିଛି। ଏ ଭିତରେ ପକ୍ଷୀବସା ସହ ପକ୍ଷୀ ଦୁଇଟି କିନ୍ତୁ ଝରକା କାନ୍ଥିରୁ ଅନ୍ୟ କୁଆଡେ ଚାଲିଯାଇଥିଲେ ସତ କିନ୍ତୁ ମୟୁର ସବୁଠୁ ସୁନ୍ଦର ପକ୍ଷୀ ବୋଲି କହିଲାବେଳେ ବାବା ଅନ୍ୟମନସ୍କ ହୋଇ ଖୋଲା ଝରକା ଦେଇ ଚାହିଁଥିଲା ବାହାରକୁ।

+ସାକ୍ଷୀଗୋପାଳ,ପୁରୀ
ମୋ: ୯୦୪୦୯୭୭୩୨୭

## ପଞ୍ଚଭୂତେ ଗଢା ଏ ଶରୀର

**ଅସୀମା ପ୍ରଧାନ**

ପଞ୍ଚଭୂତେ ଗଢା ଏ ଶରୀର
ପଞ୍ଚଭୂତେ ହେବ ଲୀନ
ହାଡ ମାଂସ ମାଟିରେ ମିଶିବ
ଆତ୍ମା ହେବ ତ ବିଲୀନ।

କାହିଁକି ରଖିବି ଭେଦଭାବ
ମନେ ବହି ହୀନଭାବ
ସଂସାରେ ଚଳିବି ଯତନରେ
ରଖି ଉତ୍ତମ ସ୍ୱଭାବ।

ପରନିନ୍ଦା ପରଚର୍ଚ୍ଚା କରି
କାହିଁକି ଗ୍ଲାନି ଭରିବି
ଦୁଃଖ ପଶ୍ଚତାପ ଅନୁତାପେ
ଜୀବନକୁ କାହିଁ ସାରିବି।

ମୋ ପାଇଁ କାହାର କର୍ତ୍ତବ୍ୟ
କାହିଁ ହିସାବ କରିବି
କା ପାଇଁ କେତେ ମୁଁ କରିଛି
ସବୁ ପରା ଭୂଲି ଯିବି।

ଆଶା ନିରାଶା କେତେ ପାଳିବି
ଧିରେ ବୃଦ୍ଧି ତ ଘଟିବ
ଭୂଲି ଯିବି ଯଦି ମୁଁ ଅଚିରେ
ହୃଦ ଭାର ତ କମିବ।

ମନ ଚିହ୍ନି ବ୍ୟବହାର କଲେ
ରହିବି ଲୋକଙ୍କ ମନେ
ସନ୍ତୁଷ୍ଟି ପାଇବି ଏ ଜୀବନେ
ସ୍ନେହ ପ୍ରେମ ପ୍ରତିଦାନେ।

ରଙ୍ଗ ରୂପ ଆକୃତି ଆକାର
ରହିବନି ଚିରଦିନ
ଦିପଦ ସାଥେ କଥା ହେବାକୁ
ଖୋଜୁ ମୋତେ ସବୁ ମନ।

ଅନ୍ୟଠାରୁ ଆଶା ରଖିବାକୁ
ନ ଡାକୁ ଏ ମୋର ମନ
ଅନ୍ୟ ଡାକରା ପାଇ ହାଜିର
ହେବି ମୁହିଁ ପ୍ରତିକ୍ଷଣ।

ପଞ୍ଚଭୂତର ସ୍ରଷ୍ଟା ଈଶ୍ୱର
ଏ ସୃଷ୍ଟି ଅଟେ ତାଙ୍କର
ବିଶ୍ୱ କଲ୍ୟାଣେ ଲାଗୁ ଶରୀର
ନ ଭାବି ଆପଣା ପର।

+ବୀରମହାରାଜପୁର, ସୁବର୍ଣ୍ଣପୁର

## ମୋ ସ୍ୱପ୍ନର ନାୟକ

**ଡ. ଦୀପ୍ତିମୟୀ ବେହେରା**

ମନେପଡେ ଆଜି
ସେହି ପିଲାଦିନର କଥା
ମିଛିମିଛିକା ବାଲିଘର ଭାଙ୍ଗି ଗଲେ
ହୃଦୟ ହେଉଥିଲା ଭାରି ବ୍ୟଥା ।

ସେହି ଛୋଟ ଘରଟିରେ ଲେଖାଥିଲା
ତୁମର ମୋର ନାମ
ଏବେ ଭାବୁଛି ସେ ହିଁ ଥିଲା
ଆମ ପ୍ରଥମ ପ୍ରେମର ପ୍ରଥମ ଗାନ ।

ସମୟ ସ୍ରୋତରେ ସିନା ହଜିଗଲେ
ଜହ୍ନ ରାଇଜରେ
ହଠାତ୍ ଗୋଟେ ଦିନ ଦେଖା ହୋଇଗଲା
ମଙ୍ଗଳ ଗ୍ରହରେ ।

ଅପରିଚିତ ହେଉଥିଲେ ମଧ୍ୟ
ମୁହଁଟି ଲାଗୁଥିଲା ଭାରି ଚିହ୍ନାଚିହ୍ନା
ମନ କହୁଥିଲା କେଉଁଠି ଦେଖିଛି
ନିଶ୍ଚୟ ଆଗରୁ କେବେ ନା ।

ସ୍ମୃତିର ପଥେ ଯାଇ ଖୋଜିଲି ମୁଁ
ସେଇ ହସର ପୁରୁଣା ଦିନ
କେଉଁଠି ଦେଖିଥିଲି ତୁମକୁ
ଜମା ବି ପଡେନା ମନ ।

ସତେ କି....
ମହକି ଉଠୁଥିଲା
ତୁମର ସେହି ମହାନ୍ ବ୍ୟକ୍ତିତ୍ୱ
ସ୍ୱପ୍ନରେ ଆସି ଯାଉଥିଲା
ତୁମରି ପ୍ରତିଛବି ନିତ୍ୟ ।

ତୁମକୁ ଦେଖିଲେ ହୃଦୟରେ ଜାଗେ
ଅଜଣା ଏକ ସ୍ମୃତିର ଆଲୋକ
ଅପରିଚିତ ହେଉଥିଲେ ମଧ୍ୟ
ତୁମେ ମୋ ସ୍ୱପ୍ନର ନାୟକ ।

ଆମର ଏଇ ପ୍ରେମ କାହାଣୀ
ଲେଖା ଅଛି ଭାଗ୍ୟର ଡୋରୀରେ
ପୁଣି ମିଳିବା ଆମେ ଦୁହେଁ
ଜୀବନର କେବେ ନା କେବେ ପଥଧାରେ ।
ସେଦିନ ପର୍ଯ୍ୟନ୍ତ ରହିବି ମୁଁ
ତୁମ ନିରବ ପ୍ରତୀକ୍ଷାରେ
ତୁମ ସ୍ମୃତିକୁ ନେଇ ବଞ୍ଚିବି
ମୋ ହୃଦୟର ଗଭୀରତାରେ ।

+ଅଧ୍ୟାପିକା,
ମହାପୁରୁଷ ଅଚ୍ୟୁତାନନ୍ଦ
ମହାବିଦ୍ୟାଳୟ, କଟକ

**ଧାରାବାହିକ ଉପନ୍ୟାସ**



(ପୂର୍ବ ପ୍ରକାଶିତ ଉତ୍ତାରୁ)

## ତ୍ରିପାଦମେଦିନୀ

**ଜ୍ୟୋସ୍ନାମୟୀ ପଣ୍ଡା**



॥ ଭାଗ-୧୩୫ ॥

ଦେବପୁରରେ ଇନ୍ଦ୍ରଙ୍କର ନାମ ଥାଏ ସୁରୋତ୍ତମ, ଦେବ ଗଣଙ୍କର ନାମ ଛାୟା, ଅବତାରଙ୍କ ନାମ ବେରଛ, ଭଗବାନଙ୍କ ନାମ ଅଗ୍ନିତ, ମୁନିଙ୍କ ନାମ ଚକ୍ରଧର, ଯକ୍ଷ ପ୍ରତିନିଧିଙ୍କର ନାମ (ଚିବୁକ) ଏବଂ ଋଷିଙ୍କନାମ ବେରାଜ। ଦେବତାଙ୍କ ପାଇଁ ମାନବର ପ୍ରେମ, ପୂଜା, ମନ୍ତ୍ରର ପ୍ରଭାବ ପ୍ରକୃତିକୁ ମଧ୍ୟ ନିୟନ୍ତ୍ରିତ ଓ ଉଦ୍‌ବେଳିତ କରିଥାଏ। ତ୍ରେତୟା ଯୁଗରେ ପ୍ରାରମ୍ଭରୁ ସତ୍ୟର ଶକ୍ତି କମିଯାଇଥିଲା। ଯେପରି କର୍ଣ୍ଣ ପଥରେ ଶିଶୁ ଜନ୍ମ କରିବା, ସହବାସ ସମୟରେ ଭୟ ରେ ଆଖି ବନ୍ଦ କରିବାରୁ ଶିଶୁ ଅନ୍ଧ ହେବା, ପାଣ୍ଡୁର ପିଲା ଜନ୍ମ ହେବା, ସ୍ୱେଦ ପାନରୁ ପିଲା ଜନ୍ମ ହେବା ବିଜ୍ଞାନ ପାଇଁ ସତ୍ୟବି, ମିଥ୍ୟା ବି ହୋଇପାରେ !!

ପ୍ରଥମେ ହିରଣ୍ୟାକ୍ଷ ଏବଂ ପରେ ହିରଣ୍ୟ କଶିପୁ ବର ପ୍ରାପ୍ତ ହୋଇ ଆଶ୍ଚର୍ଯ୍ୟ ବିଜ୍ଞାନ ଶକ୍ତିରେ ଶକ୍ତିମାନ ହୋଇ ବାରମ୍ବାର ଦେବତା ମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରୁଥିଲେ। ଦେବତା ମାନଙ୍କ ସହିତ ବିରୋଚନର ମଧ୍ୟ ଭଲ ସମ୍ପର୍କ ନ ଥିଲା। ଦାନବମାନେ ଇନ୍ଦ୍ରଙ୍କୁ ଭୟଭୀତ କରି ଇନ୍ଦ୍ରଲୋକ ଅଧିକାର କରିଥିଲେ। ସେମାନେ ଇନ୍ଦ୍ରପୁରୀର ସମସ୍ତ ଧନ, ସମ୍ପଦ ଲୁଣ୍ଠନ କରି ନେଉଥିଲେ। ଦେବ ନାରୀମାନଙ୍କୁ ଅପହରଣ କରି ନେଇ ସମୁଦ୍ର ମଧ୍ୟସ୍ଥ ପାତାଳ ପୁରରେ ବନ୍ଦୀ କରି ରଖିଥିଲେ । ପରେ ଦୁଷ୍ମନ୍ତଙ୍କ ପୁତ୍ର ଭରତ ତାଙ୍କୁ ଉଦ୍ଧାର କରିଥିଲେ। (ଏହି ଉପନ୍ୟାସଟି ପ୍ରାୟ ଆଉ ଶହେ କୋଡିଏ ପୃଷ୍ଠା ପର୍ଯ୍ୟନ୍ତ ବାକୀ ଅଛି। କିନ୍ତୁ ମୁଁ ଏହି ଉପନ୍ୟାସଟି ଏତିକିରେ ଧ୍ୱନି ପ୍ରତିଧ୍ୱନି ପାଇଁ ଶେଷ କଲି। ଭୀମସ୍ୟାପି ରଣେ ଭଙ୍ଗ....। ଏହାକୁ ଉପନ୍ୟାସ ଉପଯୋଗୀ କରିବା ପାଇଁ ମୂଳ ବିଷୟ ରେ କିଛି ନିଜ ଚିନ୍ତାଧାରାର ସଂଯୋଗ କରା ଯାଇଛି। ଦ୍ୱିତୀୟ ଥର ଏକ ସମୟରେ ବିଜ୍ଞାନ ତତ୍ତ୍ୱ ଖୋଜିବା ଓ ଲେଖା, ତେଣୁ ଟିକେ ବିଶୃଙ୍ଖଳ ହେବା ସ୍ୱାଭାବିକ। ପ୍ରଥମେ ଏହି ଉପନ୍ୟାସର କୋଡିଏ ପୃଷ୍ଠା ଚୟନ ପାଇଁ ଓ ପରେ ପୂର୍ଣ୍ଣ ପ୍ରଥମଉପନ୍ୟାସଟି ଗୋପବନ୍ଧୁଙ୍କ ସତ୍ୟବାଦୀ ପତ୍ରିକାକୁ ପଠାଇଥିଲି। ଏହି ଉପନ୍ୟାସଟି ତୃତୀୟଥର ଯଦି ଲେଖେ, ତାହା ଏକ ଶୃଙ୍ଖଳିତ ଉପନ୍ୟାସ କରିପାରିବି। ମହତ୍ ହୃଦୟ ପାଠକ ମାନେ କିଛି ତ୍ରୁଟି ଥିଲେ କ୍ଷମା ଦେବେ।) (ଯେଉଁ ସିନ୍ଧୁ ପାର ହୋଇ ବିଷ୍ଣୁ ହିରଣ୍ୟକଶିପୁ ଠାରୁ ଲୁଚିଗଲେ, ତାହା, ସମୁଦ୍ର ନୁହେଁ ସିନ୍ଧୁ ନଦୀ। ସମୁଦ୍ର ମନ୍ଥନରେ ପାରିଜାତ ଓ ଅପ୍ସରା ମାନେ ଆପେ, ଆପେ ସ୍ୱର୍ଗକୁ ଗଲେ, ଅର୍ଥ ଦାନବ ମାନଂକ ଜଳ, ବାୟୁ, ମାଟି ଏହି ବୃକ୍ଷ ବା ନାରୀଙ୍କ ସୌନ୍ଦର୍ଯ୍ୟ ପାଇଁ ଉପଯୋଗୀ ନଥିଲା। ଏବେ ସାର୍କ ( ୪୦୦ବର୍ଷ) ମାଛ ସେଲ୍‌ରେ କ୍ୟାନ୍ସର ଆରୋଗ୍ୟଓ ସେଲ୍ ପ୍ୟାଚ୍ କରି ନଷ୍ଟ ହୃତପିଣ୍ଡ ଓ ଫୁସ୍‌ଫୁସ୍‌କୁ ରକ୍ଷା କରା ଯାଇ ପାରୁଛି। କାରଣ ଏମାନଙ୍କର ସେଲ୍ ଶୀଘ୍ର ମୃତ ହୁଏନାହିଁ। ନୂଆ ସେଲ୍ ସୃଷ୍ଟି ହୁଏ। କଛପ ମଧ୍ୟ ଏକ ଦୀର୍ଘାୟୁ ପ୍ରାଣୀ, ତେଣୁ ତାର ସେଲ୍‌ରୁ ଅମୃତ ତିଆରି ହୋଇଥିବ। ଜଣେ ବୈଜ୍ଞାନିକ ମା କ୍ଷୀରରୁ ଦହି ପ୍ରସ୍ତୁତ କରି ଔଷଧ ପ୍ରସ୍ତୁତ କରିଥିଲେ। ଏହା ଅମୃତ ପରି ଉପାଦେୟ। ବ୍ରହ୍ମା, ପୁଲଃ, ପୁଲସ୍ତ୍ୟ ଓ ଯଜ୍ଞେଶ୍ୱର ବ୍ରହ୍ମାଙ୍କ ସହ କେତେକ ଅନୁଗତ ପଶ୍ଚିମ ଅଞ୍ଚଳରୁ ଆସିଥିଲେ। ଯେଉଁମନେ ଲାଟିନ, ଫରାସୀ, ଇଂରାଜୀ, ଜର୍ମାନୀ, ଆଦି ଆଞ୍ଚଳିକ ଭାଷା ଘରେ ବ୍ୟବହାର କରୁଥିଲେ। ଏମାନେ ପ୍ରଥମେ ଋଷିଆର ଉପାନ୍ତରେ ଏକାଠି ଏକ ଜଳ, ବାୟୁରେ ବାସ କରୁଥିଲେ ଓ ପରେ ଦ୍ୱିପ ମାନଙ୍କରେ ବାସ କଲେ। ଯେଉଁ ମାନେ ଭାରତକୁ ଆସିଲେ, ସେମାନେ ଭାରତରେ ସ୍ଥାୟୀ ଅଧିବାସୀ ହେଲେ। ସେତେବେଳେ ଭାରତର ବିଭିନ୍ନ ସ୍ଥାନରେ କଥିତ ମରାଠୀ, ବଙ୍ଗାଳୀ, ହିନ୍ଦୀ ଆଦି ଭାଷା ଥିଲା। ଭାରତୀୟ ସହ ଭାବର ଆଦାନ ପ୍ରଦାନ ପାଇଁ ଏହି ସମସ୍ତ ଭାଷା, ଅର୍ଥାତ୍ ମାତୃ ଭାଷା ସହ କେତେକ ପିତୃ ଭାଷାର ଶବ୍ଦ ମାନ ମିଶିଗଲା। ବ୍ରହ୍ମାଙ୍କ ପୁତ୍ର ମାନେ ନୂତନ ସଂସ୍କୃତ ଭାଷା ସୃଷ୍ଟି କଲେ। ତେଣୁ ଏହି ଶ୍ରୁତି ବା ବେଦ ସହ ଏହି ଭାଷା ମାନଙ୍କର ସମ୍ପର୍କ ଅଛି। ଏହା ଜ୍ଞାନୀ ମାନଂକ ଭାଷା ଥିଲା। ଏହି ଜ୍ଞାନ ଯୋଗ ବଳରେ ସ୍ୱତଃ ସେମାନଙ୍କ ମସ୍ତିଷ୍କ ରୁ ଉଚ୍ଚାରିତ ହୋଇଥିଲା। ସରୀସୃପ ଓ ପକ୍ଷୀଙ୍କ ମୂଳ ଜୀବ ଗୋଟିଏ, ଏହା ଭାଗବତରେ ଲେଖାଅଛି। ଭାଗବତରେ ଯେଉଁ ସପ୍ତ ଦ୍ୱିପ ଗୁଡ଼ିକ ଅଛି, ତାହା କେବଳ ସମୁଦ୍ର ମଧ୍ୟରେ ନଥିଲା। ଗୋଟିଏ ପାର୍ଶ୍ୱରେ ନଦୀ ବା ହ୍ରଦ ଯେତେବେଳେ ଦୁଇଟି ସ୍ଥଳ ଭାଗକୁ ବିଭକ୍ତ କରୁଥିଲା, ତାହା ମଧ୍ୟ ଏକ ଦ୍ୱୀପ ଥିଲା। ବିଷ୍ଣୁ ପୁରାଣରେ ଆରବ ଆଦିକୁ ସପ୍ତ ସମୁଦ୍ର ମଧ୍ୟରେ ଥିବା ପ୍ଲକ୍ଷ ଦ୍ୱିପ ବୋଲି କୁହାଯାଉଥିଲା (ପଠିତ) ବୋଧହୁଏ ସେମାନେ ସେତେବେଳେ ସମୁଦ୍ର ପାର ହୋଇ ରଥରେ ଆମେରିକାକୁ ଯାଇପାରି ନାହାନ୍ତି। ତେଣୁ ଏହି ଅଞ୍ଚଳ ସପ୍ତ ଦ୍ୱିପର ଅନ୍ତର୍ଭୁକ୍ତ ନଥିଲା। ପ୍ରାୟ ସତ୍ୟ ଯୁଗର ଶେଷ ବେଳକୁ ମୂଳ ଅସୁରମାନେ ଆଉ ନଥିଲେ। ଯେଉଁ ଆଦିମ ଜାତି ମାନେ ନର ଭକ୍ଷୀ ଥିଲେ, ଜୀବନ ଧାରଣରେ କୌଣସି ନିର୍ଦ୍ଦିଷ୍ଟ ଶୃଙ୍ଖଳା ବା ସୁସ୍ଥ ନିୟମ ନଥିଲା, ସେମାନେ ଦ୍ୱିପ ମାନଙ୍କରେ ମାଛ ଧରି ବା ଶିକାର କରି ଜୀବନ ସଂଗ୍ରାମ କରୁଥିଲେ। ଶାକ ଦ୍ୱିପରୁ ଅଘ ନାମକ ମାନବ ଜାତି ଭାରତକୁ ଆସିଥିଲେ। ଦ୍ୱାପର ଯୁଗ ବେଳକୁ ଏମାନେ ଏକ ସମ୍ମାନ ସ୍ୱଦ ଶକ୍ତିଶାଳୀ ଜାତି ଥିଲେ। କିନ୍ତୁ ସତ୍ୟ ଯୁଗ ମଧ୍ୟରେ ସେମାନେ ବ୍ରହ୍ମାଙ୍କ ପୁତ୍ର ଋଷି ବଂଶ ବା ଦ୍ରାବିଡ଼ ଆଦି ବଂଶ ମାନଙ୍କରେ ବିବାହ କରି ସଂଶୋଧିତ ହୋଇଥିଲେ। ସୁବର୍ଣ୍ଣଗିରି ରାଜସ୍ଥାନରେ ଅଛି। ଏହି ପର୍ଯ୍ୟନ୍ତ ଜମ୍ବୁଦ୍ୱିପ ଥିଲା। ଇଟାଲୀରେ ନୃମନା ଓ ତୁର୍କୀର ପଶ୍ଚିମ ପ୍ରାନ୍ତରେ ଆର୍କୟକା (ଆର୍ଯ୍ୟକା) ନାମରେ ଛୋଟ ସହର ଅଛି। ବୋଧହୁଏ ପୂର୍ବେ ଏଠି ଏହି ନାମରେ ଛୋଟ ନଦୀ ଥିଲା। ଏହି ଅଞ୍ଚଳ କ୍ରୌଞ୍ଚ ଦ୍ୱିପ ହୋଇପାରେ। ଶ୍ରୀକୃଷ୍ଣ ନିଜେ କହିଛନ୍ତି ଯେ, ମଞ୍ଚାରୁ ପଡ଼ି ମାମୁଁ ମଲା। ସେ ତାଙ୍କୁ ମାରିନାହାନ୍ତି। ହୁଏତ କଂସ ଅତ୍ୟଧିକ କ୍ରୋଧରେ ଭାରସାମ୍ୟ ହରାଇଥିଲା। ସେହିପରି ଦୁଷ୍ଟ ନିଧନ ବରାହ, କୃଷ୍ଣ, ରାମ ଆଦି ଯିଏ କରନ୍ତୁ, ସକଳ ଘଟେ ନାରାୟଣ। ତେଣୁ ତାଙ୍କଠାରେ ହିଁ ବିଷ୍ଣୁଙ୍କ ଶକ୍ତି ଅବତରଣ କରିଥାନ୍ତି। ଆମେ ଯେତେବେଳେ ଉପବାସ ରହୁ, ପାକସ୍ଥଳୀ ଖାଲି ହୋଇଯାଏ ଓ ଖାଦ୍ୟ ରୁପେ ଦେହର ମୃତ କୋଷିକା ଗୁଡ଼ିକ ଖାଇଯାଏ। ଅଷ୍ଟ୍ରେଲିଆଠାରୁ ଭାରତୀୟ ଦ୍ୱିପ ପୁଞ୍ଜ ଶାଲ୍ମଳୀ ଦ୍ୱିପ ଥିଲା। ଲାଲ୍ ରଙ୍ଗ ଲକ୍ଷ୍ମୀଙ୍କ ପ୍ରିୟ। ପ୍ରାୟ ପୂର୍ବରେ ଦୁଗ୍ଧ ନଦୀ ଅଛି। ବୋଧହୁଏ, ଉଭୟ ପୂର୍ବ ଓ ପଶ୍ଚିମରେ ପ୍ରଶାନ୍ତ ମହାସାଗର କିମ୍ବା ବଙ୍ଗୋପସାଗର କ୍ଷୀର ସାଗର ଥିଲା। ପାଣ୍ଡବ ଓ କୌରବଙ୍କ ପୂର୍ବଜମାନେ ଚନ୍ଦ୍ର ବଂଶୀ ଥିଲେ ଓ ପରେ ଏମାନେ ବ୍ୟାସ ଦେବଙ୍କ ବଂଶଜ ଥିଲେ। (ସୂଚନାପ ସୂର୍ଯ୍ୟ କିରଣ ଚାରିଆଡ଼େ ବିଚ୍ଛୁରିତ ହୋଇଥାଏ। ଏହା ଅଳ୍ପ ଉଷ୍ମ ଥାଏ। ଯଦି ଏହାକୁ ଜବ କାଚରେ କେନ୍ଦ୍ରୀଭୂତ କରାଯାଏ ଏହା ଅଧିକ ଶକ୍ତିଶାଳୀ ହୋଇଯାଏ। ସେହିପରି ଏହି ବିଶ୍ୱ ବ୍ରହ୍ମାଣ୍ଡରେ ବିଚ୍ଛୁରିତ ଐଶ୍ୱରୀୟ ଶକ୍ତିକୁ ଆମେ ଯେତେବେ ଳେ ଗୋଟିଏ ମୂର୍ତ୍ତି ମଧ୍ୟରେ କେନ୍ଦ୍ରୀଭୂତ କରିଦେଉ, ତାର ଶକ୍ତି ଅଧିକ ହୋଇଯାଏ।) ଆମେ ଭୋଗ ପ୍ରାୟ କଦଳୀ ପତ୍ରରେ ଖାଇଥାଉ। ଶ୍ରାଦ୍ଧରେ ପିଣ୍ଡ ନିଶ୍ଚୟ କଦଳୀ ପତ୍ରରେ ବଢ଼ାଯାଏ। ଏହାର କାରଣ କଦଳୀ ପତ୍ର ଉପରେ ଏକ ତରଳ ଲେପ ଥାଏ ଓ ପାଣି ଛାଡିଯାଏ। ଏହା ଉପରେ ଗରମ ଖାଦ୍ୟ ବାଢିଲେ, ଏହା ଖାଦ୍ୟ ସହିତ ପାକସ୍ଥଳୀକୁ ଯାଇ ଖାଦ୍ୟକୁ ସହଜ ରେ ହଜମ କରିଦିଏ। ଏଥିରେ ଭୂତାଣୁ ନାଶକ ଶକ୍ତି ମଧ୍ୟ ଥାଏ। ସମୁଦ୍ରକୁ ଶଙ୍ଖେ ଏହି ମୋର ରଚନା। ସମାପ୍ତ। ସର୍ବେ ଭବନ୍ତୁ....... ଭବେତ୍।

(କ୍ରମଶଃ)

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

## ମଣ୍ଡଳ କମିଟି ଗଠନକୁ ନେଇ ବିଜେପି ସଭାପତିଙ୍କ ଅସନ୍ତୋଷ

ଖଇରା, ୧୫/୦୪ (ନି.ପ୍ର):ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଇରା ବ୍ଲକରେ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ୧୩ତାରିଖ ଦିନ ୪ମଣ୍ଡଳର ଯୁବ, ମହିଳା, ଅନୁସୂଚିତ ଜାତି, ଜନଜାତି, ଓବିସି ଓ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ତଥା ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ନାମ ମନୋନୀତ କରାଯାଇଛି । ଏଭଳି ଘୋଷଣା ବା ମନୋନୟନ ପ୍ରକ୍ରିୟାକୁ ବିଜେପି ଜିଲା ସଭାପତି ଈଶ୍ୱର ବେହେରା ନାପସନ୍ଦ କରିଛନ୍ତି । ସଙ୍ଗଠନ ଭିତରେ କର୍ମକର୍ତ୍ତା ମନୋନୟନ ଅଧିକାର କେବଳ ସଭାପତିଙ୍କର ରହିଛି । ହେଲେ ଜଣେ ଲୋକପ୍ରତିନିଧି ଜିଲା କିମ୍ବା ମଣ୍ଡଳ ସଭାପତିଙ୍କ ବିନା ପରାମର୍ଶରେ କାର୍ଯ୍ୟକର୍ତ୍ତାଙ୍କ ନାମ ମନୋନୟନରେ କୌଣସୀ ବୈଧତା ନାହିଁ ବୋଲି ସଭାପତି ନିଜ ପ୍ରତିକ୍ରିୟାରେ କହିଛନ୍ତି । ଏହା ପୂର୍ବରୁ କିଛି ମାସ ତଳେ ମଧ୍ୟ ଖଇରା ବ୍ଲକର ୪ନମ୍ବର ଓ ୬ନମ୍ବର ଜୋନରେ ମଣ୍ଡଳ ସଭାପତିଙ୍କ ନାମ ଘୋଷଣାକୁ ନେଇ ତତକାଳିନ ଜିଲା ସଭାପତି ଉମାକାନ୍ତ ମହାପାତ୍ର ଅସନ୍ତୋଷ ଜାହିର କରିଥିଲେ ।

# ଖଗଡେଶ୍ୱର ସମେତ ବିଭିନ୍ନ ଶୈବ ପୀଠରେ ଚଡକ ଯାତ୍ରା ଉଦ୍‌ଯାପିତ

## ଦେହରେ କଣ୍ଟାଫୋଡି ମାନସିକ ପୂରଣକଲେ ଶହଶହ ଭକ୍ତ



ବାଲିଆପାଳ , ୧୫/୦୪ (ନି.ପ୍ର): ବାଲିଆପାଳ ବ୍ଲକର ପ୍ରମୁଖ ଶୈବ ପୀଠ ଖଗଡେଶ୍ୱର ସମେତ ବିଭିନ୍ନ ଶୈବ ପୀଠରେ ଆଜି ଚଡକ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସର ରେ ଶୈବ ପୀଠ ଗୁଡିକ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା । ଖଗଡେଶ୍ୱର ପୀଠରେ ତେର ଦିନ ଧରି ବ୍ରତ ଧାରଣ କରିଥିବା ବ୍ରତାଧାରୀ ମାନେ ଆଜି ଅପରାହ୍ନରେ ଏକ ବିଶାଳ ଶୋଭାଯାତ୍ରାରେ ତେର ଭକ୍ତଙ୍କ ସହ ମଧୁପୁରା ସ୍ଥିତ ହାକାଣ୍ଡ ପୋଖରୀକୁ ଯାଇଥିଲେ । ପରମ୍ପରା ଅନୁଯାଇ ଏହି ଭକ୍ତ ମାନେ ମାଳଚନ୍ଦିନୀ ହେବା ପରେ ଦେବ ଦେବ ମହାଦେବଙ୍କ ନିକଟରେ ନିଜର ମାନସିକ କରିଥିଲେ । ଏହି ଦିନରେ ନିଜ ଶରୀରକୁ କଷ୍ଟଦେଇ ଶିବଙ୍କୁ ଆରଧନା କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ବିଶ୍ୱାସରେରେ ବହୁ ଭକ୍ତ ନିଜ ଦେହକୁ ଲୁହା କଣ୍ଟା ଛୁଞ୍ଚ ,ଏବଂ ବେଲୁନ ଫୋଡି ବାଦ୍ୟ ର ତାଳେ ତାଳେ ନୃତ୍ୟ କରି ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ । ବହୁ ଭକ୍ତ ଜିଭରେ ମଧ କଣ୍ଟା ଫୋଡିଥିଲେ । ସେହିପରି ଶତାଧିକ ମହିଳାଭକ୍ତ ମୁଣ୍ଡରେ ଧୁଣାସରା ମୁଣ୍ଡାଇ ଏକ ପଟୁଆରା ରେ ମନ୍ଦିର ପର୍ଯ୍ୟନ୍ତ ଆସି ବେଢା ପରିକକ୍ରମା କରିଥିଲେ । ଦୀର୍ଘ ତେର ଦିନ ଧରି ଚାଲିଥିବା ଏହି ପର୍ବର ଉଦଯାପନ ଉତ୍ସବରେ ଭକ୍ତସମେତ ସାଧାରଣ ଦର୍ଶକ ମଧ ମହାଦେବଙ୍କ ନିକଟରେ ନିଜର ଶୁଭ ମନାସିଥିଲେ । କାର୍ଯ୍ୟକ୍ରମକୁ ଦେଖିବା ପାଇଁ ପ୍ରବଳ ଜନଗହଳି ହୋଇଥିଲା ପାଟଭକ୍ତା ଭାବେ ପଦ୍ମୋଲୋଚନ ସାହୁ, ଶ୍ରୀବେକିଡି ଭାବେ ପ୍ରଭାସ କୁମାର ସାହୁ, ପୂଜକ ସତ୍ୟନାରାୟଣ ପାଠୀ ରହିଥିଲାବେଳେ ଖଗଡାପାଳ ଗ୍ରାମକମିଟି ତରଫରୁ ଗ୍ରାମ ମୁଖ୍ୟ ମଧୁସୂଦନ ସାହୁ, ମୁରଲୀ ମୋହନ ସାହୁ, ଇଂ ସୁଶାନ୍ତ ଚକ୍ରବର୍ତ୍ତୀ , ପ୍ରଫୁଲ୍ଲ କୁମାର ସାହୁ , ପ୍ୟାରୀ ମୋହନ ବିଶ୍ୱାଳ,କୁଞ୍ଜ ବିହାରୀ ବାରିକ ସମେତ ଗ୍ରାମପରିଚାଳନା କମିଟି ପରିଚାଳନା କରିଥିଲେ । ସେହିଭଳି ଜଗାଇସ୍ଥିତ ନାଭଡେଶ୍ୱର, ନିଖିରେଶ୍ୱର, କୁଶୁଡିହା, ଜାଠିଆ, ଚାନ୍ଦମଣି ପ୍ରଭୃତି ପୀଠରେ ଚଡକଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି । ବାଲିଆପାଳ ପୋଲିସ୍ ଓ ଜାମକୁଣ୍ଡା ଫାଣ୍ଡି ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷାକରାଯାଇଥିଲା । ରାତ୍ରୀରେ ଶୈବପୀଠ ମାନଙ୍କରେ ସାଂସ୍କୃତିକ କାଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ବିଭିନ୍ନ ସ୍ଥାନରେ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳନ

ଖଇରା, ୧୫/୦୪ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ପୁରପଲ୍ଲୀରେ ପଣା ସଂକ୍ରାନ୍ତୀ ଓ ହନୁମାନ ଜୟନ୍ତୀ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ସୁଣ୍ଡିରା ଗ୍ରାମସ୍ଥିତ ହନୁମାନମନ୍ଦିର ପରିସରରେ ନିରଞ୍ଜନ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନାମଯଜ୍ଞ,ହନୁମାନ ଚାଳିଶା ପାଠ କରାଯାଇଥିଲା । ପର୍ଶୁରାମ ବେହେରା,ଶିଶିର କୁମାର ନାୟକ,ରତ୍ନାକର ବେହେରା ପ୍ରମୁଖ ସହଯୋଗ କରିଥିଲେ । ସେହିଭଳି ନହଙ୍ଗ ଖଜୁରଗଡିଆ ସ୍ଥିତ ପଞ୍ଚମୁଖି ହନୁମାନ ମନ୍ଦିର ପ୍ରତିଷ୍ଠା ର ପ୍ରଥମ ବାର୍ଷିକଉତ୍ସବ ମହାଆଡମ୍ବରରେ ପାଳିତ ହୋଇ ଯାଇଛି । ମଙ୍ଗଳବାର ସକାଳେ ୧୭୦ କଳସ ଅଣାଯାଇଥିବା ବେଳେ ସନ୍ଧ୍ୟାରେ ଓଡିଶା ସଂସ୍କୃତି ବିଭାଗ ପ୍ରଦତ୍ତ ଓଡିଶା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଏହି ଉତ୍ସବ ବସନ୍ତ କୁମାର ମହଲାଙ୍କ ତତ୍ତ୍ୱାବଧାନରେ ୩ଦିନ ଧରି ଚାଲିବାର କାର୍ଯ୍ୟକ୍ରମ ଅଛି । ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଲିପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ର ଓ ଗୁରୁମାଙ୍କ ଦ୍ୱାରା ଅଲିପୁର ଛକରେ ପଣା ବଣ୍ଟନ କରାଯାଇଥିଲା । ଏହାଛଡା କାକୁଡିଆସ୍ଥିତ ହନୁମାନ ମନ୍ଦିର ନିକଟରେ ଦିବାକର ନାୟକଙ୍କ ନେତୃତ୍ୱତ୍ୱରେ ଓ ଗ୍ରାମବାସୀଙ୍କ ସହଯୋଗରେ ବଜରଙ୍ଗୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ସେହିଭଳି ଆଳଦା ବାଲିସାହି ଠାରେ ରାଧାକୃଷ୍ଣ ୟୁଥ କ୍ଲବ ଆନୁକୂଲ୍ୟରେ ପଞ୍ଚମୁଖୀଙ୍କୁ ଆରାଧନା କରାଯାଇଥିବା ବେଳେ ବିରଞ୍ଚି ନାରାୟଣ ପଣ୍ଡା ଓ ଆଦିକନ୍ଦ ପଣ୍ଡାଙ୍କ ଦ୍ୱାରା ଯଜ୍ଞାଦିକର୍ମ ଅନୁଷ୍ଠିତ ହୋଇଥିଲା । ବରଦା ର ମା ଭଗବତୀ ପୀଠ,ଜଳଙ୍ଗ ଚଣ୍ଡୀ ମନ୍ଦିର,ଫଗୁଣା ତାରିଣୀ ମନ୍ଦିର ଓ ଖଇରା ବ୍ଲକ ପରିସରରେ ଥିବା ତାରିଣୀ ମନ୍ଦିରରେ ମଧ୍ୟ ବିଷୁବ ସଂକ୍ରାନ୍ତୀ ପାଳିତ ହୋଇ ଯାଇଛି ।

# ଓଡ଼ିଆ ନବ ବର୍ଷ ଅବସରରେ ମିତାରାଣୀ ସାହୁଙ୍କ ଉପନ୍ୟାସ 'ଦିବ୍ୟଜ୍ୟୋତି' ଲୋକାର୍ପିତ




ବାରିପଦା, ୧୫/୦୪ (ନି.ପ୍ର): ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ଅବସରରେ ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମୟୂରଭଞ୍ଜ ସାହିତ୍ୟ ପରିଷଦ ତରଫରୁ ଆୟୋଜିତ ବିଷୁବ ମିଳନ କାର୍ଯ୍ୟକ୍ରମରେ ଔପନ୍ୟାସିକା ମିତାରାଣୀ ସାହୁଙ୍କ ଲିଖିତ ଉପନ୍ୟାସ 'ଦିବ୍ୟ ଜ୍ୟୋତ' ଲୋକାର୍ପିତ ହେଇଯାଇଛି । ପଲିଷଦର ନିଜସ୍ୱ ସଭାଗୃହରେ ଆୟୋଜିତ ଏ କାର୍ଯ୍ୟକ୍ରମରେ ବି.ବି. ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସଂଯୁକ୍ତା ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଓଡ଼ିଶା ତଥା ମୟୂରଭଞ୍ଜରର ସମୃଦ୍ଧ ଐତିହ ତଥା ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ସମରେନ୍ଦ୍ର ବଶା ଅତିଥି ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ, ସଂପାଦକ ମନୋଜ ଦଳବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ପୁସ୍ତକ ଲୋକାର୍ପଣ ପରେ ଔପନ୍ୟାସିକା ମିତାରାଣୀ ସାହୁ ତାଙ୍କ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ପରେ କାର୍ଯ୍ୟକ୍ରମର ମୁଖ୍ୟବକ୍ତା କବୟିତ୍ରୀ କାବେରୀ ମିଶ୍ର ପୁସ୍ତକଟିର ସମୀକ୍ଷା କରିଥିଲେ। ପରିଶେଷରେ କବୟିତ୍ରୀ ସୁଧାମୟୀ ଦାସ ଏବଂ ସ୍ନେହଲତା ନାୟକଙ୍କ ମିଳିତ ସଂଯୋଜନାରେ ଏକ କବିତପାଠ ଆୟୋଜିତ ହୋଇଥିଲା । ବାସନ୍ତୀଲତା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିବା ବେଳେ ଅଜୟ କୁମାର ପାଲ, ବିରଜା ଦେବୀ, ରଶ୍ମିତା ପାତ୍ର, ନରସିଂହ ବାରିକ, କବିତା ନନ୍ଦ, ଡ. ସଞ୍ଜୀବ ପାଣିଗ୍ରାହୀ, ବନମାଳୀ ପାତ୍ର, ସତ୍ୟବ୍ରତ ମିଶ୍ର, ଜୟରାମ ସିଂହ, ବୀଣାପାଣି ପଣ୍ଡା, ଜୟନ୍ତ କୁମାର ଦ୍ୱାରୀ, ପୁଷ୍ପଲତା ସାହୁ, ସବିତାରାଣୀ ଶିଟ୍ ଡ. ଶଶିଧର ବିଶ୍ୱାଳ ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ। ଅଜିତ କୁମାର କବାଟ, ଅଜିତ କୁମାର ପାଣିଗ୍ରାହୀ, ଭାଗବତ ପଣ୍ଡା, ଦୋଳଗୋବିନ୍ଦ ମହାନ୍ତ, ଆଶିଷ ବଶା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଉତ୍କଳ ସମ୍ମିଳନୀ ଚଳାଇଥିବା ଆନ୍ଦୋଳନର ନେତୃତ୍ୱ ଓ ପୃଷ୍ଠପୋଷକ ଭାବରେ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ଅବଦାନ ଅତୁଳନୀୟ : ବିବେକାନନ୍ଦ ଦାସବାବୁ




ଉଦଳା, ୧୫/୦୪ (ନି.ପ୍ର): 'ଓଡ଼ିଆପକ୍ଷ-୨୦୨୬' ପାଳନ ଅବସରରେ ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ପରିସରରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଢ଼ି ତୋଳିବାରେ ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମୟୂରଭଂଜ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ଅବଦାନ କିପରିଥିଲା ସେ ସର୍ମ୍ପକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ମଂଜୁଳା କଲିଆ ଆଲୋଚନାଚକ୍ରରେ ଅଧକ୍ଷତା କରି ଜଣେ ପ୍ରଜାବତ୍ସଳ ରାଜା ଭାବରେ ମହାରାଜା ଶ୍ରୀରାମଚନ୍ଦ୍ର କିପରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ବ୍ୟକ୍ତ କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଗବେଷକ କିଶୋରଚନ୍ଦ୍ର ଦାସବାବୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ଭାବରେ ମହାରାଜା ଶ୍ରୀ ରାମଚନ୍ଦ୍ରଙ୍କ ବଳିଷ୍ଠ ନେତୃତ୍ୱ ଜନମାନସରେ କିଭଳି ପ୍ରଭାବ ପକାଇଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ସମଗ୍ର ଓଡ଼ିଶା ପାଇଁ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ଅବଦାନ କେବେ ଭୁଲି ହେବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧରେ ଅଧାପକ ବିବେକାନନ୍ଦ ଦାସବାବୁ, ଉତ୍କଳ ସମ୍ମିଳନୀ ଚଳାଇଥିବା ଆନ୍ଦୋଳନର ନେତୃତ୍ୱ ଓ ପୃଷ୍ଠପୋଷକ ଭାବରେ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ । ଏହାପରେ ଉଦଳା ଅଂଚଳର ସୁନାମଧନ୍ୟ ପଥରମୂର୍ତ୍ତି କାରିଗର ଧିରେନ୍ଦ୍ର କୁମାର ପଣ୍ଡା ଓ ନଡ଼ିଆ ଷଢ଼େଇରେ ବିଭିନ୍ନ କାରୁକାର୍ଯ୍ୟ କରି ସୁନାମ ଅର୍ଜନ କରିଥିବା ବିଜୟ କମିଳାଙ୍କୁ ମହାବିଦ୍ୟାଳୟ ତରଫରୁ ଏହି ମଂଚରେ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । କ୍ଷୀରୋଦ ମହାନ୍ତି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ନାରୀ ଶକ୍ତି ବନ୍ଦନା ସମ୍ମିଳନୀ ଆୟୋଜିତ

ଜୟପୁର, ୧୫/୦୪ (ନି.ପ୍ର): ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଅଡିଟରିୟମ ଠାରେ ନାରୀ ଶକ୍ତି ବନ୍ଦନ ସମ୍ମିଳନୀ ଆୟୋଜିତ ହୋଇଯାଇଛି ଓ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନର କମିଶନର ଶ୍ରୀମତୀ ବବିତା ପାତ୍ର ଏହି କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ଓ ଦେଶର ନାରୀଶକ୍ତି ପାଇଁ ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦରେ ଅନୁଷ୍ଠିତ ହେବାକୁ ଥିବା ବିଶେଷ ଅଧିବେଶନ ସମ୍ପର୍କରେ ମହିଳାମାନଙ୍କୁ ଅବଗତ କରାଇବା ସହ ନାରୀ ଶକ୍ତି ବନ୍ଦନ ଅଧିନିୟମ ସମ୍ପର୍କରେ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ ଓ ଏହା ସହ ନାରୀଶକ୍ତି କିପରି ସଶକ୍ତ ଭାରତ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବେ ସେ ସମ୍ପର୍କରେ ସଚେତନ କରିବା ସହ ୯୬୬୭୧୭୩୩୩୩ ରେ ମିସଡ୍ କଲ ଦେଇ ନାରୀ ଶକ୍ତି ବନ୍ଦନା ଅଧିନିୟମକୁ ସମର୍ଥନ କରିବାକୁ ଆହ୍ୱାନ ଦେଇ ଥିଲେ ଓ ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସରଂଜିତା ମାଝୀ, ସମ୍ମନ୍ଵିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସିକା ସ୍ନେହପ୍ରଭା ମାଝୀ, ସମାଜସେବୀ ପୂର୍ଣ୍ଣିମା ନାୟକ, ସ୍ୱାତୀ ଓଝା, ଅଞ୍ଜଳି ମିଶ୍ର ଯୋଗ ଦେଇ ମହିଳାମାନଙ୍କୁ ନିଜ ବକ୍ତବ୍ୟ ମଧମରେ ଉତ୍ସାହିତ କରିଥିଲେ

# ନୀଳକଇଁ ପକ୍ଷରୁ ପୁସ୍ତକ ଉନ୍ମୋଚନ ସମାରୋହ



ଭୁବନେଶ୍ୱର, ୧୫/୦୪ (ନି.ପ୍ର): ନୀଳକଇଁ ପକ୍ଷରୁ ଲେଖିକା ସସ୍ମିତା ଦାସଙ୍କ ଷଷ୍ଠ କବିତା ସଂକଳନ ପୁସ୍ତକ ' ପ୍ରେମର ସ୍ଥିର ଚିତ୍ର 'ଏବଂ ଇଂ ବିଜନ ବେହେରାଙ୍କ ଦୁଇ ଗୋଟି ପୁସ୍ତକ 'ଆଇନାର ଆଖି' ଓ 'କ୍ଲାନ୍ତ ଅପରାହ୍ନ' ଆଜି ଉନ୍ମୋଚିତ ହୋଇଯାଇଛି । ସ୍ଥାନୀୟ ବୁଦ୍ଧ ମନ୍ଦିର ଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଲେଖିକା ଡ ଅପର୍ଣ୍ଣା ମହାନ୍ତି ଯୋଗଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ପ୍ରଫେସର ଦାମୋଦର ବେହେରା, ବିଶିଷ୍ଟ ସଂଳାପକାର, ଗୀତିକାର ଡ଼ ରଜନୀ ରଞ୍ଜନ, କବି ଡ଼.ସୁଷମା ମିଶ୍ର, କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ ଏବଂ ଦୂରଦର୍ଶନର ପୂର୍ବତନ ଆଞ୍ଚଳିକ ମୁଖ୍ୟ ଡ଼ ଗୋପାଳ କୃଷ୍ଣ ମହାପାତ୍ର ଉପସ୍ଥିତ ଥିଲେ । ନୀଳକଇଁର ସମ୍ପାଦିକା ତଥା ଜଣାଶୁଣା ଲେଖିକା ସସ୍ମିତା ଦାସ ଏବଂ ଲେଖକ ଇଂ ବିଜନ ବେହେରା ଲେଖକୀୟ ଅଭିବ୍ୟକ୍ତିରେ ପୁସ୍ତକର ଚରିତ୍ର ତଥା ପ୍ରଚ୍ଛଦପଟର କାହାଣୀ ପାଠକଙ୍କ ସାମ୍ନାରେ ରଖିଥିଲେ । ଜଣେ ଲେଖକ କିଭଳି ତାର ସୃଷ୍ଟି ମାଧମରେ ଅମରତ୍ୱ ଲାଭ କରେ ଏବଂ ଚିରକାଳ ପାଠକୀୟ ସ୍ୱୀକୃତିର ସ୍ୱର୍ଗଲୋକରେ ସ୍ଥାୟିତ୍ୱ ଆଶକରେ ତାହା ମୁଖ୍ୟ ଅତିଥି ଡ ଅପର୍ଣ୍ଣା ମହାନ୍ତି ତାଙ୍କ ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିବା ଡ଼ ଗୋପାଳ କୃଷ୍ଣ ମହାପାତ୍ର କହିଥିଲେ କି ସମ୍ବେଦନଶୀଳ ଭାବନା ସହ ବାସ୍ତବତାର ବିଚାରବୋଧ ରଖି ଯେଉଁ ଲେଖକ ସମସ୍ତ ପ୍ରକାର ଚରିତ୍ର ସହ ନ୍ୟାୟ କରିପାରେ ସେ ହିଁ ପାଠକଙ୍କ ହୃଦୟକୁ ଅନାୟାସରେ ଜିତିପାରେ । ଦ୍ୱିତୀୟ ସ୍ୱର୍ଗର ନିର୍ମାଣ ଜଣେ ଲେଖକ ତାର ପୁସ୍ତକ ମାଧମରେ କରିପାରେ ଆଉ ମାଟି ଆଉ ଆକାଶ ମଝିରେ ତ୍ରିଶଙ୍କୁ ଅବସ୍ଥାରେ ରହି ସ୍ୱପ୍ନର ସନ୍ତୁଳନ ବଜାୟ ରଖି ଜୀବନକୁ ଉପଭୋଗ କରିବା ଜଣେ ଲେଖକଙ୍କ ଠାରୁ ଶିଖିବା କଥା ବୋଲି ଉତ୍ସବରେ ଉପସ୍ଥିତ ଥିବା ଅନ୍ୟତମ ସମ୍ମାନିତ ଅତିଥି ବିଶିଷ୍ଟ ସଂଳାପକାର, ଗୀତିକାର ଡ଼ ରଜନୀ ରଞ୍ଜନ ତାଙ୍କ ବକ୍ତବ୍ୟରେ କହିଥିଲେ । ଉନ୍ମୋଚିତ ପୁସ୍ତକରେ ସ୍ଥାନିତ କବିତା ପାଠ କରିଥିବା ବିଜନବାଳା ପାଟଯୋଶୀ, ପୂରବୀ ଶତପଥୀ ଓ ସ୍ନେହା ଦାସ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୁନିକଳାକାର ଫିଓନାଙ୍କ ଦ୍ୱାରା ଭଜନ ଓ ଅନ୍ୟାନ୍ୟ ଗୀତ ବେଶ୍ ଉପଭୋଗ୍ୟ ହୋଇଥିଲା । ସାହିତ୍ୟପ୍ରେମୀଙ୍କ ଗହଣରେ ଆୟୋଜିତ ଏହି ସାରସ୍ୱତ ସନ୍ଧ୍ୟାରେ ସହରର ବହୁ ଲେଖକ, ବୁଦ୍ଧିଜୀବୀ ମାନେ ଯୋଗ ଦେଇଥିଲେ । ମିଳନ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ପ୍ରମୋଦ କୁମାର ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ । ଟ୍ରମ୍ପଙ୍କ ଚେତାବନୀ, ସାରା ବିଶ୍ୱରେ ବଡ଼ ହଲଚଲ୍; ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବନ୍ଦ କରିବା ପାଇଁ ଘୋଷଣା ବିଶ୍ୱର ସବୁଠାରୁ ବଡ଼ ସମୁଦ୍ର ପଥ ଇରାନର ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବନ୍ଦ କରିବା ପାଇଁ ଘୋଷଣା କରିଛି ଆମେରିକା । ଇରାନ ବେଆଇନ ଭାବେ ଟୋଲ୍ ଆଦାୟ କରୁଛି, ଯାହା ବେଆଇନ କହିବା ସହ ଏଭଳି ନିଷ୍ପତ୍ତି ନେଇଛନ୍ତି ଡୋନାଲ୍ଡ ଟ୍ରମ୍ପ । ଆମେରିକା ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ ପରେ ଆଲର୍ଟ ମୋଡ଼କୁ ଆସିଛି ଟଙ୍କ ସେଣ୍ଟ୍ରାଲ କମାଣ୍ଡୋ । ହର୍ମୁଜ୍ ପଥ ବ୍ଲକ୍ କରିବା ପାଇଁ ଆକଟିଭ୍ ହୋଇଛି ଆମେରିକା ନୌ ସେନା । ହର୍ମୁଜ ପଏଣ୍ଟରେ କୌଣସି ଜାହାଜ ଛାଡ଼ିବନି ଆମେରିକା । ହର୍ମୁଜ ପଏଣ୍ଟକୁ କୌଣସି ଜାହାଜ ଯିବା ଆସିବା କରିପାରିବେ ନାହିଁ । ଜାହାଜ ରୋକିବାକୁ ଆମେରିକା ନୌ ସେନାକୁ ଦିଆଯାଇଛି ନିର୍ଦ୍ଦେଶ ।

# ସି.ଏମ୍. ଟ୍ରଫି କ୍ରୀଡ଼ା ମହୋତ୍ସବ କବାଡ଼ି ଓ ଖୋ-ଖୋ ପ୍ରତିଯୋଗିତା ଉଦ୍‌ଯାପିତ



ଭଦ୍ରକ, ୧୫/୦୪ (ନି.ପ୍ର): ଓଡ଼ିଶା ସରକାରଙ୍କ କ୍ରିଡ଼ା ଓ ଯୁବସେବା ବିଭାଗ ଆନୁକୁଲ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଭଦ୍ରକ ଜିଲ୍ଲା ଆଥଲେଟିକ ଆସୋସିଏସନ୍ ମିଳିତ ଆୟୋଜନରେ ଭଦ୍ରକ ସ୍ୱୟଂଶାସିତ କଲେଜ ପଡ଼ିଆରେ ଆରମ୍ଭ ହୋଇଥିବା ପ୍ରଥମ ସିଏମ ଟ୍ରଫି କବାଡ଼ି ଓ ଖୋ-ଖୋ ବାଳକ ଓ ବାଳିକା ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାଟି ୧୦ ଏପ୍ରିଲରୁ ଆରମ୍ଭ ହୋଇଥିଲା । ଏହି ପ୍ରତିଯୋଗିତାର ବାଳକ କବାଡ଼ି ଫାଇନାଲରେ କାଦବରାଙ୍ଗ ବିଦ୍ୟାଳୟ ବିଜେତା ହୋଇଥିବା ବେଳେ ଏସ ବି ଡି ସ୍ପୋର୍ଟସ ଏକାଡେମୀ ଉପ ବିଜେତା ହୋଇଅଛି । ସେହିପରି ବାଳିକା ବିଭାଗରେ କାଁପଡା ବାସୁଳୀ ସ୍କୁଲ ବିଜେତା ହୋଇଥିବା ବେଳେ ଓ ଆଦର୍ଶ ବିଦ୍ୟାଳୟ ଓଲଙ୍ଗ ଉପବିଜେତା ହୋଇଅଛି । ସେହିପରି ଅନ୍ୟ ପକ୍ଷରେ ଖୋ ଖୋ ପ୍ରତିଯୋଗିତାରେ ଦିନାପାଣି ହାଇସ୍କୁଲ ଉଭୟ ବାଳକ ଓ ବାଳିକା ବର୍ଗରେ ବିଜେତା ହୋଇଥିବା ବେଳେ ସରକାରୀ ଉଚ୍ଚ ବିଦ୍ୟାଳୟ ଉପବିଜେତା (ବାଳକ) ଓ ଦପା ନାୟକାନୀ ସ୍କୁଲ (ବାଳିକା) ଉପବିଜେତା ହୋଇଛି । ଏଇ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା କ୍ରିଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର, ଜିଲ୍ଲା ଆଥଲେଟିକ ଆସୋସିଏସନ୍ର ସଂପାଦକ ଧିରେନ ପଲାଇ, ଯୁଗ୍ମ ସଂପାଦକ ଅତିସ୍ କୁମାର ବେହେରା, ଆସୋସିଏସନ୍ର ସମସ୍ତ ସଦସ୍ୟ ବିଜୟୀ ଦଳକୁ ଟ୍ରଫି ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଖେଳାଳୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ମ୍ୟାଚକୁ ବିଭିନ୍ନ ସ୍କୁଲ ଓ କଲେଜରୁ ଆସିଥିବା ନିମନ୍ତ୍ରିତ ଦକ୍ଷ ରେଫେରୀମାନେ ନିଜର ଦାୟୀତ୍ୱ ତୁଲାଇବା ସହିତ ସୁପରିଚାଳନା କରିଥିଲେ ।

# ପଶ୍ଚିମବଙ୍ଗରେ ଶୁଭିଲା ଉଦଳା ନଗରପାଳଙ୍କ କବିତା

ଉଦଳା, ୧୫/୦୪ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ବର୍ତ୍ତମାନ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପାଇଁ ଚାଲିଥିବା ପ୍ରଚାରରେ ଅଂଶ ଗ୍ରହଣ କରିଛନ୍ତି । ସାହିତ୍ୟିକ ଢ଼ଙ୍ଗରେ ସେ ଯେଉଁଭଳି ପ୍ରଚାର କରୁଛନ୍ତି ତାହା ଜନମାନସକୁ ବେଶ ଭଲ ପ୍ରଭାବିତ କରୁଛି ବୋଲି ଶୁଣିବାକୁ ମିଳୁଛି । ବିଶେଷ କରି ତାଙ୍କର କବିତା ପାଠର ଢ଼ଙ୍ଗ ବେଶ ସୁନ୍ଦର ମାହୋଲ ସୃଷ୍ଟି କରିଛି ବୋଲି ସାଏଧାରଣରେ ଚର୍ଚ୍ଚା ହେଉଛି । ରାଜନୀତିକୁ ଆସିବା ପୂର୍ବରୁ ପ୍ରମିଳା ପଣ୍ଡା ଜଣେ କବୟିତ୍ରୀ ଭାବରେ ନିଜର ପ୍ରଥମ ପରିଚୟ ସୃଷ୍ଟି କରିଥିଲେ । ତାଙ୍କର ସୃଷ୍ଟି 'ମୁଁ ବର୍ଷା' ( କବିତା ସଂକଳନ) ପାଠକ/ପାଠିକାଙ୍କ ମହଲରେ ବହୁ ପ୍ରଶଂସା ପାଇଛି । ଆସନ୍ତା ଲୋକସଭା ନିର୍ବାଚନରେ ତାଙ୍କୁ ଜଣେ ଷ୍ଟାର କେମ୍ପେନର ଭାବରେ ପାର୍ଟି ପ୍ରଚାର ପାଇଁ ସୁଯୋଗ ମିଳିବ ବୋଲି କେତେକ ମତ ଦେଇଛନ୍ତି ।

## ଇଣ୍ଡିଆନ ପବ୍ଲିକ ସ୍କୁଲର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ

ଧର୍ମଶାଳା, ୧୫/୦୪ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅବିଭକ୍ତ ବ୍ରହ୍ମବରଦାସ୍ଥିତ ଇଣ୍ଡିଆନ୍ ପବ୍ଲିକ ସ୍କୁଲର ୧୨ତମ ବାର୍ଷିକ କ୍ରୀଡା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ପରିସରରେ ଅଧକ୍ଷ ସେକ୍ ଅସମତ୍ ଅଲ୍ଲୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଶିଶୁ ଅଧିକାର ସୁରକ୍ଷା କର୍ମୀ ମଂଟୁ ଦାସ ,ମୁଖ୍ୟବକ୍ତାଭାବେ ବ୍ରହ୍ମବରଦା ଯୁକ୍ତ ଦୁଇ ମହାବିଦ୍ୟାଳୟର ପ୍ରାକ୍ତନ ଖେଳ ଶିକ୍ଷକ ସେକ୍ ନିଜାମୁଦ୍ଦିନ ଓ ସମ୍ମାନୀତ ଅତିଥିଭାବେ ସାମ୍ବାଦିକ ଚିନ୍ମୟ ନାୟକ ଓ ଆତ୍ମରକ୍ଷା ପ୍ରଶିକ୍ଷକ ସମର ସିଂ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ପାଠପଢା ସହିତ ଖେଳ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅତିଥିମାନେ ସ୍କୁଲର କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ ।

# ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: କମର୍ଦ୍ଦା ଦଳ ଚମ୍ପିଆନ

ବାଲିଆପାଳ , ୧୫/୦୪ (ନି.ପ୍ର): ବାଲିଆପାଳ ବ୍ଲକ୍ ନିଖିରା ପଞ୍ଚାୟତ ଅଧିନସ୍ଥ ହାକାଣ୍ଡ ଘାଟ ପଡ଼ିଆରେ ବାବା ନିଖିରେଶ୍ୱରଙ୍କ ପ୍ରସିଦ୍ଧ ଚଡ଼କ ମେଳା ଉପଲକ୍ଷେ ମଙ୍ଗଳବାର ମୈତ୍ରୀ କ୍ଲବ୍ ଆନୁକୂଲ୍ୟରେ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଗୋବିନ୍ଦ ପ୍ରସାଦ ଦାସ, ଶ୍ରୀରାମପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରା, ନିଖିରା ପଞ୍ଚାୟତ ପୂର୍ବତନ ସରପଞ୍ଚ ସପନ ଦାସ, ଯୁବ ନେତା ଜୟନାରାୟଣ ଜେନା,କୀର୍ତ୍ତନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଟୁର୍ଣ୍ଣାମେଣ୍ଟରେ ମୟୁରଭଞ୍ଜ,ନିଖିରା, ଘଣ୍ଟୁଆ, ପାଇକ ସାହି, କମର୍ଦ୍ଦା, ଢ଼ଗରା, ଶସିଦା, ଜାମକୁଣ୍ଡା,ଦରଡ଼ା ପ୍ରଭୃତି ୯ ଟି ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ଖେଳରେ ନିଖିରା ଦଳକୁ ହରାଇ କମର୍ଦ୍ଦା ଦଳ ଚମ୍ପିଆନ ହୋଇଥିଲେ । ଖେଳ ଶିକ୍ଷକ ରଞ୍ଜନ ସାହୁ, ବିକାଶ ଅଣ୍ଡିଆ ଖେଳକୁ ପରିଚାଳନା କରିଥିଲେ । ନିଖିରା ମୈତ୍ରୀ କ୍ଲବ୍ ର ସଭାପତି ପ୍ରସନ୍ନ ଗିରି,ଅଜୟ କୁମାର ଗିରି,ଶିବ ଶଙ୍କର ଗିରି, ଉମେଶ ଗିରି, ଶ୍ରୀଧର ଗିରି, ପ୍ରଦୀପ୍ତ ଗିରି , ଦେବାଶିଷ ଗିରି, ଝୁନା, ରୁଟୁ,ସମ୍ପଡ଼ା,ଗୁପା, ମୃଷା, ଆଲୋକ ଏବଂ ଅନ୍ୟ ମାନେ ଟୁର୍ଣ୍ଣାମେଣ୍ଟକୁ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲା ପ୍ରଶାସନ ଦ୍ୱାରା 'ନାରୀ ଶକ୍ତି ବନ୍ଦନ' ସଚେତନତା ଶୋଭାଯାତ୍ରା ସମ୍ପନ୍ନ



ବାଲେଶ୍ୱର, ୧୫/୪ (ନି.ପ୍ର): ଆଜି ବାଲେଶ୍ୱର ପ୍ରଶାସନ ଦ୍ୱାରା ପୂର୍ବାହ୍ନ ୯.୦୦ ଘଟିକା ସମୟରେ 'ନାରୀ ଶକ୍ତି ବନ୍ଦନ' ସଚେତନତା ସଭାଯାତ୍ରା ଆୟୋଜିତ ହୋଇଥିଲା। ଆଗାମୀ ଦିନରେ ଖୁବ୍ ଶୀଘ୍ର ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ ସଂସଦରେ ପରିତ ହେବ । ଏହା ଦ୍ୱାରା ନାରୀ ମାନେ ସାଧାରଣ ନିର୍ବାଚନରେ ୩୩% ସଂରକ୍ଷଣ ପାଇପାରିବେ ।

ଏହି ସଭାଯତ୍ରା ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରୁ ବାହାରି ଆୟୁଷ୍ମାନ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ହୋଇଥିଲା । ଏଠାରେ ଆଜିକାର ମୁଖ୍ୟ ଅତିଥି ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଓଡ଼ିଶା ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ, ରେମୁଣା ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ଓ ମାନ୍ୟବର ବିଧାୟକ ସଦର ଶ୍ରୀଯୁକ୍ତ ମାନସ କୁମାର ଦତ୍ତ ପତାକା ହଲାଇ ସଭାଯତ୍ରା କୁ ଆରମ୍ଭ କରିଥିଲେ । ଏହି ସମୟରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ନାରୀ ନେତ୍ରୀ ଶ୍ରୀମତୀ ମମତା ମହାପାତ୍ରଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ଏହା ନାରୀ ସଶକ୍ତିକରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ । ଏହି ସଭାଯାତ୍ରା ରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୦୦୦ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ ସାମିଲ ଥିଲେ । ନାରୀ ମାନଙ୍କର ସଶକ୍ତିକରଣ ଉପରେ ନାରା ଦେଇ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ ଆୟୁଷ୍ମାନ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଚାଲି ଚାଲି ଯାଇଥିଲେ ।

ଆୟୁଷ୍ମାନ କଲ୍ୟାଣ ମଣ୍ଡପ ଠାରେ ସଭାଯାତ୍ରା ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏହା ଏକ ନାରୀ ସଶକ୍ତିକରଣ କାର୍ଯ୍ୟକ୍ରମ ହୋଇଥିବାରୁ ସମସ୍ତ ପୁରୁଷ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କଲାପରେ ସେମାନେ ମଞ୍ଚ ତଳେ ବସିଥିଲେ । କେବଳ ନାରୀ ଶକ୍ତି ହିଁ ମଞ୍ଚାସୀନ ଥିଲେ । ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ଃ ମଧୁସ୍ମିତା ସାମନ୍ତରାୟ, ମାନ୍ୟବର ଅଧକ୍ଷା, ବାଲେଶ୍ୱର ପୌରପାଳିକା ଶ୍ରୀମତୀ ସବିତା ସାହୁ, ନାରୀ ନେତ୍ରୀ ଶ୍ରୀମତୀ ମମତା ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି, ପ୍ରିନ୍ସିପାଲ ଶ୍ରୀମତୀ ଝାନସି ଜେନା ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲାପାଳ ଶ୍ରୀଯୁକ୍ତ ମୟୂର ବିକାଶ ମହୋଦୟ ନାରୀ ସଶକ୍ତିକରଣ ପ୍ରତି ରାଜ୍ୟ ସରକାର ଓ କେନ୍ଦ୍ର ସରକାର ନେଇଥିବା ପଦକ୍ଷେପ ଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ । ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଲୁଚିକି ରହିଥିବା ନାରୀ ଶକ୍ତିକୁ ଜାଗରଣ କରିବା ପାଇଁ ସଭାରେ ଉପସ୍ଥିତ ଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନଙ୍କୁ ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ ଖୁବ୍ ଶୀଘ୍ର କେନ୍ଦ୍ର ସରକାରଙ୍କ ଦ୍ୱାରା ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ ସଂସଦରେ ଆଗତ କରାଯିବ । ଏ ସମ୍ପର୍କରେ ଶ୍ରୀଯୁକ୍ତ ଷଡଙ୍ଗୀ ପୁଙ୍ଖାନୁପୁଙ୍ଖ ଭାବେ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନଙ୍କୁ ବୁଝାଇଥିଲେ । ପୂର୍ବରୁ ରାଜ୍ୟ ଓ କେନ୍ଦ୍ର ସରକାର ନାରୀ ଜାତିର ବିକାଶ ପାଇଁ ଅନେକ ଯୋଜନା ମାନ ଆଣିଛନ୍ତି । ସେଗୁଡିକ ହେଲା ବେଟି ବଚାଓ ବେଟି ପଢ଼ାଓ, ପ୍ରଧାନ ମନ୍ତ୍ରୀ ଉଜ୍ଜଳା ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ସୁଭଦ୍ରା ଯୋଜନା ଇତ୍ୟାଦି ।

# ଆଡ଼ମ୍ବରରେ ସମ୍ପନ୍ନ ଓଡ଼ିଆ ପକ୍ଷ: ଭଦ୍ରକରେ ମହା ବିଷୁବ ସଂକ୍ରାନ୍ତିରେ ଉତ୍ସାହମୟ ଓଡିଆ ନବବର୍ଷ ପାଳନ



ଭଦ୍ରକ , ୧୫/୪ (ନି.ପ୍ର): ଜିଲ୍ଲା ୧ ଏପ୍ରିଲ ରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ ୧୪ ତାରିଖରେ ମହା ବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଭଦ୍ରକର ଗୁଜରାତି ଭବନରେ ଅତ୍ୟନ୍ତ ଆଡ଼ମ୍ବର ସହିତ ସମ୍ପନ୍ନହୋଇଯାଇଛି । ଏହି ଅବସରରେ ଭଦ୍ରକ ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ଶ୍ରୀ ସିତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଓଡ଼ିଆ ପକ୍ଷ ଆମର ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସୁରକ୍ଷିତ ଓ ପ୍ରଚାରିତ କରିବାରେ ଏକ ଅତ୍ୟନ୍ତ ସାର୍ଥକ ପଦକ୍ଷେପ।ଏହି ପବିତ୍ର ଦିନରେ ଓଡ଼ିଆ ପକ୍ଷର ଅନ୍ତିମ ଦିନର କାର୍ଯ୍ୟକ୍ରମକୁ ସଭାପତିତ୍ୱ କରୁଥିବା ଜିଲ୍ଲାପାଳ ଶ୍ରୀ ଦିଲ୍ଲୀପ ରାଉତ୍ରାଏ କହିଥିଲେ ଯେ, ଓଡ଼ିଆ ନବବର୍ଷ ପାଳନ କୋଟି କୋଟି ଓଡ଼ିଆଙ୍କ ପାଇଁ ଏକ ଗର୍ବର ଗାଥା ଓ ଏହା ଆମର ଐତିହ୍ୟ ଓ ପରମ୍ପରାର ପରିଚୟ।ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଅମୃତ ଦର୍ଶନର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଓଡ଼ିଆ ନବବର୍ଷର ଐତିହ୍ୟ ଓ ଏହାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ ଓଡ଼ିଆ ନବବର୍ଷ ଓ ଓଡ଼ିଆ ପକ୍ଷର ଗୁରୁତ୍ୱ ବିଷୟରେ ମତ ପ୍ରକାଶ କରିଥିଲେ।ଉକ୍ତ ସଭାରେ 'ତ୍ୟାଗଭୂମି'ର ସଭାପତି ଶ୍ରୀ ଅଜୟ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଭାର ଗରିମା ବଢ଼ାଇଥିଲେ।ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ତନୁଜା ଶିର୍କା ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତୀ ମଧୁସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।ପରେ ବିଭିନ୍ନ ବିଦ୍ୟାଳୟ ଓ ସଂଗଠନରୁ ଆସିଥିବା ଶିଶୁମାନେ ଓଡ଼ିଆ ନବବର୍ଷ ଅବସରରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନ୍ୟବର ବିଧାୟକ ଓ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

# ସାଂସଦ ରାଘବ ଚଡ୍‌ଢାଙ୍କୁ କେନ୍ଦ୍ରରୁ ମିଳିଲା ଜେଡ୍ ସୁରକ୍ଷା

ନୂଆଦିଲ୍ଲୀ, ୧୫/୪ (ନି.ପ୍ର): କେନ୍ଦ୍ର ସରକାର ଆମ୍ ଆଦମି ପାର୍ଟି(ଆଆପା)ର ରାଜ୍ୟସଭା ସଦସ୍ୟ ରାଘବ ଚଡ୍‌ଢ଼ାଙ୍କୁ ଜେଡ୍ ଶ୍ରେଣୀ ସୁରକ୍ଷା ଦେବାକୁ ନିଷ୍ପତି ନେଇଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରାଳୟର ସୂତ୍ର ଅନୁଯାୟୀ ଗୁଇନ୍ଦା ବିଭାଗର ସୂଚନା ଏବଂ ତାଙ୍କ ବିପଦକୁ ଆକଳନ ପରେ ଏହି ନିଷ୍ପତି ନିଆଯାଇଛି। ସୂତ୍ର ଅନୁଯାୟୀ ରାଘବଙ୍କୁ ଦିଲ୍ଲୀ ଏବଂ ପଂଜାବରେ ଅର୍ଦ୍ଧସୈନିକ ବଳ ଦ୍ୱାରା ସୁରକ୍ଷା ପ୍ରଦାନ କରାଯିବ। ତେବେ ଦିଲ୍ଲୀ ପୋଲିସ୍‌କୁ ତାଙ୍କ ସୁରକ୍ଷାର ଦାୟିତ୍ୱ ଦିଆଯାଇଛି ଏବଂ ପରେ କେନ୍ଦ୍ର ବ୍ୟବସ୍ଥା ତାଙ୍କ ସୁରକ୍ଷାକୁ ଦେଖିବ। ଏହାପୂର୍ବରୁ ପଂଜାବର ଆଆପା ସରକାର ରାଘବ ଚଡ୍‌ଢାଙ୍କୁ ଦିଆଯାଇଥିବା ଜେଡ୍ ପ୍ଲସ ସୁରକ୍ଷା ଫେରସ୍ତ ନେଇଛି। ସେ ପଂଜାବରୁ ରାଜ୍ୟସଭାର ସଦସ୍ୟ ଅଛନ୍ତି।

# ଅବସର ପକ୍ଷରୁ ରାଜ୍ୟସ୍ତରୀୟ ବିଷୁବ ମିଳନ ଅନୁଷ୍ଠିତ



ବାସୁଦେବପୁର, ୧୫/୪ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ କଲେଜ ପରିସରରେ ଅବସର ପତ୍ରିକା ପକ୍ଷରୁ ୨୧ ତମ ରାଜ୍ୟ ସ୍ତରୀୟ ବିଷୁବ ମିଳନ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ପ୍ରଥମ ଅଧିବେଶନରେ ସ୍ତମ୍ଭକାର ଡକ୍ଟର ବିଶ୍ୱ ରଞ୍ଜନ ଦାସ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡକ୍ଟର ନଟବର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖି ଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ବିଶିଷ୍ଟ କବି ଡକ୍ଟର କାଳୀ ପଦ ପଣ୍ଡା। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ପ୍ରାବନ୍ଧିକ ଡକ୍ଟର ଅଭୟ କୁମାର ଦାସ ଓ ଅଟଳ ବିହାରୀ କଲେଜର ଓଡିଆ ବିଭାଗ ଅଧ୍ୟାପକ ଡକ୍ଟର ରାଜେନ୍ଦ୍ର ବେହେରା। ଏହି ଅବସରରେ ବିଶିଷ୍ଟ ପ୍ରାବନ୍ଧିକ ଡକ୍ଟର ଅଭୟ କୁମାର ଦାସ, ବିଶିଷ୍ଟ କବି ସୁରଞ୍ଜନ ପାତ୍ର, ବିଶିଷ୍ଟ ଯୁବ ଗାଳ୍ପିକ କ୍ଷୀରୋଦ ବିହାରୀ ବିଶ୍ୱାଳ ଓ ଶିକ୍ଷାବିତ୍ ଯାମିନୀ କାନ୍ତ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କବିତା ପାଠ ଉତ୍ସବରେ କବି ସୁଧାଂଶୁ ଶେଖର ମିଶ୍ର ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ସୂର୍ଯ୍ୟମଣି ଶତପଥୀ, କବି କମଳାକାନ୍ତ କର, କବି ସ୍ନିଗ୍ଧା ମହାନ୍ତି, କବି ରତ୍ନାକର ବାରିକ୍ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ। କବି ଗୟାଧର ଦାସ ଓ କବି ଶାନ୍ତିଲତା ପଣ୍ଡା କବିତା ସଂଯୋଜନା କରିଥିଲେ। ବହୁ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ପ୍ରଥମ ଅଧିବେଶନରେ କବି ପ୍ରଦୀପ୍ତ କୁମାର ମହାନ୍ତି ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ କବି ଗୟାଧର ଦାସ। କବି ବନମାଳୀ ବାରିକଙ୍କ ପୁତ୍ର ପାର୍ଥ ସାରଥୀ ବାରିକ୍ ପ୍ରଥମ ଅଧିବେଶନରେ ଧନ୍ୟବାଦ୍ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠ ଉତ୍ସବରେ କବି ଧନେଶ୍ୱର ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମିତ୍ରପୁର ଦାତବ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର



ନୀଳଗିରି , ୧୫/୪ (ନି.ପ୍ର): ମିତ୍ରପୁର ଏକ ଆଦିବାସୀବହୁଳ ଅଞ୍ଚଳ ହୋଇଥିବାରୁ ମୁଖ୍ୟତଃ ପଥରଶିଳ୍ପ ଉପରେ ଏଠାକାର ଜୀବନଜୀବିକା ନିର୍ଭର କରିଥାଏ। ତେଣୁ ଏଠାକାର ଶ୍ରମିକମାନଙ୍କର ସ୍ୱାସ୍ଥ୍ୟସୁରକ୍ଷା ଦୃଷ୍ଟିରୁ ୨୦୦୪ ମସିହାରେ ସ୍ଥାନୀୟ ଲୋକଙ୍କ ଆର୍ଥିକ ସହାୟତାରେ ଆଖପାଖ ୭ଗୋଟି ପଞ୍ଚାୟତବାସୀଙ୍କ ପାଇଁ ଏକ ଦାତବ୍ୟ ଚିକିତ୍ସାଳୟ ଖୋଲିଥିଲା। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଅନ୍ୟସ୍ୱାସ୍ଥ୍ୟକେନ୍ଦ୍ରର ଦୂରତା ୧୦ରୁ ୧୫କି.ମି ହୋଇଥିବାରୁ ଦୈନନ୍ଦିନ ଶହଶହ ସଂଖ୍ୟାର ରୋଗୀ ଏହି ଦାତବ୍ୟ ଚିକିତ୍ସାଳୟ ଉପରେ ନିର୍ଭରକରନ୍ତି।ମାତ୍ର ଉକ୍ତ ଅଂଚଳରେ ଖୋଲିଥିବା ୭୦ରୁ ୮୦ଟି ଖାଦାନ ରାଜ୍ୟସରକାର ବନ୍ଦକରିଦେବା ଫଳରେ ଅଞ୍ଚଳର ଆର୍ଥିକମାନଦଣ୍ଡ ଦୁର୍ବଳ ହୋଇପଡ଼ିଲା। ତେଣୁ ଉକ୍ତ ଦାତବ୍ୟ ଚିକିତ୍ସାଳୟ ଚଳାଇବାପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା। ତଥାପି କିଛି ସହୃଦୟ ବ୍ୟକ୍ତିଙ୍କ ଅବଦାନରେ ଚିକିତ୍ସାଳୟଟି ଏପର୍ଯ୍ୟନ୍ତ ଚାଲିଥିଲେ ମଧ ଖୁବଶୀଘ୍ର ଏହା ବନ୍ଦହେବାକୁ ଯାଉଛି। ତେବେ ଅଞ୍ଚଳବାସୀଙ୍କ ଦାନରେ ଉକ୍ତ ଚିକିତ୍ସାଳୟର ନିଜସ୍ୱ ୧ଏକର ୮୦ଡିସିମିଲ ଜାଗା ରହିଥିବା ବେଳେ ଚିକିତ୍ସାଳୟଗୃହ, ଡ଼ାକ୍ତର, ନର୍ସ କ୍ୱାଟର ସହିତ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ରହିଛି। ମାତ୍ର ଏବେ ଆର୍ଥିକସଙ୍କଟ ଦେଖାଦେବା ଫଳରେ ଏଠାରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀଙ୍କ ପାରିଶ୍ରମିକ ଠିକଭାବେ ଦିଆଯାଇନପାରିବାରୁ ସ୍ୱାସ୍ଥ୍ୟକେନ୍ଦ୍ରଟି ବନ୍ଦହେବାକୁ ଯାଉଛି । ଏନେଇ ବାରମ୍ବାର ସରକାରଙ୍କ ଠାରେ ଅବଗତ କରାଯାଇଥିଲେ ମଧ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଟିକୁ ସରକାରୀ ମାନ୍ୟତା ମିଳିପାରିନାହିଁ। ପୂର୍ବରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟବିଭାଗ ନିଜହାତକୁ ନେଇ ସରକାରୀ ଚିକିତ୍ସାଳୟ କରିବାପାଇଁ ବାଲେଶ୍ୱର ଜିଲ୍ଲାପାଳ, ମୁଖ୍ୟ ଚିକିତ୍ସାଧିକାରୀ , ରାଜନେତା ବହୁବାର ସୁପାରିଶ କରିଥିଲେ ମଧ ଏପର୍ଯ୍ୟନ୍ତ ଏହାକୁ ସରକାରୀ ମାନ୍ୟତା ମିଳିପାରିନାହିଁ ଯାହା ଦୁଃଖ ଓ ପରିତାପର ବିଷୟ ବୋଲି ସାଧାରଣରେ ଅଭିଯୋଗ ଉଠିଛି। ପ୍ରକାଶଥାଉକି ଗତ ୨୦୨୨ମସିହା ଫେବୃଆରୀ ୨୫ତାରିଖରେ ସ୍ୱାସ୍ଥ୍ୟବିଭାଗ ନିର୍ଦ୍ଦେଶକଙ୍କ ଅଧକ୍ଷତାରେ ଏକ ସବକମିଟି ବୈଠକ ଅନୁଷ୍ଠିତ ହୋଇ ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ବିଭାଗର ଆଡିସନାଲ୍ ଚିଫ ସେକ୍ରେଟାରୀଙ୍କୁ ମିତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀକରଣ କରିବାପାଇଁ ସୁପାରିଶ କରାଯାଇଥିଲା। ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ। ତେଣୁ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱଦେଇ ଆଜି ଉପଜିଲ୍ଲାପାଳଙ୍କ ଜରିଆରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ଉକ୍ତ ଦାତବ୍ୟ ଚିକିତ୍ସାଳୟକୁ ସରକାରୀ 'ସ୍ୱାସ୍ଥ୍ୟଆରୋଗ୍ୟକେନ୍ଦ୍ର 'ମାନ୍ୟତା ଦେବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଛି ।ଏହି ଦାବୀପତ୍ର ପ୍ରଦାନରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ଆଇନଜୀବି ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଗତିକୃଷ୍ଣ ନନ୍ଦ,ମନୋରଞ୍ଜନ ପଣ୍ଡା, ଷ୍ଟାଲିନ ମିଶ୍ର, ଗଙ୍ଗାଧର ମିଶ୍ର, ଅଜୟ କୁମାର ଧଳ, ଅନିରୁଦ୍ଧ ମହାପାତ୍ର, ସନ୍ତୋଷ କୁମାର ରାଉତ, ମୋନାଲିସା ତରାଇ, ଶୁଭସ୍ମିତା ବାରିକ, କବିତା ଦାସ, ନିରଞ୍ଜନ ଲେଙ୍କାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପ୍ରଥମ ଆଲୋଚନା...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ରିଭୋଲ୍ୟୁସନାରି ଗାର୍ଡ୍ସ କର୍ପସ୍ ମଧ୍ୟରେ ବିବାଦ ରହିଛି। ୱାସିଙ୍ଗଟନ୍ ଏବଂ ତେହେରାନ୍ ଶାନ୍ତି ଚୁକ୍ତି ମଧ୍ୟରେ ମୁଖ୍ୟ ବାଧକ ସାଜିଛି ଇରାନର ପରମାଣୁ କାର୍ଯ୍ୟକ୍ରମ। ଯେଉଥି ପାଇଁ ଇସଲାମାବାଦରେ ହୋଇଥିବା ବୈଠକ ଫେଲ ହୋଇଥିଲା। ପାକିସ୍ତାନ ଉଭୟ ପକ୍ଷକୁ ଆଲୋଚନାର ଦ୍ୱିତୀୟ ରାଉଣ୍ଡ୍‌କୁ ଆଣିବାକୁ ଚେଷ୍ଟା କରୁଛି। ଯୁକ୍ତରାଷ୍ଟ୍ର ଦାବି କରିଛି, ଇରାନ ୨୦ ବର୍ଷ ପାଇଁ ୟୁରାନିୟମ୍ ସମୃଦ୍ଧୀକରଣ କାର୍ଯ୍ୟକ୍ରମ ସ୍ଥଗିତ ରଖିବ, ଏହା ବଦଳରେ ଇରାନ ଉପରେ ଲାଗିଥିବା ନିଷିଦ୍ଧାଦେଶ ଉଠାଯିବ। କିନ୍ତୁ ତେହେରାନ୍ ୫ ବର୍ଷରୁ ଅଧିକ ସମୟ ୟୁରାନିୟମ୍ ସମୃଦ୍ଧୀକରଣ ସ୍ଥଗିତାଦେଶ ମାନିବାକୁ ମନା କରିଛି। ତେବେ ଇରାନ ୧୦ ବର୍ଷ ପରମାଣୁ କାର୍ଯ୍ୟକ୍ରମ ସ୍ଥଗିତ ଚୁକ୍ତିରେ ଉଭୟ ରାଜି ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ଇରାନ ପାଖରେ ପ୍ରାୟ ୪୪୦ କିଲୋଗ୍ରାମ୍ ୬୦% ସମୃଦ୍ଧ ୟୁରାନିୟମ୍ ଅଛି ବୋଲି ବିଶ୍ୱାସ କରାଯାଉଛି। ୯୦% ସମୃଦ୍ଧ ୟୁରାନିୟମ୍ ହୋଇପାରିଲେ ହିଁ ପରମାଣୁ ଅସ୍ତ୍ର ତିଆରି ହୋଇପାରିବ। ଇରାନ ସେନା ମୁତାବକ ଇରାନ ପାଖରେ ଏବେ ଯେତିକି ୟୁ-୨୩୫ ଅଛି, ୧୦ରୁ ଅଧିକ ପରମାଣୁ ଅସ୍ତ୍ର ତିଆରି କରିବା ପାଇଁ ଯଥେଷ୍ଟ।

### ଜନ୍ମ ନେଲା 'ଓଡ଼ିଶା ...

ମଞ୍ଚ ଉପରକୁ ଯାଇ ବାପା ମହମ୍ମଦ ମୋକିମଙ୍କୁ ସହଯୋଗ କରିବାକୁ ଆସିଛନ୍ତି ବୋଲି କହିଥିଲେ । କଂଗ୍ରେସରୁ ନିଲମ୍ବନ ହେବା ପରେ ସୋଫିଆଙ୍କ ଭୂମିକା କଣ ରହି ସେ ନେଇ ଜୋର ଧରିଥିଲା ଚର୍ଚ୍ଚା । ଆଜି ତାହା ସ୍ପଷ୍ଟ ହୋଇଯାଇଛି । ସୋଫିଆ ଆଗକୁ ଓଡ଼ିଶା ଜନତା କଂଗ୍ରେସର ନେତୃତ୍ୱ ନେବେ ବୋଲି ମୋକିମ କହିବାର ଦିନକ ପରେ ପ୍ରତିଷ୍ଠା ଉତ୍ସବରେ ସେ ସାମିଲ ହେବା ରାଜନୈତିକ ହଟଚମଟ ସୃଷ୍ଟି କରିଛି । ଆଗକୁ ସବୁ ଜିଲ୍ଲାରେ ସମାବେଶ କରିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି ମୋକିମ୍ । ସରକାରଙ୍କ ବିଫଳତାକୁ ପ୍ରସଙ୍ଗ କରି ରାଜ୍ୟସାରା ବୁଲିବେ ।

### ପୁନଃ ସୀମା ନିର୍ଦ୍ଧାରଣରେ...

ଲୋକସଭା ସଦସ୍ୟ ସଂଖ୍ୟା ୫୦ ପ୍ରତିଶତ ବୃଦ୍ଧି ପାଇ ୮୫୦ ହେବ ଏବଂ ପ୍ରତ୍ୟେକ ରାଜ୍ୟ ପାଇଁ ଏହି ସଂଖ୍ୟା ମଧ ୫୦ ପ୍ରତିଶତ ବୃଦ୍ଧି ପାଇବ ବୋଲି କୁହାଯାଇଛି। କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ ଏକ୍ସରେ ଲେଖିଛନ୍ତି: କିଛି ଲୋକ ମହିଳା ସଂରକ୍ଷଣ ଉପରେ ଭୁଲ ସୀମା ନିର୍ଦ୍ଧାରଣ ତଥ୍ୟ ପ୍ରଦାନ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି। ଲୋକସଭା ଓ ବିଧାନସଭାରେ ମହିଳାମାନଙ୍କୁ ସଂରକ୍ଷଣ ଦେବାରେ କୌଣସି ରାଜନୀତି ହେବା ଉଚିତ ନୁହେଁ। ନାରୀ ଶକ୍ତି ପାଇଁ ସମସ୍ତ ରାଜନୈତିକ ଦଳ ଏକଜୁଟ ହୋଇଛନ୍ତି। ବର୍ତ୍ତମାନ ତାମିଲନାଡୁରେ ୩୯ଟି ଆସନ ରହିଛି। ଯଦି କେବଳ ୨୦୧୧ ଜନଗଣନା ଆଧାରରେ ପୁନଃନିର୍ଦ୍ଧାରଣ କରାଯାଇଥାନ୍ତା, ତେବେ ଏଥିରେ ୪୯ଟି ଆସନ ଥାଆନ୍ତା। କିନ୍ତୁ ଭାରତ ସରକାରଙ୍କ ଫର୍ମୁଲା ଅନୁଯାୟୀ ସମସ୍ତ ରାଜ୍ୟର ଅଂଶ ଆନୁପାତିକ ଭାବେ ୫୦ ପ୍ରତିଶତ ବୃଦ୍ଧି କରାଯାଇଛି। ବର୍ତ୍ତମାନ କେରଳରେ ୨୦ଟି ଆସନ ରହିଛି। ଯଦି କେବଳ ୨୦୧୧ ଜନଗଣନା ଆଧାରରେ ପୁନଃନିର୍ଦ୍ଧାରଣ କରାଯାଇଥାନ୍ତା, ତେବେ ଏଥିରେ ୨୩ଟି ଆସନ ଥାଆନ୍ତା। କିନ୍ତୁ ସମସ୍ତ ରାଜ୍ୟର ଅଂଶ ୫୦ ପ୍ରତିଶତ ବୃଦ୍ଧି କରିବାକୁ ଭାରତ ସରକାରଙ୍କ ଫର୍ମୁଲା ଅନୁଯାୟୀ ଏହା ବର୍ତ୍ତମାନ ୩୦ଟି ଆସନ ପାଇବ। ଆନ୍ଧ୍ର ପ୍ରଦେଶରେ ଏବେ ୨୫ଟି ଆସନ ରହିଛି। ଯଦି କେବଳ ୨୦୧୧ ଜନଗଣନା ଆଧାରରେ ପୁନଃ ସୀମା ନିର୍ଦ୍ଧାରଣ କରାଯାଇଥାନ୍ତା, ତେବେ ଏଥିରେ ୩୩ଟି ଆସନ ଥାଆନ୍ତା। କିନ୍ତୁ ଭାରତ ସରକାରଙ୍କ ଫର୍ମୁଲା ଅନୁଯାୟୀ ଏହା ବର୍ତ୍ତମାନ ୩୭ଟି ଆସନ ପାଇବ। ଓଡ଼ିଶାରେ ଏବେ ୨୧ଟି ଆସନ ରହିଛି। ଯଦି କେବଳ ୨୦୧୧ ଜନଗଣନା ଆଧାରରେ ପୁନଃ ନିର୍ଦ୍ଧାରଣ କରାଯାଇଥାନ୍ତା, ତେବେ ଏଥିରେ ୨୮ଟି ଆସନ ଥାଆନ୍ତା। କିନ୍ତୁ ଭାରତ ସରକାରଙ୍କ ଫର୍ମୁଲା ଅନୁଯାୟୀ ବର୍ତ୍ତମାନ ଏହା ୩୧ଟି ଆସନ ପାଇବ। ସେହିପରି ତେଲେଙ୍ଗାନାରେ ଆସନ ସଂଖ୍ୟା ୧୭ରୁ ୨୪ ବଦଳରେ ୨୫କୁ ବୃଦ୍ଧି ପାଇବ। କର୍ଣ୍ଣାଟକ ୨୮ଟି ଆସନରୁ ୪୧ଟି ବଦଳରେ ୪୨ଟି ଆସନ ପାଇବ। ଦକ୍ଷିଣ ରାଜ୍ୟଗୁଡିକ ମୁଖ୍ୟତଃ ଚିନ୍ତିତ ଯେ ଜନସଂଖ୍ୟାଭିତ୍ତିକ ସୀମା ନିର୍ଦ୍ଧାରଣ ସଂସଦରେ ରାଜନୈତିକ ପ୍ରତିନିଧିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷତି ଘଟାଇବ। କାରଣ ଏହି ରାଜ୍ୟଗୁଡିକ ଜାତୀୟ ଜନସଂଖ୍ୟା ନିୟନ୍ତ୍ରଣ ଓ ପରିବାର ନିୟୋଜନ ନୀତିକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିଥିବାବେଳେ ଉତ୍ତର ରାଜ୍ୟଗୁଡିକ ଜନସଂଖ୍ୟା ବୃଦ୍ଧି କରିଥିଲେ। ଅଧିକ ଜନସଂଖ୍ୟା ଥିବା ରାଜ୍ୟଗୁଡ଼ିକ ଅଧିକ ପ୍ରତିନିଧିତ୍ୱ ପାଇବେ ଓ ସେମାନଙ୍କ ରାଜ୍ୟ କମ୍ ପ୍ରତିନିଧିତ୍ୱ ପାଇବ। ଯେହେତୁ କେନ୍ଦ୍ରୀୟ ପାଣ୍ଠି ଆବଣ୍ଟନ ପାଇଁ ଅର୍ଥ ଆୟୋଗଙ୍କ ସୂତ୍ରରେ ଜନସଂଖ୍ୟା ଏକ ପ୍ରମୁଖ କାରଣ, ଜାତୀୟ ଜିଡିପିରେ ଅଧିକ ଅବଦାନ ସତ୍ତ୍ୱେ ସେମାନେ ଟିକସ ରାଜସ୍ୱର ଏକ ଛୋଟ ଅଂଶ ପାଇବେ। ନେତାମାନେ ଯୁକ୍ତି କରନ୍ତି ଯେ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ମହିଳା ସଶକ୍ତୀକରଣରେ ବିନିଯୋଗ କରିଥିବା ରାଜ୍ୟଗୁଡିକ (ଯାହା ପ୍ରଜନନ ହାର ହ୍ରାସ କରିଥିଲେ) ସେମାନଙ୍କୁ ପୁରସ୍କୃତ କରାଯିବା ଉଚିତ, ରାଜନୈତିକ ଶକ୍ତି ହ୍ରାସ ସହିତ ଦଣ୍ଡିତ କରାଯିବା ଉଚିତ ନୁହେଁ।

### ଇରାନରେ ଶାସନ ...

ଆଗକୁ ଆହୁରି ଅନେକ କାର୍ଯ୍ୟ କରିବାକୁ ବାକି ଅଛି। ଯୁଦ୍ଧରେ ମୋସାଦର ଭୂମିକାକୁ ସେ ପ୍ରଶଂସା ମଧ କରିଛନ୍ତି। ବିଶେଷ କରି ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ବାଲିଷ୍ଟିକ୍ ମିସାଇଲ୍ ପ୍ରକଳ୍ପକୁ ରୋକିବାରେ ମୋସାଦ ସଫଳ ହୋଇଥିବା ସେ ଦାବି କରିଛନ୍ତି। ଯୁଦ୍ଧ ସମୟରେ ମୋସାଦ ଇରାନ ମଧ୍ୟରେ ମନସ୍ତାତ୍ତ୍ୱିକ ଯୁଦ୍ଧ ଆରମ୍ଭ କରି ଶାସନ ବିରୋଧରେ ସ୍ଥାନୀୟ ଲୋକଙ୍କୁ ଏକଜୁଟ କରିବାକୁ ଚେଷ୍ଟା କରିଥିଲା। ବାର୍ନିଆ ଜୁନ୍ ୧ ତାରିଖରେ ନିଜ ପଦରୁ ଅବସର ନେବାକୁ ଯାଉଥିବା ବେଳେ ଏହା ପୂର୍ବରୁ ଏହି ବୟାନ ମାଧ୍ୟମରେ ସଂସ୍ଥାର ଆଗାମୀ ରଣନୀତି କ'ଣ ରହିବ, ତାହାର ଏକ ସ୍ପଷ୍ଟ ସଙ୍କେତ ଦେଇଛନ୍ତି।

# ଅମରନାଥ ଯାତ୍ରା ପାଇଁ ପଂଜୀକରଣ ଆରମ୍ଭ

ଜାମ୍ମୁ, ୧୫/୪ : ଦକ୍ଷିଣ କାଶ୍ମୀର ହିମାଳୟରେ ହେଉଥିବା ବାର୍ଷିକ ଅମରନାଥ ଯାତ୍ରା ପାଇଁ ପଂଜୀକରଣ ବୁଧବାର ଠାରୁ ଆରମ୍ଭ ହୋଇଯାଇଛି। ବିପୁଳ ସଂଖ୍ୟାରେ ଶ୍ରଦ୍ଧାଳୁ ଜାମ୍ମୁରେ ସ୍ଥାପିତ କାଉଂଟରରେ ପହଂଚୁଛନ୍ତି। ଆଗୁଆ ପଂଜିକରଣ ଅନ୍‌ଲାଇନଡ଼ ଏବଂ ଅଫ୍‌ଲାଇନ୍ ଦୁଇ ମାଧ୍ୟମରେ ଉପଲବ୍ଧ ଅଛି। ୫୭ ଦିନର ଏହି ତୀର୍ଥଯାତ୍ରା ୩ ଜୁଲାଇକୁ ଅନନ୍ତନାଗର ପାରମ୍ପାରିକ ୪୮ କିଲୋମିଟର ଲମ୍ବା ନୁନୱାନ-ପହଲଗାମ୍ ମାର୍ଗ ଏବଂ ଗାଦରବଲର ୧୪ କିଲୋମିଟର ଲମ୍ବା କିନ୍ତୁ ତୀକ୍ଷ୍ଣ ଚଢ଼ାବାଲା ବାଲ୍‌ଟଲ ମାର୍ଗରେ ଆରମ୍ଭ ହେବ ଏବଂ ରକ୍ଷା ବନ୍ଧନ ଦିନ ୨୮ ଅଗଷ୍ଟକୁ ସମାପ୍ତ ହେବ। ପଂଜାବ ନେସନାଲ୍ ବ୍ୟାଙ୍କର ଜାମ୍ମୁ ସର୍କଲର ପ୍ରମୁଖ ଡିଜିଏମ୍ ପଂକଜ କୁମାର ବର୍ମା ଏଠାରେ ସାମ୍ବାଦିକଙ୍କୁ କହିଛନ୍ତି ଯେ ଅମରନାଥ ଯାତ୍ରା ପାଇଁ ପଂଜୀକରଣ ଆରମ୍ଭ ହୋଇଯାଇଛି। ତୀର୍ଥଯାତ୍ରୀଙ୍କ ପ୍ରବଳ ଭିଡ଼ ଯାହା ନିଜର ପଂଜିକରଣ କରିବାକୁ ଆସୁଛନ୍ତି।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସାର୍ବଜନୀନ ସ୍ୱାସ୍ଥ୍ୟ ଓ ଜନସଂଖ୍ୟା କଲ୍ୟାଣ ବିଷୟରେ ଜାତୀୟ ସେମିନାର ଆୟୋଜିତ




ବାଲେଶ୍ୱର, ୧୫/୪ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟର ଜନସଂଖ୍ୟା ଅଧୟନ ବିଭାଗ ପକ୍ଷରୁ 'ସାର୍ବଜନୀନ ସ୍ୱାସ୍ଥ୍ୟ ଓ ଜନସଂଖ୍ୟା କଲ୍ୟାଣ' ବିଷୟକ ଦ୍ୱି-ଦିନିଆ ଜାତୀୟ ସେମିନାର (ଏପ୍ରିଲ ୧୫–୧୬, ୨୦୨୬) ସମ୍ମାନନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଉଦଘାଟିତ ହୋଇଅଛି । ଏହି ଆୟୋଜନ ବିଶ୍ୱବିଦ୍ୟାଳୟର ଶିକ୍ଷାଗତ କୃତିତ୍ୱ ଓ ଗବେଷଣାମୂଳକ ଆଲୋଚନା ପ୍ରତି ଯତ୍ନଶୀଳ ତଥା ପ୍ରୟାସକୁ ସଫଳ କରିବାର ଲକ୍ଷ୍ୟ ନେଇ ଆୟୋଜିତ ହୋଇଛି । ଉଦଘାଟନୀ ଅଧିବେଶନର ଆରମ୍ଭ , ସମ୍ମିଳନୀର ଆବାହକ ଡ଼କ୍ଟର ଗ୍ରେସ ବି. ମୁଣ୍ଡୁଙ୍କ ସ୍ୱାଗତ ଅଭିଭାଷଣରେ ହୋଇଥିଲା ଓ ପରେ ସଂଗଠନ ସଚିବ ଡ଼କ୍ଟର ଜଗନ୍ନାଥ ବେହେରା ସେମିନାରର ବିଷୟବସ୍ତୁ ଉପରେ ବିସ୍ତୃତ ଅଲୋକପାତ କରିଥିଲେ । ଏହି ଅବସରରେ ବିଭାଗୀୟ ସମାଚାର ପତ୍ର (୨୦୨୪–୨୫) ଓ ସେମିନାର ସାରାଂଶ ପୁସ୍ତିକା (୨୦୨୬) ମଧ ଉନ୍ମୋଚିତ କରାଯାଇଥିଲା । ବିଶିଷ୍ଟ ଅତିଥି ଓ ବକ୍ତାମାନେ ନିଜ ବକ୍ତବ୍ୟରେ ତଥ୍ୟ ଭିତ୍ତିକ ଓ ଦୃଷ୍ଟିସମ୍ପନ୍ନ ମତାମତ ପ୍ରକାଶ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଅରୁଣ କୁମାର ଆଚାର୍ଯ୍ୟ, ସମ୍ମାନୀତ ଅତିଥି ଭାବେ ଯୋଗଦେଇ, ସ୍ୱାସ୍ଥ୍ୟର ସାମାଜିକ-ସାଂସ୍କୃତିକ- ନିର୍ଣ୍ଣାୟକ ତଥା ସମୁଦାୟ ଭିତ୍ତିକ ସଂଯୋଜନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟ ଅତିଥି ଭାବେ ଉପସ୍ଥିତ ମୁମ୍ବାଇର ଆଇଆଇପିଏସ୍‌ର ପ୍ରଫେସର ସାୟିଦ ଉନିସା, ଭାରତରେ ଉଦ୍ଭବମାନ ସାର୍ବଜନୀନ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜସମୂହ ଉପରେ ଆଲୋଚନା କରି ତଥ୍ୟଭିତ୍ତିକ ନୀତିର ହସ୍ତକ୍ଷେପର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା, ଶିକ୍ଷାନୁଷ୍ଠାନମାନଙ୍କର ପ୍ରଭାବଶାଳୀ ଗବେଷଣା ଓ ସହଯୋଗାତ୍ମକ ଶିକ୍ଷାରେ ଭୂମିକାକୁ ଉଲ୍ଲେଖ କରିଥିଲେ । ଏହି ଦୁଇଦିନିଆ ସେମିନାରରେ ତିନୋଟି ପ୍ଲେନାରୀ ଅଧିବେଶନ, ଛଅଟି ପ୍ରାୟୋଗିକ ଅଧିବେଶନ ଓ ଏକ ପୋଷ୍ଟର ପ୍ରଦର୍ଶନୀ ଅନୁଷ୍ଠିତ ହେଉଅଛି, ଯେଉଁଥିରେ ସମଗ୍ର ଦେଶର ଗବେଷକମାନେ ଅଂଶଗ୍ରହଣ କରୁଛନ୍ତି । ଏହା ଶିକ୍ଷାଗତ ଆଦାନ-ପ୍ରଦାନକୁ ସୁଦୃଢ଼ କରିବା ସହିତ ସାର୍ବଜନୀନ ସ୍ୱାସ୍ଥ୍ୟ ଓ ଜନସଂଖ୍ୟା କଲ୍ୟାଣ ପାଇଁ ନବୀନ ଅଭିଗମ ଉନ୍ନୟନରେ ସହାୟକ ହେବାନେଇ ଆଶାବ୍ୟକ୍ତ କରାଯାଇଛି। ଅଧିବେଶନର ଶେଷରେ ଯୁକ୍ତ ସଂଗଠନ ସଚିବ ଶ୍ରୀ ମାନସ କୁମାର ପାତ୍ରୀ ଧନ୍ୟବାଦ ଜ୍ଞାପନ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଜୟନ୍ତୀ ଦେବୀ ପାଠଶାଳାରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

ବସ୍ତା : ୧୫/୪ : (ନିପ୍ର) : ରୂପସାସ୍ଥିତ ଜୟନ୍ତୀ ଦେବୀ ପାଠଶାଳାରେ ବି. ଇ. ଡି. ଓ ଏମ୍. ଇ. ଡି. ଶେଷବର୍ଷ ଛାତ୍ରଛାତ୍ରୀ ମାନଙ୍କର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାଠଶାଳାର ନିର୍ଦ୍ଦେଶକ ବିଜୟ କୁମାର ରଣା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କର୍ମକାଣ୍ଡବିତ ଗଙ୍ଗାଧର ପାଣିଗ୍ରାହୀ ଓ ମୁଖ୍ୟ ବକ୍ତା ଭାବେ ନୀଳମଣି ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପିକା ପିନାକ୍ଷୀ ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ସାମ୍ବାଦିକ ମାନସ କୁମାର ବେହେରା, ସୁଶାନ୍ତ କୁମାର ପ୍ରଧାନ, ପ୍ରବୋଧ କୁମାର ସାହୁ ଓ ମାଷ୍ଟର ଟ୍ରେନର ଦେବଶ୍ରୀ ରଣା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ବି. ଇ. ଡି. ଓ ଏମ୍. ଇ. ଡି. ଶିକ୍ଷା ସମାପ୍ତିର ପରବର୍ତ୍ତୀ କାର୍ଯ୍ୟପନ୍ଥା ବିଷୟରେ ଅବଗତ କରାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଜୟନ୍ତୀ ଦେବୀ ପାଠଶାଳା ଛାତ୍ରଛାତ୍ରୀ ମାନଙ୍କୁ ବି. ଇ. ଡି. ଓ ଏମ୍. ଇ. ଡି. ତାଲିମ ପ୍ରଦାନ କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲାର ଏକ ଅଗ୍ରଣୀ ଅନୁଷ୍ଠାନ ବୋଲି ଏହି କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ର ଶିକ୍ଷକ ମାନେ ମତ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଛାତ୍ର ଶିକ୍ଷକ ବିପସିକା ମିଶ୍ର, ପ୍ରତିମା ବେହେରା, ଅନ୍ୱେଷା ପଣ୍ଡା, ଦେବଦତ୍ତ ରଣା, ଐଶ୍ୱର୍ଯ୍ୟା ସାହୁ, ପ୍ରତ୍ୟାଶା ସାହୁ, ପ୍ରିୟା ସ୍ୱାଇଁ, ରତିକାନ୍ତ ଦାସ ଓ ଜିତୁନ ଲେଙ୍କାଙ୍କ ସମେତ ସମସ୍ତ ଛାତ୍ର ଛାତ୍ରୀ ନିଜ ନିଜର ଅନୁଭୂତି ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷ ବର୍ଷର ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଅନୁଷ୍ଠାନ ତରଫରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପହାର ପ୍ରଦାନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଜ୍ୟୋତିରଞ୍ଜନ ବର, ଦିବ୍ୟରଞ୍ଜନ ପ୍ରଧାନ, ଅଭିଜିତ୍ ସାହୁ, ଲିଙ୍କନ ଆଚାର୍ଯ୍ୟ, ଦେବାଶିଷ ସାହୁ, ଅଙ୍କିତା ପଲାଇ ଓ ହିମାନୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶେଷରେ ଦେବଦତ୍ତ ରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଈଶାଣୀ ବୈଶାଖୀ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା

## ଲବଣ ସତ୍ୟାଗ୍ରହ ମିନି-ଷ୍ଟେଡିୟମ୍‌ର ପୂର୍ଣ୍ଣାଙ୍ଗ ନିର୍ମାଣ ଦାବି

## ଉଡ଼ାଯାତ୍ରାରେ ସମବେତ ୩୦ ହଜାରରୁ ଅଧିକ ଜନସମାଗମ



ବାଲେଶ୍ୱର, ୧୫/୪ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ଈଶାଣୀ ଉଡ଼ାଯାତ୍ରା ପଡ଼ିଆ ତଥା 'ଲବଣ ସତ୍ୟାଗ୍ରହ ସ୍ମାରକୀ ଷ୍ଟେଡିୟମ୍'ରେ 'ବୈଶାଖୀ ମହୋତ୍ସବ' ଏକାଦଶ ସଂସ୍କରଣର ଚତୁର୍ଥ ଏବଂ ପଞ୍ଚମ ସନ୍ଧ୍ୟା ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ୪ର୍ଥ ସନ୍ଧ୍ୟାରେ ମହୋତ୍ସବର ଉପସଭାପତି ନରେନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଦୀର୍ଘ ୧୧ ବର୍ଷର ସ୍ମୃତିକୁ ମନେପକାଇ ବାଲେଶ୍ୱର ଉପକୂଳବର୍ତ୍ତୀ ପ୍ରାୟ ୪୦ ଖଣ୍ଡ ଗ୍ରାମାଞ୍ଚଳବାସୀଙ୍କ ଉତ୍ସାହ ଉଦ୍ଦୀପନାକୁ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବରେ ଦୈନିକ 'ସକାଳ' ଉତ୍ତର ଓଡ଼ିଶା ସଂସ୍କରଣର ମୁଖ୍ୟ ଅସୀମ ମହାପାତ୍ର, ବାଲେଶ୍ୱରର ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ, ବିଶିଷ୍ଟ ଜନବାଦୀ କର୍ମୀ ସୁବକ୍ତା ଅରୁଣ ଜେନା ଏବଂ ଯୁବଉଦ୍ୟୋଗୀ ଚନ୍ଦ୍ରଶେଖର ରାଉତ ପ୍ରମୁଖ ଉପସ୍ଥିତ ଜନସମାବେଶକୁ ସାଧୁବାଦ ଜଣାଇଥିଲେ। ନବଭାରତ ଗଠନର ପିତାମହ ଅହିଂସାର ପୂଜାରୀ ମହାତ୍ମାଗାନ୍ଧୀ - ଏ ମାଟିରେ ପାଦସ୍ପର୍ଶ କରି ଶାନ୍ତି, ମୈତ୍ରୀ ଓ ପ୍ରଗତିର ସତ୍ୟାଗ୍ରହ ପ୍ରେରଣା ଆଣିଦେବା ଈଶାଣୀ ମାଟିର ଶ୍ରେଷ୍ଠ ପୁରସ୍କାର ବୋଲି ଅତିଥିବର୍ଗ ନିଜନିଜର ପ୍ରାଣସ୍ପର୍ଶୀ ବକ୍ତବ୍ୟ ରଖିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ସମବେତ ହଜାର ହଜାର ଭକ୍ତାଲୁ ବାଜା, ହୁଳହୋଳି ଶବ୍ଦରେ ପ୍ରକମ୍ପିତ କରିଥିବା ଗହଳି ଭିତରେ ମୁଖ୍ୟଅତିଥି ଓ ପ୍ରାକ୍ତନ ସାଂସଦ ରବୀନ୍ଦ୍ର କୁମାର ଜେନା ପାଟ ଭକତାମାନଙ୍କୁ ଏବଂ ପୂଜ୍ୟ ପୂଜକଙ୍କୁ ଭକ୍ତିପୂତ ପ୍ରଣାମ ଜଣାଇ ଉଡ଼ାଯାତ୍ରାର ଶୁଭ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ମଂଚରେ ଉପସ୍ଥିତ ଅତିଥିବର୍ଗ ଶୁଭେଚ୍ଛୁ ନୀଳଗିରିର ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସାମାଜିକ କର୍ମୀ ବିରଳ ସଂଗ୍ରାହକ ସର୍ବେଶ୍ୱର ଦାସ, ସାରଗାଁର ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାୟକ, ସାରଗାଁର ନାଏକ ସରପଞ୍ଚ ମନ୍ମଥ ମାଝୀ, ଆଇନଜୀବୀ ସତ୍ୟେନ୍ଦ୍ର ରାଉତ, ବୈଶାଖୀ ମହୋତ୍ସବର ସଭାପତି ଆଇନଜୀବୀ ଅଶୋକ କୁମାର ସେନାପତି, ସାଧାରଣ ସଂପାଦକ ଭାଗବତ ସାହୁ ପ୍ରମୁଖ ନିଜନିଜର ସଂବେଦନଶୀଳ ସଂଘର୍ଷମୂଳକ ବକ୍ତବ୍ୟରେ ଲବଣ ସତ୍ୟାଗ୍ରହ ମିନିଷ୍ଟେଡିୟମ୍‌ର ପୂର୍ଣ୍ଣାଙ୍ଗ ନିର୍ମାଣ ବାବଦରେ ଅଂଚଳର ଲୋକପ୍ରତିନିଧି, ସରକାରୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି 'ମଣିଷର ସେବା ହିଁ ବୈଶାଖୀ ମହୋତ୍ସବର ଏକମାତ୍ର ଉଚ୍ଚାରଣ' ବୋଲି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସବୁଥର ପରି ଏ ବର୍ଷ ମଧ୍ୟ ଶ୍ରୀମତୀ ବାସନ୍ତୀ ପାତ୍ରଙ୍କ ପ୍ରକାଶିତ ଓ ଉପସଭାପତି କବି ଶ୍ରୀଦେବଙ୍କ ସଂପାଦିତ 'ବୈଶାଖୀ' ଶିରୋନାମାରେ ପ୍ରକାଶିତ ସ୍ମରଣିକାକୁ ମୁଖ୍ୟଅତିଥି ଶ୍ରୀଯୁକ୍ତ ରବୀନ୍ଦ୍ର ଜେନା ଓ ମୁଖ୍ୟବକ୍ତା ଶ୍ରୀଯୁକ୍ତ ପ୍ରଦୀପ୍ତ ପଣ୍ଡା ଦ୍ୱାରା ଲୋକାର୍ପିତ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟା କବି ଶ୍ରୀଦେବଙ୍କ ପୌରୋହିତ୍ୟରେ ହୋଇଥିଲାବେଳେ କାର୍ଯ୍ୟକାରୀ ସଦସ୍ୟ ଡମ୍ବରୁଧର ଦାସ ତାଙ୍କ 'ଶେଷକଥା' ରଖିଥିଲେ। ଏହି ଉପଲକ୍ଷେ ସାଥୀ ସଦସ୍ୟ ସଦସ୍ୟାମାନଙ୍କ ଅକ୍ଳାନ୍ତ ପରିଶ୍ରମ ଓ ନିରବଚ୍ଛିନ୍ନ ସହଯୋଗପାଇଁ ଅନୁଷ୍ଠାନର ସଭାପତି ଓ ସଂପାଦକଙ୍କ ଦ୍ୱାରା ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର କର୍ମକର୍ତ୍ତା ସଂଗୀତାଶ୍ରୟୀ ଶ୍ରୀକାନ୍ତ ଦାସ ଓ ସାଥୀମାନଙ୍କ ଦ୍ୱାରା 'ସ୍ୱାଗତ ସଂଗୀତ' ପରିବେଷଣ କରିଥିବାବେଳେ 'ବନ୍ଦେ ମାତରମ୍ ସଂଗୀତ'ରେ ଉଦ୍‌ଯାପନ କରାଯାଇଥିଲା।

# ରୂପସା ଜଙ୍କସନ୍‌ରୁ ବେଙ୍ଗାଲୁରୁକୁ ଚାଲିବ ଗ୍ରୀଷ୍ମ କାଳୀନ ସ୍ପେଶାଲ୍ ଏକ୍ସପ୍ରେସ: ଯାତ୍ରୀ ମହଲରେ ଖୁସିର ଲହରୀ

## ରେଳମନ୍ତ୍ରୀ ଓ ବାଲେଶ୍ୱର ସାଂସଦଙ୍କୁ ଧନ୍ୟବାଦ ଦେଲା ରୂପସା ରେଳ ବ୍ୟବହାର କାରୀ ସଂଘ

ବସ୍ତା,୧୫।ନିପ୍ର):ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ବିଭିନ୍ନ ରୁଟ୍ ରେ କିଛି ଏକ୍ସପ୍ରେସ ଟ୍ରେନ ଚାଲିବା ନେଇ ରେଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଉତ୍ତର ବାଲେଶ୍ୱରର ବହୁ ପୁରାତନ ରୂପସା ଜଙ୍ଗସନ୍ ଷ୍ଟେସନ କୁ ଏକ ସ୍ୱତନ୍ତ୍ର ପରିଚୟ ମିଳିବାକୁ ଯାଉଛି। ମାସର ୬ ଥର ରୂପସା - ବାଙ୍ଗାଲୁରୁ ୦୬୫୪୫ ଓ ୦୬୫୪୬ ଏକ୍ସପ୍ରେସ ଅପ୍ ଓ ଡାଉନ୍ ରେ ଚାଲିବ। ଏନେଇ ରେଳ ବିଭାଗ ପକ୍ଷରୁ ୧୪ ଏପ୍ରିଲ ୪୧/୨୦୨୬-୨୭ ରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି।ଏହି ଟ୍ରେନ ବାଙ୍ଗାଲୁରୁ ରୁ ରୂପସା ଅଭିମୁଖେ ୧୫ତାରିଖରେ ୧୬.୩୫ ରେ ଛାଡୁ ଥିବା ବେଳେ ୧୬ ତାରିଖ ୨୩.୩୦ରେ ରୂପସାରୁ ବାଙ୍ଗାଲୁରୁ ଅଭିମୁଖେ ଯାତ୍ରା କରିବ ବୋଲି ଜଣା ପଡିଛି। ବିଶେଷ କରି ବେଙ୍ଗାଲୁରକୁ ଟ୍ରେନରେ ଟିକେଟ ମିଳିବା କଷ୍ଟକର ହେଉଥିବା ବେଳେ ଏହା ଉତ୍ତର ବାଲେଶ୍ୱର ସହିତ ପଡୋଶୀ ମୟୂରଭଂଜ ଜିଲ୍ଲାର ଯାତ୍ରୀଙ୍କ ଯାତାୟାତରେ ଅନେକ ସୁବିଧା ସାଧନ ହେବ।ଏହା ଫଳରେ ରୂପସା ଜଙ୍ଗସନ୍ ବିକାଶର ଏକ ନୂଆ ଫର୍ଦ୍ଦ ଯୋଡ଼ିହେବ ବୋଲି କୁହାଯାଉଛି। ଏହି ବିଜ୍ଞପ୍ତି ପ୍ରକାଶ ନେଇ ରୂପସା ରେଳ ବ୍ୟବହାରକାରୀ ସଂଘର ସଭାପତି ହରେନ୍ଦ୍ର ଦାସ ଓ ସମ୍ପାଦକ ସୁବେଶ ନାୟକ, ଉପସଭାପତି ଦେବାଶୀଷ ମହାପାତ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଦ୍ୱନ୍ଦ୍ୱରେ ଜନଗଣନା ଅଧିକାରୀ: ମ୍ୟାପରୁ ଅଞ୍ଚଳ ଚିହ୍ନଟ ସୃଷ୍ଟି କରୁଛି ସମସ୍ୟା

ବୈଶିଙ୍ଗା , ୧୫/୪ (ନି.ପ୍ର): ଆସନ୍ତାକାଲିଠାରୁ ଦେଶରେ ଜନଗଣନା ଓ ଗୃହ ଗଣନା ସର୍ଭେ ଆରମ୍ଭ ହେବାକୁ ଯାଉଛି । ତେବେ ଜନଗଣନାକାରୀ ମାନେ କେଉଁ ଗାଁର କେତେ ଅଞ୍ଚଳ ସର୍ଭେ କରିବେ ତାହା ଏବେ ବିଶାଳ ସମସ୍ୟା ହୋଇ ଠିଆ ହୋଇଛି । କେବଳ ମ୍ୟାପଟିଏ ଦିଆଯାଇଥିବାରୁ ଏହା କେଉଁ ଅଞ୍ଚଳର କେତେ ଅଂଶ ବୋଲି ଜନଗଣନାକାରୀ ମାନେ ଦ୍ୱନ୍ଦ୍ୱରେ ପଡିଛନ୍ତି । ଉଭୟ ସ୍ଥାନୀୟ ଓ ଅଞ୍ଚଳ ସହ ପରିଚିତ ନଥିବା ବହିରାଗତ ଜନଗଣନାକାରୀ ମାନେ ସମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ଜନଗଣନାକାରୀ ମାନେ ଗ୍ରାମ ଗୁଡିକର ସ୍ଥିତି ବିଷୟରେ ପୂର୍ବରୁ ଅବଗତ ଥିଲା ମଧ୍ୟ ମିଳିଥିବା ମ୍ୟାପ ତାଙ୍କ ମୁଣ୍ଡ ବିଗାଡି ଦେଉଛି । ଆଉ ନବାଗତମାନଙ୍କ ସମସ୍ୟା ନକହିଲେ ଭଲ । ଜଣେଜଣେ ଜନଗଣନାକାରୀଙ୍କୁ ଗୋଟିଏ ରାଜସ୍ୱ ଗ୍ରାମର ଦୁଇ ତିନୋଟି ପଡା ଗ୍ରାମ ସର୍ଭେ ପାଇଁ କୁହାଯାଇଥିବାରୁ ସେମାନେ ଅଧିକ ସମସ୍ୟା ଭୋଗୁଛନ୍ତି । ଗୋଟିଏ ଗୋଟିଏ ଗାଁକୁ ଦୁଇଜଣ ଗଣନାକାରୀଙ୍କୁ ଦିଆଯାଇଥିବାରୁ ଜଣେ କେଉଁ କେଉଁ ଗୃହ ଓ ଅନ୍ୟଜଣେ କେଉଁକେଉଁ ଗୃହ ସର୍ଭେ କରିବେ ତାହା ଦ୍ୱନ୍ଦ୍ୱ ଉପୁଜାଉଛି । ପୁରୁଣା ଗୃହ ତାଲିକା କିମ୍ବା କେଉଁ ବ୍ୟକ୍ତିଙ୍କ ଘରଠାରୁ କେଉଁ ବ୍ୟକ୍ତିଙ୍କ ଘର ପର୍ଯ୍ୟନ୍ତ ସର୍ଭେ ହେବ ତାହା ଉଲ୍ଲେଖ କରାଯାଇଥିଲେ ସହଜ ହୋଇଥାନ୍ତା । ୱାର୍ଡ ତାଲିକା ଅନୁସାରେ ଜନଗଣନା ଓ ଗୃହ ସର୍ଭେ ପାଇଁ ଦିଆଯାଇଥିଲେ ମଧ୍ୟ ସୁବିଧା ହୋଇଥାନ୍ତା । କିମ୍ବା ବୁଥ ଅନୁସାରେ ଜନଗଣନା ଓ ଗୃହ ଗଣନା ପାଇଁ ବ୍ୟବସ୍ଥା ହୋଇଥିଲେ ଅନେକ ସୁଗମ ହୁଅନ୍ତା । ମ୍ୟାପ ପ୍ରଦାନ କାରଣରୁ ମ୍ୟାପରୁ ତଥ୍ୟ ସଂଗ୍ରହ ଓ ଗୃହ ଚିହ୍ନଟ ଏବେ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ମ୍ୟାପ ପଠନ ସହଜ କାମ ହୋଇନଥିବାରୁ ଏଥିରୁ ଗ୍ରାମ ଓ ଗୃହ ଚିହ୍ନଟ ଏବେ ପ୍ରମୁଖ ସମସ୍ୟା ହୋଇ ମୁଣ୍ଡ ଟେକିଛି । ଶିକ୍ଷକମାନେ କ'ଣ ଅମିନ ନା ଆର.ଆଇ. ଯେ ମ୍ୟାପ ଦେଖି ସବୁ ବୁଝିଯିବେ । ଯଦି ମ୍ୟାପ ଦିଆଗଲା ତେବେ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ମଧ୍ୟ ଜନଗଣନାରୀଙ୍କୁ ଅଞ୍ଚଳ ଚିହ୍ନଟରେ ସହଯୋଗ ପାଇଁ ନିର୍ଦ୍ଦେଶ ଥିଲେ ଭଲ ହୁଅନ୍ତା । ସମସ୍ୟା ଏମିତି ହୋଇଛି ଯେ ଜନଗଣନାକାରୀ ମାନେ ସୁପରଭାଇଜର ମାନଙ୍କ ଠାରୁ ମଧ୍ୟ ଏଦିଗରେ ବିଶେଷ ସହଯୋଗ ପାଇ ପାରୁନାହାଁନ୍ତି । ତେଣୁ ଏଦିଗରେ ବିଭାଗୀୟ ଅଧିକାରୀମାନେ ଧ୍ୟାନ ଦେବାକୁ ଦାବି ହେଉଛି ।

## ପାଣିରେ ବୁଡ଼ି ସମିତିସଭ୍ୟଙ୍କ ମାଆଙ୍କ ମୃତ୍ୟୁ

ନୀଳଗିରି, ୧୫/୪ (ନି.ପ୍ର): ପାଣିରେ ପଡି ଜଣେବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି।ଏଭଳି ଅଘଟଣ ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ଉଡ଼ାପଦା ନିକଟ ରାବିଡିସାହି ଅଞ୍ଚଳରେ ଘଟିଛି। ମୃତକ ହେଲେ ଧୋବଶିଳା ପଞ୍ଚାୟତର ସମିତିସଭ୍ୟ ପାଗୁଲୁ ସିଂଙ୍କ ମାଆ ତଥା ସ୍ୱାମୀ ରଥ ସିଂଙ୍କ ପତ୍ନୀ ରଇବାରି ସିଂ(୬୧)। ସୂଚନା ଅନୁଯାୟୀ ରାବିଡିସାହି ଅଞ୍ଚଳରେ ଥିବା ସୁରେଶ ଦାସଙ୍କ ଘରୋଇ ପୋଖରୀକୁ ବୃଦ୍ଧାଜଣକ ଗାଧୋଇବାପାଇଁ ଯାଇଥିବା ବେଳେ ଅସାବଧାନତା କାରଣରୁ ଗୋଡ଼ଖସି ବୁଡ଼ି ଯାଇଥିଲେ। ତାଙ୍କୁ ଖୋଜାଖୋଜି କରିବାପରେ ପାଣିରୁ ଉଦ୍ଧାରପରେ ନୀଳଗିରି ହସ୍ପିଟାଲକୁ ନିଆଯାଇଥିଲା । ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ।ପୋଲିସ ଏନେଇ ଅପମୃତ୍ୟୁ ମାମଲା ରୁଜୁକରି ଶବଟିର ପୋଷ୍ଟମୋଟମ କରିଛି।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କଲା ଜିଲ୍ଲା ପ୍ରଶାସନ



ଖୋରଧା , ୧୫/୪ (ନି.ପ୍ର): ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ବେସରକାରୀ ଶିକ୍ଷାନୁଷ୍ଠାନର ପ୍ରଭାବଶାଳୀ ବ୍ୟକ୍ତି ବୋଲାଉଥିବା ମହେନ୍ଦ୍ର ପ୍ରତାପ ଖୋରଧା ତହସିଲ ଅଧିନସ୍ଥ ବରସାହି ମୌଜାରେ ଥିବା ଖାତା ନଂ -୫୬୧, ପ୍ଲଟ ନଂ - ୨୭୫୬, ପ୍ଲଟ ନଂ -୧୭୩୨ ଏବଂ ଖାତା ନଂ -୫୬୩, ପ୍ଲଟ ନଂ - ୧୬୯୬ ରେ ଥିବା ପ୍ରାୟ ତିନି ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମି ଦୀର୍ଘ ଦିନ ଧରି ଜବରଦଖଲ କରି ରଖିଥିବା ବେଳେ ଆଜି ଖୋରଧା ଜିଲ୍ଲା ପ୍ରସାଶନ ପକ୍ଷରୁ ଉଚ୍ଛେଦ କରାଯାଇଛି । ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରସାଶନ ପକ୍ଷରୁ ଏକ ପ୍ଲାଟୁନ ପୁଲିସ ଫୋର୍ସ ସହିତ ଖୋରଧା ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ତହିଲଦାର ଜି. ଗୋପାଳ ରେଡ୍ଡି, ଖୋରଧା ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ ପ୍ରମୁଖଙ୍କ ଉପସ୍ଥିତି ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରଯାଇଥିଲା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜିଲ୍ଲା ପ୍ରସାଶନର ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରିବା ନିମନ୍ତେ କିଛି ସ୍ଥାନୀୟ ମହିଳାଙ୍କୁ ନିୟୋଜିତ କରାଯାଇଥିଲା । ମହିଳା ମାନେ ଉଚ୍ଛେଦ ସମୟରେ ସେଠାରେ ଉପସ୍ଥିତ ଥିବା ତହସିଲଦାରଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ । ଏ ସମ୍ପର୍କରେ ଖବର ପାଇ ଖୋରଧା ଉପ ଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ ଘଟଣା ସ୍ଥଳରେ ପହଞ୍ଚି ସେଠାରେ ଉପସ୍ଥିତ ଥିବା ବିରୋଧକାରୀଙ୍କୁ ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶକୁ ମାନିବାକୁ କହିବା ସହିତ ଉଚ୍ଛେଦ ପ୍ରକ୍ରିୟାରେ ପ୍ରଶାସନକୁ ସହଯୋଗ କରିବାକୁ କହିଥିଲେ । ଫଳ ରେ ପରିସ୍ଥିତି ଶାନ୍ତ ପଡିଥିଲା । ଉଚ୍ଛେଦ ସମୟରେ ଜବରଦଖଲକାରୀ ମହେନ୍ଦ୍ର ପ୍ରତାପଙ୍କୁ ଦେଖିବାକୁ ମିଳିନଥିଲା । ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ ମୁତାବକ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ଆସନ୍ତା କାଲି ପୁର୍ନବାର ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରାଯିବା, ସମସ୍ତ ଜବର ଦଖଲକୁ ଉଚ୍ଛେଦ କରାଯାଇ ଉକ୍ତ ଜମି ସବୁକୁ ଇଡକୋକୁ ହସ୍ତାନ୍ତର କରାଯିବ ବୋଲି ଉପ ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

# ନିଆଁଲାଗି ଜଳିଗଲା ତିନିବଖରା ଘର

ନୀଳଗିରି, ୧୫/୪ (ନି.ପ୍ର): ନୀଳଗିରି ବ୍ଲକ ଭଉଁରିଆବାଡ ପଞ୍ଚାୟତ ତେନ୍ତୁଳାପଡା ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନିଆଁଲାଗି ୩ ବଖରାଘର ଜଳିପୋଡି ପାଉଁଶ ହୋଇଯାଇଛି। ସୂଚନା ମୁତାବକ ଆଜି ମଧ୍ୟାହ୍ନ ସମୟରେ ଉକ୍ତ ଗ୍ରାମର ସୋନା ସିଂଙ୍କ ଚାଳଘରେ କୌଣସି କାରଣ ବଶତଃ ନିଆଁ ଲାଗିଥିଲା। ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହ ମିଶି ନିଆଁ ଲିଭାଇବାକୁ ଚେଷ୍ଟାକରିବା ସହ ନୀଳଗିରି ଅଗ୍ନିଶମ ବିଭାଗକୁ ଅବଗତ କରିଥିଲେ। ହେଲେ ନିଆଁର ମାତ୍ରା ଅତ୍ୟଧିକ ରହିଥିବା କାରଣରୁ ଅଗ୍ନିଶମ ବିଭାଗ ନିଆଁ ଲିଭାଇବା ପୂର୍ବରୁ ୨ ବଖରା ଚାଳଘର ଓ ଗୋଟିଏ ଆଜବେଷ୍ଟସ ଘର ଜଳିପୋଡି ପାଉଁଶ ହୋଇଯାଇଥିଲା। ଘରେ ଥିବା ଲକ୍ଷାଧିକଟଙ୍କାର ଆସବାବପତ୍ର ଜଳି ପୋଡି ପାଉଁଶ ହୋଇଯାଇଛି। ସରକାରୀ ସହାୟତା ସହ ସ୍ୱେଚ୍ଛାସେବୀ ସଙ୍ଗଠନର ସହାୟତା ଲୋଡିଛନ୍ତି ପରିବାର ଲୋକେ।

# ହାସିମପୁର ଗ୍ରାମରୁ ମୟୂର ଉଦ୍ଧାର



ବାଲିଆପାଳ , ୧୫/୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ହାସିମପୁର ଗ୍ରାମରେ ସୂର୍ଯ୍ୟାନ୍ତ ମହାନ୍ତିଙ୍କ ବାଡିରେ ଏକ ମୟୂର ପଛରେ କିଛି ବୁଲା କୁକୁର ଗୋଡାଉଥିବାର ଦେଖିଥିଲେ । ପରିବାର ଲୋକେ ମୟୂର ଟିକୁ ଉଦ୍ଧାର କରି ଘରକୁ ଆଣିଥିଲେ। ମୟୂରଟି କୁଆଡୁ ଆସିଲା ତାହା ଜଣାପଡୁନାହି। ସ୍ଥାନୀୟ ଲୋକେ ଦେଖିବା ପାଇଁ ଭିଡ଼ ଜମାଇଥିଲେ। ପରେ ବନ ବିଭାଗକୁ ଖବର ଦିଆଯାଇଥିଲା। ଖବର ପାଇ ବନବିଭାଗ ଅଧିକାରୀ ମନୋଜ ଧଡା ଓ ତାଙ୍କ ଟିମ ପହଞ୍ଚି ମୟୂର ଟିକୁ ନିଜ ହେପାଜତକୁ ନେଇଛନ୍ତି । ଡିଏଫଙ୍କ ପରାମର୍ଶରେ ଯୋଉଠି ଛାଡିବା କଥା ଛଡ଼ା ଯିବ ବୋଲି କହିବା ସହିତ ପୋଷ ମୟୂର ବୋଲି ଜଣାପଡୁଛି ବୋଲି ବନ ଅଧିକାରୀ କହିଛନ୍ତି।

# ଗତିପୁରଠାରେ ଚଡକ ପର୍ବ ସଂମ୍ପନ୍ନ



ବାଲିଆପାଳ , ୧୫/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ପ୍ରମୁଖ ଶୈବପୀଠ ମଧ୍ୟରୁ ଜଗତିପୁର ଠାରେ ଥିବା ଜଗତେଶ୍ୱର ଏବଂ ରନତ୍ରେଶ୍ୱରଙ୍କର ମଙ୍ଗଳବାର ଚଡକ ଯାତ୍ରା ସଂମ୍ପନ୍ନ ହୋଇଛି। ଏହି ପୀଠରେ ୧୩ ଦିନ ଧରି ବ୍ରତଧାରୀ ମାନେ ଅପରାହ୍ନରେ ଏକ ଶୋଭାଯାତ୍ରାରେ ରତାଇ ସ୍ଥିତ ହାକାଣ୍ଡ ପୋଖରୀକୁ ଯାଇଥିଲେ। ପରମ୍ପରା ଅନୁଯାୟୀ ମାଳଚନ୍ଦିନି ହେବା ପରେ ମାନସିକ ପୂରଣ କରିବା ପାଇଁ କେତେକ ଭକ୍ତା ଜିଭ ଏବଂ ପିଠିରେ ଲୁହା କଣ୍ଟା ଫୋଡି ବାଦ୍ୟର ତାଳେତାଳେ ମନ୍ଦିର ପାଖକୁ ଆସିଥିଲେ। ସେହିପରି ମହିଳା ଭକ୍ତା ମୁଣ୍ଡରେ ଝୁଣା ସରା ମୁଣ୍ଡାଇ ମନ୍ଦିର ପର୍ଯ୍ୟନ୍ତ ଆସି ମନ୍ଦିର ପରିକ୍ରମା କରିଥିଲେ। ଏଇ ପୀଠ ଦୁଇଟି ପାଖାପାଖି ରହିଥିବାରୁ ଠାକୁରଙ୍କର ନୀତି କାନ୍ତି ଏକା ସମୟରେ ହୋଇଥାଏ। ମହାଦେବ ଙ୍କର ଜାହିରା ରହିଥିବାରୁ ଏଠାରେ ବହୁ ଭକ୍ତା ଉପବୀତ ଧାରଣ କରିଥାନ୍ତି। ସବୁଠାରୁ ବିଶେଷ ଆକର୍ଷଣ ଅମ୍ବିକାଠ ସହ ନିଜ ଦେହକୁ ଗାମୁଛାରେ ବନ୍ଧାଯାଇ ଉଡିଥାନ୍ତି ଭକ୍ତା ମାନେ । ଡାକ,ବାଜା, ତୋରଣ ରେ ଝୁମିଥିଲେ ଦର୍ଶକ। ପାଟ ଭକ୍ତା ସନାତନ ରାଉତ, ଘଟୁଆଳ ଗୌର ବାରିକ, ଜନ୍ମଞ୍ଜୟ ବାରିକ, ଅରୁଣ ଜେନା, ନଳିନୀ କାନ୍ତ ଜେନା, ସୃଷ୍ଟି ଧର ରାଉତ ପ୍ରମୁଖ ଏବଂ ମୁଖ୍ୟ ପୂଜକ ପୂର୍ଣଚନ୍ଦ୍ର ପଣ୍ଡା ଥିବାବେଳେ ଜଗତିପୁର ଗ୍ରାମର ଭକ୍ତିପଦ ପଣ୍ଡା,ସରପଞ୍ଚ ସୁବାସ, ବେହେରା, ସମିତି ସଭ୍ୟ ଶାନ୍ତନୁ ମହାପାତ୍ର, ସଂଗ୍ରାମ ପରିଡା ରତି କାନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଭାବବନ୍ଧନ ମୁଖପତ୍ର ପ୍ରକାଶନ ପ୍ରସ୍ତୁତି ବୈଠକ



ଉଦଳା, ୧୫/୪ (ନି.ପ୍ର): ନୁଦଢ଼ିହା ପିଙ୍ଗୁସ୍ଥିତ ବିରାଟ ଲୀଳାକ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିରର ପବିତ୍ର ବାହୁଡ଼ା ଯାତ୍ରାରେ ପ୍ରକାଶିତ ହୋଇ ଆସୁଥିବା ବାର୍ଷିକ ଆଧ୍ୟାତ୍ମିକ ମୁଖପତ୍ର ଭାବବନ୍ଧନ- ୨୦୨୬ର ପ୍ରକାଶନ ନିମନ୍ତେ ପବିତ୍ର ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତିର ଶୁଭ ଅବସରରେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଶ୍ରୀଜଗନ୍ନାଥ ମନ୍ଦିର କମିଟିର ମୁଖ୍ୟ ଉପଦେଷ୍ଟା ସୁଧାଂଶୁ କୁମାର ଦାଶ ପୌରହିତ୍ୟ କରି ଏବର୍ଷର ରଥଯାତ୍ରା ଓ ବାହୁଡ଼ାଯାତ୍ରାର ତିଥି ଦର୍ଶାଇ ଆଗାମୀ ବର୍ଷ ଠାରୁ ମହାବିଷୁବ ସଂକ୍ରାନ୍ତି ଦିନ ପ୍ରତିଷ୍ଠିତ ଲେଖକ ଲେଖିକାଙ୍କୁ ନେଇ "ବିଷୁବ ମିଳନ ଉତ୍ସବ" ପାଳନ କରିବାକୁ ପ୍ରସ୍ତାବ ଆଗତ କରିଥିଲେ । ଏହି ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇ ପାଳନ କରାଯିବାର ନିଷ୍ପତି ଗୃହୀତ ହେଲା । ତେଣୁ ଲେଖକ-ଲେଖିକା ଓ କବି କବୟିତ୍ରୀ ମାନଙ୍କୁ ବିନମ୍ର ନିବେଦନ ଆଗାମୀ ବିଷୁବ ସଂକ୍ରାନ୍ତି-୨୦୨୭ର ୨୦ ଦିନ ପୂର୍ବରୁ ମହାବିଷୁବ ସଂକ୍ରାନ୍ତି ପ୍ରସଙ୍ଗକୁ ନେଇ ପ୍ରବନ୍ଧ ଓ କବିତାମାନ ନିମ୍ନ ଠିକଣାରେ ପ୍ରେରଣ କରିବାକୁ ଅନୁରୋଧ । ଏହା ସହିତ ଏ ବର୍ଷର ଭାବବନ୍ଧନ ପ୍ରକାଶନ ନିମନ୍ତେ ୨୦୨୬ ମସିହା ମଇ ମାସ ୩୧ ତାରିଖ ସୁଦ୍ଧା ଲେଖା ଗୁଡ଼ିକ ନିମ୍ନ ସୂଚିତ ସଂପାଦକଙ୍କ ଠିକଣାରେ ପ୍ରେରଣ କରିବେ । ଲେଖା ଗୁଡ଼ିକ ପାଇଁ ନିୟମ ଗୁଡ଼ିକ ହେଲା –(୧) ଏହା ନିଜସ୍ୱ ଲେଖା ହୋଇଥିବ । (୨) ପ୍ରତ୍ୟେକଟି ଲେଖା ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ନୀତିକାନ୍ତି ଭିତିକ ହୋଇଥିବ । (୩) ଗଦ୍ୟ ଲେଖା ଗୁଡ଼ିକ ୪ ପୃଷ୍ଠା ସମ୍ବଳିତ ଓ କବିତା ଗୁଡ଼ିକ ୨୦ ଧାଡ଼ି ମଧ୍ୟରେ ସୀମିତ ହେବ । (୪) ନିଜ ଲେଖାକୁ ଏ୪ ସାଇଜ ପେପରରେ ଗୋଟିଏ ପାଶ୍ୱର୍ରେ ସୁନ୍ଦର ହସ୍ତାକ୍ଷରରେ କିମ୍ବା ଡ଼ିଟିପି କରି ପଠାଇବେ । (୫) ନିଜ ଲେଖା ସହିତ ପାସପୋର୍ଟ ସାଇଜ ରଙ୍ଗିନ ଫଟୋଟିଏ ସଂଯୋଗ କରି ପଠାଇବେ । ଯୋଗାଯୋଗ ଠିକଣା- (କ) ପ୍ରାକ୍ତନ ପ୍ରାଧ୍ୟାପକ ଭୋଳାନାଥ ସାହୁ, ଯନ୍ତୀଦା, ୱାର୍ଡ଼ ନଂ- ୬, ଏନ୍.ଏ.ସି. ଉଦଳା, ମୟୂରଭଞ୍ଜ, ପିନ୍-୭୫୭୦୪୧, ମୋବାଇଲ - ୯୯୩୭୧୫୧୩୧୦, (ଖ) ପ୍ରାକ୍ତନ ଶିକ୍ଷକ ପ୍ରଫୁଲ୍ଲ କୁମାର ଖିଲାର, ଜଗନ୍ନାଥ, ୱାର୍ଡ଼ ନଂ-୧୧, ଉଦଳା ଏନ୍.ଏ.ସି., ମୋ-୭୩୨୮୦୧୩୫୭୯ । (ଗ) ମନୋରଂଜନ ମଲ୍ଲିକ (ଗ୍ରନ୍ଥାଗାରିକ) ନୁଦଢ଼ିହା, ମୟୂରଭଞ୍ଜ, ପିନ୍-୭୫୭୦୭୭, ମୋ-୯୪୩୮୧୧୬୮୪୨ । ବି.ଦ୍ର - ଲେଖା ଗୁଡ଼ିକୁ ପେଜମେକରରେ ଟାଇପ କରି bholanathsahoo151310@gmail.com ରେ ପଠାଇପାରିବେ । ବୈଠକରେ ମୁଖ୍ୟ ସଂପାଦକ ପ୍ରାକ୍ତନ ପ୍ରାଧ୍ୟାପକ ଭୋଳାନାଥ ସାହୁ, ସମ୍ପାଦକ ପ୍ରଫୁଲ୍ଲ କୁମାର ଖିଲାର, ମନୋରଂଜନ ମଲିକ, ପ୍ରଫୁଲ କୁମାର ପରିଡ଼ା, ବୃନ୍ଦାବନ ବେହେରା, ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ସାମଗ୍ରୀକ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ମନୋରଂଜନ ମଲିକ ଧନ୍ୟବାଦ ଦେଇଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida